

ଜୁନ୍ ୨୭ରେ 'ନିକିତା ରାୟ'

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-336 ◆BHUBANESWAR ◆WEDNESDAY ◆4 JUNE 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୨ ◆ସଂଖ୍ୟା-୩୩୬ ◆ଭୁବନେଶ୍ୱର ◆ବୁଧବାର ◆୪ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପାକ୍ ଜେଲ୍‌ରୁ ୨୧୬ କଏଦୀ ଫେରାର୍; ଧରା ହେଲେ ୮୦

■ **ଇସ୍‌ଲାମାବାଦ୍, ୩।୬ (ଏଜେନ୍ସି):** ପାକିସ୍ତାନର କରାଚୀସ୍ଥିତ ମଲିର ଜେଲ୍‌ରୁ ସୋମବାର ରାତିରେ ୨୧୬ ଜଣ କଏଦୀ ଫେରାର ହୋଇଛନ୍ତି। କରାଚୀରେ ହୋଇଥିବା ଭୂକମ୍ପ କାରଣରୁ ନିରାପତ୍ତା ପାଇଁ ସ୍ଥାନାନ୍ତର କରିବା ବେଳେ କଏଦୀମାନେ ଚମ୍ପଟ ମାରିଥିଲେ ଜେଲ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏମାନଙ୍କ ମଧ୍ୟରୁ ପାଖାପାଖି ୮୦ ଜଣଙ୍କୁ ପୁଣିଥରେ ଧରା ଯାଇଛି। କିନ୍ତୁ ୧୩୫ଜଣ କଏଦୀ ଏବେବି ଫେରାର ରହିଛନ୍ତି। ପ୍ରଥମେ କାନ୍ଥ ଭାଙ୍ଗି କଏଦୀମାନେ ଫେରାର ହୋଇଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ଏହାକୁ ଜେଲ ସୁପରିଟେଣ୍ଡେଣ୍ଟ ଅରଶାଦ ଶାହ ଖଣ୍ଡନ କରିଛନ୍ତି। ଦୌଡ଼ାଦୌଡ଼ି ବେଳେ ତରବରିଆ ସ୍ଥିତିରେ କଏଦୀମାନେ ମୁଖ୍ୟ ଗେଟ୍ ଦେଇ ଫେରାର ହୋଇଥିଲେ ବୋଲି ସେ କହିଛନ୍ତି। ଭୂକମ୍ପ ପରେ କଏଦୀମାନେ ପରସ୍ପରକୁ ଧକ୍କା ଦେଇଥିଲେ। ୭୦୦ରୁ ୧୦୦୦ ଜଣଙ୍କୁ ବାରାକରୁ ସ୍ଥାନାନ୍ତର କରାଯାଉଥିବା ବେଳେ ମୁଖ୍ୟ ଗେଟ୍ ପାଖରେ କଏଦୀମାନେ ପରସ୍ପର ମଧ୍ୟରେ ଠେଲାପେଲା କରିଥିଲେ ଓ ମୌକା ଦେଖି ୧୦୦ରୁ ଊର୍ଦ୍ଧ୍ୱ ଫେରାର ହୋଇଯାଇଥିଲେ ବୋଲି କୁହାଯାଇଛି। ଏହି ଘଟଣାରେ ଜଣେ କେଏଦୀ ମୃତ୍ୟୁ ବରଣ କରିଥିବା ବେଳେ ୪ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ପ୍ରଶାସନର ବେପରୁଆ ମନୋଭାବ କାରଣରୁ ଏଭଳି ଅଭାବନୀୟ ସ୍ଥିତି ଉପୁଜିଛି ବୋଲି ପାକିସ୍ତାନ ଗୃହମନ୍ତ୍ରୀ ସ୍ୱୀକାର କରିଛନ୍ତି। ଉଲ୍ଲେଖଥାଉ କି, ଗତବର୍ଷ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ରୁ ୧୯ କଏଦୀ ଫେରାର ହୋଇଥିଲେ।

## ଜୁନ୍ ୬ରୁ ୱାକଫ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ

■ **ନୂଆଦିଲ୍ଲୀ, ୩।୬ (ଏଜେନ୍ସି):** ବହୁଚର୍ଚ୍ଚିତ ୱାକଫ୍ ସଂଶୋଧନ ଆଇନ ଅନୁଯାୟୀ ୱାକଫ୍ ସଂପତ୍ତି/ଜମି ପଞ୍ଜୀକରଣ ଲାଗି କେନ୍ଦ୍ର ସରକାର 'ଉମିଦ' ନାମରେ ନୂଆ ପୋର୍ଟାଲ ଖୋଲିବାକୁ ଯାଉଛନ୍ତି। ଆସନ୍ତା ୬ ତାରିଖରେ ଏହି ପୋର୍ଟାଲର ଶୁଭାରମ୍ଭ କରିବାକୁ ଯୋଜନା କରିଛନ୍ତି ସରକାର। ସାରା ଦେଶରେ କେବଳ ଏହି ପୋର୍ଟାଲ ମାଧ୍ୟମରେ ୱାକଫ୍ ଜମି/ସଂପତ୍ତିର ପଞ୍ଜୀକରଣ କରାଯିବ। ଏହି ପୋର୍ଟାଲର ଶୁଭାରମ୍ଭ ସହିତ ଜୁନ୍ ୬ ତାରିଖରୁ ଆରମ୍ଭ ହୋଇଯିବ ୱାକଫ ପଞ୍ଜୀକରଣ ପ୍ରକ୍ରିୟା।

ମିଳିଥିବା ସୂଚନା ଅନୁଯାୟୀ 'ଉମିଦ୍' ପୋର୍ଟାଲର ଆରମ୍ଭ ହେବାର ୬ ମାସ ମଧ୍ୟରେ ସମସ୍ତ ୱାକଫ୍ ସଂପତ୍ତିର ପଞ୍ଜୀକରଣ କରାଯିବାକୁ ବାଧ୍ୟତାମୂଳକ କରାଯାଇଛି। ପଞ୍ଜୀକରଣ ବେଳେ ୱାକଫ୍ ସଂପତ୍ତିର ଆକାର ଓ ସ୍ଥିତି ସମେତ ଅନ୍ୟ ସମସ୍ତ ବିସ୍ତୃତ ବିବରଣୀ ଏଥିରେ ଉଲ୍ଲେଖ କରିବାକୁ ପଡ଼ିବ। ।ତେବେ ମହିଳାମାନଙ୍କ ନାମରେ ପଞ୍ଜୀକରଣ ହୋଇଥିବା ଜମିକୁ ୱାକଫର ମାନ୍ୟତା ମିଳିବ ନାହିଁ। ପଞ୍ଜୀକରଣ ପ୍ରକ୍ରିୟାରେ ସଂପୃକ୍ତ ରାଜ୍ୟର ୱାକଫ ବୋର୍ଡ ସହାୟତା କରିବେ। ପଞ୍ଜୀକରଣ ବେଳେ କୌଣସି ବୈଷୟିକ କିମ୍ବା ଅନ୍ୟ କୌଣସି ବଡ଼ ଧରଣର ସମସ୍ୟା ଉପୁଜିଲେ ଏହି ସମୟସୀମାକୁ ଆଉ ଏକ କି ଦୁଇ ମାସ ପାଇଁ ବୃଦ୍ଧି କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ପଞ୍ଜୀକରଣ କରିବାରେ ବିଫଳ ହେଲେ ସଂପୃକ୍ତି ଜମି/ସଂପତ୍ତିକୁ ବିବାଦୀୟ ବୋଲି ବିଚାର କରାଯିବ। ସମାଧାନ ପାଇଁ ଏହାକୁ ୱାକଫ୍ ଟ୍ରିବୁନାଲକୁ ପଠାଇ ଦିଆଯିବ।

## ପ୍ରଥମ ଟାଇଟଲ୍ ପାଇଁ ଲଢ଼େଇ



ପଞ୍ଜାବ ଓ ବେଙ୍ଗାଲୁରୁ ମଧ୍ୟରେ ଫାଇନାଲ୍ ମୁକାବିଲା ଅବସରରେ ଆଇପିଏଲ୍ ଟ୍ରଫି ସହ ଦଳର ଅଧିନାୟକ

### ସରକାରରେ ନାହିଁ ତାଳମେଳ; ବିଭିନ୍ନ ବିଭାଗରେ ଫାଇଲ୍ ଗଦା

## ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ; ଗୁମର ଖୋଲିଲା ନୋଟସିଟ୍

**ଫାଇଲ ପରିଚାଳନାରେ ବିଳମ୍ବ; ଖର୍ଚ୍ଚ ହୋଇପାରୁନି ବଜେଟ ବରାଦ**

**ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ନକରାତ୍ମକ ପ୍ରଭାବ ପଡ଼ିବା ଆଶଙ୍କା**



■ **ଭୁବନେଶ୍ୱର, ୩।୬ (ସମିସ):** ସରକାରଙ୍କ ବର୍ଷପୂର୍ତ୍ତି ପାଇଁ ପ୍ରସ୍ତୁତି ଚାଲିଛି। ଉତ୍ସବ ସହ ଉଦ୍‌ଘାଟନ ଆଦି ନିମନ୍ତେ ବିଶାଳ ଆୟୋଜନ ପାଇଁ ଯୋଜନା ହୋଇଛି। ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ସଫଳତାର ରିପୋର୍ଟ କାର୍ଡ଼ ଦେଇଛନ୍ତି। ବର୍ଷକ ମଧ୍ୟରେ ସରକାର ୫୦ ବର୍ଷର ସଫଳତା ଅର୍ଜିଛନ୍ତି ବୋଲି ଡ଼ିଣ୍ଡିମ ପିଟୁଛନ୍ତି। ରାସ୍ତାଘାଟରେ ବଡ଼ବଡ଼ ହୋର୍ଡିଂ କରି ନିଜର ପାରିବାପଣିଆ ବିଜ୍ଞପିତ କରୁଛନ୍ତି। ମାତ୍ର ବାସ୍ତବିକତା ଠିକ୍ ଓଲଟା। ସରକାରରେ ବିଭାଗଗୁଡ଼ିକ ମଧ୍ୟରେ ତାଳମେଳ ନାହିଁ, ମନ୍ତ୍ରୀମାନଙ୍କ ମଧ୍ୟରେ ସମନ୍ୱୟ ନାହିଁ। ବିଭିନ୍ନ ବିଭାଗରେ ଫାଇଲଗୁଡ଼ିକ ଅକାଣରେ ଅଟକି ରହିଛି। ବିକାଶମୂଳକ କାର୍ଯ୍ୟଗୁଡ଼ିକ ଅଧାପନ୍ତରିଆ ହୋଇ ପଡ଼ିଛି। ପାତରଅନ୍ତର କରି କେବଳ ବିଜେପି ବିଧାୟକମାନେ ପ୍ରତିନିଧିତ୍ୱ କରୁଥିବା ବିଧାନସଭା କ୍ଷେତ୍ରକୁ ଦିଆଯାଇଥିବା ଅନୁଦାନ ବି ଏଯାଏ ଖର୍ଚ୍ଚ ହୋଇ ପାରିନାହିଁ। ଏପରି ଅଚଳାବସ୍ଥା ସରକାରଙ୍କ ଶିରଚାପ ବଢ଼ାଇ ଦେଇଛି ଓ ନିଜେ ମୁଖ୍ୟମନ୍ତ୍ରୀ ନୋଟ୍ ସିଟ୍‌ରେ ଏଥିପାଇଁ କ୍ଷୋଭବ୍ୟକ୍ତ କରିଛନ୍ତି।

ରାଜ୍ୟ ପ୍ରଶାସନିକ ସ୍ତରରେ ସ୍ଥାଣୁତା କାରଣରୁ ବିକାଶ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍। ଏପରିକି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ମଧ୍ୟ ତୃଣମୂଳସ୍ତରଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତରର ଅଧିକାରୀମାନେ ଅନୁପାଳନ କରୁନାହାନ୍ତି। ଯାହାକୁ ନେଇ ବିରୋଧୀ ସରକାରଙ୍କୁ କାଠଗଡ଼ାକ ଟାଣୁଛନ୍ତି। ଏପରି ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏକ ନିର୍ଦ୍ଦେଶନାମା ବିରୋଧୀଙ୍କ ଅଭିଯୋଗ ସତ୍ୟ ବୋଲି ପରୋକ୍ଷରେ ପ୍ରମାଣିତ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ନୋଟସିଟ୍‌ରେ ଫାଇଲଗୁଡ଼ିକର ବିଳମ୍ବିତକରଣକୁ ନେଇ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ସରକାର ଓ ପ୍ରଶାସନରେ ରହିଥିବା ବିଚ୍ୟୁତିକୁ ସ୍ପଷ୍ଟ କରି ଦେଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓସ୍ୱାସରେ ନିଷ୍ପତ୍ତି ପରେ ମଧ୍ୟ ଅନେକ ଫାଇଲ ପର୍ଯ୍ୟାପ୍ତ କାରଣ ବିନା ଅନେକ ଦିନ ଧରି ବିଭିନ୍ନସ୍ତରରେ ପଡ଼ି ରହୁଛି। ▶ପୃଷ୍ଠା-୭

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୪ ଶ୍ରମିକଙ୍କ ମୃତ୍ୟୁ



■ **ନବରଙ୍ଗପୁର/ନନ୍ଦାହାଣ୍ଡି, ୩।୬ (ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ନନ୍ଦାହାଣ୍ଡି ବ୍ଲକ୍ ପଡ଼ାଲଗୁଡା ଗ୍ରାମରେ ଏକ ନିର୍ମାଣାଧୀନ ପାଇଖାନା ଭିତରେ ଶ୍ୱାସରୁଦ୍ଧ ହୋଇ ୪ ଜଣ ପ୍ରାଣ ହରାଇଛନ୍ତି। ପାଇଖାନା ସ୍ଲାବର ଫଲ୍ସ ଭୁଶୁଡ଼ି ପଡ଼ିବାରୁ ଏଥିରେ ଚାପି ହୋଇଯାଇଥିବା ଦୁଇ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇ ଜଣ ମଧ୍ୟ ପ୍ରାଣ ହରାଇଛନ୍ତି। ମୃତକ ମାନେ ହେଲେ ଏମ.ସନ୍ତୁ (୨୮), ଅମିର ଖୁରା ( ୩୦), ତ୍ରିଲୋଚନ ଭତରା (୨୫) ଏବଂ ଲାଲୁରଣା କାମରା(୨୬)। ସୂଚନା ଅନୁସାରେ ପଡାଲଗୁଡା ଗ୍ରାମରେ ଏକ ପାଇଖାନା ଟାଙ୍କି ନିର୍ମାଣ ▶ପୃଷ୍ଠା-୭

## ଦାଗୀ ସଂସ୍ଥାକୁ ଅନୁଗ୍ରହ ଲାଗି ଟେଣ୍ଡର ଜାଲିଆତି!

### ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ଟେଣ୍ଡରରେ ପାର୍ଥକ୍ୟ

**ଆରମ୍ଭରୁ ଝୁଣ୍ଟିଲା ମହାନଦୀ ସମ୍ମୁଖ ବିକାଶ ପ୍ରକଳ୍ପ**

■ **ଭୁବନେଶ୍ୱର, ୩।୬ (ସମିସ):** ଆରମ୍ଭରୁ ଝୁଣ୍ଟିଛି ପ୍ରସ୍ତାବିତ ମହାନଦୀ ସମ୍ମୁଖଭାଗ ବିକାଶ ପ୍ରକଳ୍ପ। ମେ ୬ ତାରିଖରେ ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲେ ହେ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁଗୃହୀତ କରାଯିବା ନିମନ୍ତେ କର୍ତ୍ତୃପକ୍ଷ ପେଞ୍ଚପାଞ୍ଚ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ନିମ୍ନମାନର କାର୍ଯ୍ୟ ନିମନ୍ତେ ରାଜ୍ୟ ଭିଜିଲାନ୍ସ ଦ୍ୱାରା ତଦନ୍ତର ସମ୍ମୁଖୀନ ହୋଇଥିବା ଦାଗୀ ସଂସ୍ଥାକୁ ଅନୁଗୃହୀତ କରିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଯାବତୀୟ ଚଞ୍ଚକତା କରିଥିବା ମଧ୍ୟ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ସିଡ଼ିଏ ପକ୍ଷରୁ ମହାନଦୀ ଜଳ ସମ୍ମୁଖସ୍ଥ ୩.୨ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଅଞ୍ଚଳର ବିକାଶ ପାଇଁ ଗତ ମେ ୬ ତାରିଖରେ (ଇଓଆଇ ନଂ ୪୯୧୦) ବିଭିନ୍ନ ସଂସ୍ଥାଠାରୁ ଟେଣ୍ଡର ଆହ୍ୱାନ କରିଛି। ଟେଣ୍ଡର ଦାଖଲ ପାଇଁ ଏଥିପାଇଁ ଶେଷ ତାରିଖ ରଖାଯାଇଛି ୨୦୨୫ ମେ ୧୪ ତାରିଖ। ୪୫.୦୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସରକାରୀ ବ୍ୟବସ୍ଥା ଅନୁସାରେ ଟେକ୍‌ନିକାଲ ପ୍ରପୋଜାଲ ଓ ଫିନାନସିଆଲ ପ୍ରପୋଜାଲ ଧାର୍ଯ୍ୟ ଅବଧି ମଧ୍ୟରେ ଦାଖଲ ପାଇଁ କୁହାଯାଇଛି। ତେବେ କୌତୂହଳର ବିଷୟ ହେଉଛି ଅଫ୍‌ଲାଇନ୍‌ରେ ପ୍ରକାଶିତ ବିଜ୍ଞପ୍ତିରେ ଆଗ୍ରହୀ ସଂସ୍ଥାଗୁଡ଼ିକର ମୂଲ୍ୟାୟନ ପାଇଁ ୫ଟି ପାରାମିଟର ବା ସର୍ତ୍ତ ରହିଥିବାବେଳେ ଅନଲାଇନ୍ ବିଜ୍ଞପ୍ତିରେ ସର୍ତ୍ତ ସଂଖ୍ୟା ୪କୁ ହ୍ରାସ କରାଯାଇଛି। ▶ପୃଷ୍ଠା-୭


www.jupiter.ac.in


JUPITER
+2 Science Higher Secondary School
BHUBANESWAR

Tested & Trusted since 2002

Celebrating Success year after year...



TOPPER
+2 SCIENCE STREAM 2024
Mr. Soumyajit Rout
BIITs, PILANI



TOPPER
+2 SCIENCE STREAM 2023
Ms. Aparna Pradhan
St. Stephen's College, New Delhi

Highlights of +2 Sc. Results 2024

5 Ranks Including the No1 Rank among the Best 10 | 97% FIRST CLASS | 100% PASS | 78 Students secured more than 500 marks

Highlights of +2 Sc. Results 2025

3 Ranks among the Best 10 | 98% FIRST CLASS | 100% PASS | 87 Students secured more than 500 marks

ADMISSION OPEN 9439489157 / 9439489158

JUPITER
PUBLIC SCHOOL
BHUBANESWAR

Awarded as No.1 SCHOOL IN INTEGRATED TEACHING & COACHING
By Times School Ranking Survey Odisha THE TIMES OF INDIA

CBSE- I to XII ( Science & Commerce)

HIGHLIGHTS OF RESULTS 2025

23 STUDENTS Qualified for JEE MAIN in 1st attempt

92% FIRST CLASS



Bishal Ku. Sahu, Phulbani
10th Class - 68%
12th Class - 93.5%

FOUNDATION COURSE for JEE, NEET, NDA from Class VIII

95 other students achieved similar remarkable growth, testament to Jupiter's excellence

ADMISSION OPEN 6371853130 / 6371853132

JUPITER
DEGREE COLLEGE
Affiliated to UTKAL UNIVERSITY
8093052844 / 845

+3 SCIENCE & +3 COMMERCE
with Coaching for IIT-JAM, CUET, CPET, Civil Service, & Banking exams etc...

Day Cum Residential
Separate AC Hostel Facility Available
For Boys and Girls

SPECIAL DISCOUNTS AVAILABLE FOR
Girl Students or Wards of Teachers

Gangapada, Near Old Toll Plaza, Adjacent to NH-16, Bhubaneswar



Vikash Bargarh
Vikash Higher Educational Institutions



Vikash Institute of Technology:
• MBA (2 Years)
• B.Tech (4 Years)
CSE, EEE, Civil, Mech.

Vikash Polytechnic:
• Diploma (3 Years)
Civil, CSE, ECE, Mech., Electrical
• Diploma (Working Professionals)
Mechanical Engg., Electrical Engg.

Vikash Law School:
• B.A. LL.B (H) 5 Years Int. Law

Vikash School of Business Management:
• BBA / BCA (3 Years)

Vikash Degree College:
• B.A. (Hons.) English, Economics, Education, Political Science, Psychology
• B.Com. (Hons.) Accountancy (Hons.)
• B.Sc. (Hons.) Physics, Chemistry, Math, Botany, Zoology, Comp.Sc.
• M.Sc. (2 Years) Chemistry
• M.Com. (2 Years) Accountancy
• M.A. (2 Years) English

Vikash Nursing College:
• ANM (2 Years),
• GNM (3 Years)
• B.Sc. Nursing (4 Years)
• P.B. B.Sc. Nursing (2 Years)

Vikash College of Paramedical Science:
• DMLT (2 Years)
• DMRT (2 Years)

Vikash Pharmacy College:
"MOVE TOWARDS YOUR DREAM CAREER IN PHARMACY"
• B. PHARM
Bachelor in Pharmacy (4 YRS)
Eligibility: +2 Science & OJEE Rank
• D. PHARM
Diploma in Pharmacy (2 YRS)
Eligibility: +2 Science



AWARDED As the Best Higher Educational Institutions in Western Odisha by OTV.

ADMISSIONS Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda, Bargarh

Visit us @ www.vikashodisha.com
Email: vheicampus@gmail.com

Grooming Talent
Vikash
Higher Educational Institutions


### ବେଆଇନ ବିସ୍ଫୋରକ ଜବତ ଘଟଣା

## ଗୋଦାମ ମାଲିକ, ଚାଳକ ଗିରଫ

**୨ ବିସ୍ଫୋରକ ବୋଝେଇ ଭ୍ୟାନ୍ ଜବତ**

■ **ରାଉରକେଲା, ୩।୬ (ସମିସ):** ୧୪୩ ନମ୍ବର ଜାତୀୟ ରାଜପଥର ଦେଓଗାଁସ୍ଥିତ ପେଟ୍ରୋଲ ପମ୍ପରୁ ୨ଟି ବେଆଇନ ବିସ୍ଫୋରକ ବୋଝେଇ ଭ୍ୟାନ୍ ଜବତ ଘଟଣାରେ ରଘୁନାଥପାଲି ପୁଲିସ୍ ମଙ୍ଗଳବାର ବିସ୍ଫୋରକ ଗୋଦାମ ମାଲିକ ଓ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବିସ୍ଫୋରକ ଗୋଦାମ ମାଲିକ ହେଲେ, ବାସନ୍ତୀ କଲୋନୀ ଇଏମ୍/୮୭ରେ ରହୁଥିବା ଶ୍ରବଣ କୁମାର ଅଗ୍ରୱାଲ (୪୨) ଓ ବ୍ରାହ୍ମଣୀତରଙ୍ଗ ଥାନା କେନ୍ଦୁବରନୀ ଗ୍ରାମର ଭ୍ୟାନ୍ ଚାଳକ ବିର୍ସା ସାମଦ ଓରଫ ଇଶାକ (୩୦)। ସେମାନଙ୍କଠାରୁ ଦୁଇଟି ମିନି ଟ୍ରକ୍, ୧୧୫ ପେଟି ଆପେକ୍ସ ୯୦ ବିସ୍ଫୋରକ, ୪୦୦ଟି ଡେଟୋନେଟର୍, ୧୫ପେଟି ତାର, ୧୫୦ ▶ପୃଷ୍ଠା-୭

## ପୁଣି ୧୫ ଟନ ବିସ୍ଫୋରକ ଜବତ

■ **ରାଉରକେଲା, ୩।୬ (ସମିସ):** ବଡଗାଁ ସ୍ଥିତ ବିସ୍ଫୋରକ ସାମଗ୍ରୀ ଗୋଦାମ ସିଲ ହେବା ସହ ଗୋଦାମ ମାଲିକ ଜେଲ୍ ଯାଇଥିବା ବେଳେ ଆଜି ହାଇଦ୍ରାବାଦରୁ ଏକ ବିସ୍ଫୋରକ ବୋଝେଇ ଟ୍ରକ ଆସି ବଡ଼ଗାଁରେ ପହଞ୍ଚିବା ଘଟଣା ପୁଲିସ ତଦନ୍ତକୁ ଆହୁରି ଅଡୁଆ କରିଛି। ଏହି ଟ୍ରକ୍‌ରେ ୧୫ଟନ୍ ଓଜନର ବିସ୍ଫୋରକ ସାମଗ୍ରୀ ରହିଥିବା ବେଳେ ୩ଲକ୍ଷ ମିଟରର ଜିଲେଟିନ ତାର ରହିଥିବା ସୂଚନା ମିଳିଛି। ଏହି ସୂଚନା ମିଳିବା ପରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ଏବଂ ସୁନ୍ଦରଗଡ ଏସପି ପ୍ରତ୍ୟୁଷ ଦିବାକର ଏହାର ଖୋଳତାଡ଼ ଆରମ୍ଭ କରିଛନ୍ତି। ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ନିକଟରୁ ୫ ଟନ୍ ବିସ୍ଫୋରକ ବୋଝେଇ ଟ୍ରକ ମାଓବାଦୀଙ୍କ ଦ୍ୱାରା ଲୁଟ ହେବା ପରେ ବଡଗାଁ ଥାନା ଅନ୍ତର୍ଗତ ଇତମା ଖଡ଼ିଆପଡ଼ା ନିକଟରେ ଥିବା ବାରୁଦ ଗୋଦାମକୁ ଗତ ୨୮ ତାରିଖ ଦିନ ପୁଲିସ ସିଲ୍ କରିଥିଲା। ତେବେ ବାରୁଦ ଗୋଦାମ ସିଲ ହୋଇଥିବା ବେଳେ ଆଜି ପୁଣି ଏଠାକୁ ହାଇଦ୍ରାବାଦରୁ ଆହୁରି ୧୫ଟନ୍ ଓଜନର ବିସ୍ଫୋରକ ବୋଝେଇ ଏକ ଟ୍ରକ ଆସି ପହଞ୍ଚିଥିଲା। ଏକ ଟ୍ରକ୍‌ରେ ୨୫ କେଜିଆ ୬ ଶହ ▶ପୃଷ୍ଠା-୭






# ୮ ଘଣ୍ଟାରେ ଆଣ୍ଠେଇଲା ପାକିସ୍ତାନ: ସିଡିଏସ୍

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୂର ନେଇ ନିଜର ମତ ରଖିଛନ୍ତି। ମଙ୍ଗଳବାର ପୁଣେ ବିଶ୍ୱବିଦ୍ୟାଳୟରେ ସେ ପହଞ୍ଚିଥିଲେ। ସେଠାରେ ସେ 'ଭବିଷ୍ୟତର ଯୁଦ୍ଧ ଓ ଯୁଦ୍ଧ' ଶୀର୍ଷକକୁ ନେଇ ନିଜର ମତ ରଖିଥିଲେ। ମେ ୧୦ ରାତି ୧ଟାରେ ପାକିସ୍ତାନ ଭାରତକୁ ୪୮ ଘଣ୍ଟା ମଧ୍ୟରେ ହରାଇବାକୁ ଯୋଜନା କରିଥିଲା। କେତୋଟି ଯାଗାରେ ପାକିସ୍ତାନ ଆକ୍ରମଣ ମଧ୍ୟ କରିଥିଲା ଓ ଏଥିପାଇଁ ସଂଘର୍ଷ ବଢ଼ିଥିଲା। କିନ୍ତୁ ମାତ୍ର ୮ ଘଣ୍ଟାରେ ହିଁ ପାକିସ୍ତାନର ସବୁ ଯୋଜନା ପଣ୍ଡ ହୋଇଥିଲା। ଏହାପରେ ବଡ଼ କ୍ଷୟକ୍ଷତିର ଆଶଙ୍କା କରି ସିଜଫାୟାର ଅର୍ଥାତ ଅସ୍ତ୍ରବିରତି କରିବାକୁ ଭାରତକୁ ଫୋନ ମାଧ୍ୟମରେ ନିବେଦନ କରିଥିଲା। ଏହାକୁ ଆମେ ସ୍ୱୀକାର କରିଥିଲୁ ବୋଲି ସେ କହିଥିଲେ।

ଆମେ କେବଳ ଆତଙ୍କବାଦୀ ଠିକଣା ଉପରେ ମାଡ କରିଥିଲୁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଭାରତ ଆତଙ୍କ ଓ ନ୍ୟୁକ୍ଲିୟର ବ୍ଲାକମେଲିଂକୁ ଆଦୌ ଭ୍ରୂକ୍ଷେପ

**୪୮ ଘଣ୍ଟାର ତାଣ୍ଡବ ପାଇଁ ଯୋଜନା କରିଥିଲା ପାକିସ୍ତାନ**

କରେନାହିଁ। ପେସଦାର ସେନାବାହିନୀ ଉପରେ ଅସଫଳତା ଓ କ୍ଷୟକ୍ଷତିର ପ୍ରଭାବ ପଡେନାହିଁ। ସବୁପ୍ରକାର ସ୍ଥିତରେ ମନୋବଳ ଉଚ୍ଚ ରଖିବାକୁ ହୋଇଥାଏ। ଯୁଦ୍ଧରେ କ୍ଷତି ନୁହଁ ବରଂ ପରିଣାମ ହିଁ ମହତ୍ତ୍ୱପୂର୍ଣ୍ଣ ବୋଲି ସେ ସ୍ପଷ୍ଟ କରିଥିଲେ। ପହଲଗାମ ଆତଙ୍କବାଦୀ



ଆକ୍ରମଣ ପୂର୍ବରୁ ହିଁ ପାକିସ୍ତାନ ସେନାଧ୍ୟକ୍ଷ ଜେନେରାଲ ଅସିମ ମୁନୀର ଭାରତ ଓ ହିନ୍ଦୁଙ୍କୁ ନେଇ ବିଷ ଓଗାଳିଥିଲେ। ଏହାପରେ ଏହି ଅମାନବୀୟ ଘଟଣା ଘଟିଥିଲା। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣକୁ ରୋକିବା ପାଇଁ ଅପରେସନ ସିନ୍ଦୂରର ମୁଖ୍ୟ ଲକ୍ଷ୍ୟ ଥିଲା। ଯୁଦ୍ଧରେ ହୋଇଥିବା କ୍ଷୟକ୍ଷତି ନେଇ କିଛି କହିବା ଠିକ୍ ହେବନାହିଁ ବୋଲି ସେ କହିଛନ୍ତି। ଭାରତ କେତୋଟି ଫାଇଟର ଜେଟ୍ ହରାଇଲା ନେଇ ପ୍ରଶ୍ନର ଉତ୍ତର ଦେଇ ସେ ଏହା କହିଥିଲେ। କ୍ରିକେଟର ଉଦାହରଣ ଦେଇ ସେ କହିଥିଲେ ଯେ, ଯଦି ଆପଣ ଏକ ଟେଷ୍ଟ ମ୍ୟାଚ୍‌ର ଗୋଟିଏ ପାଳିରେ ପରାସ୍ତ ହୁଅନ୍ତି ତେବେ, ସେତେବେଳେ କେତେ ୱିକେଟ, ବଲ୍ ଓ ଖେଳାଳିଙ୍କ ସଂଖ୍ୟା ନେଇ ଆଲୋଚନାର ମୁଲ୍ୟ କିଛି ନଥାଏ। ଉଲ୍ଲେଖଥାଉ କି, ଅପରେସନ ସିନ୍ଦୂରରେ ଭାରତ ମେ ୭ ରାତି ୧.୩୦ରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ମିସାଇଲ ମାଡ଼ କରିଥିଲା ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ।

● ତାମିଲନାଡୁ ସରକାରଙ୍କ ବିଲ୍‌କୁ ମଞ୍ଜୁରୀ

## ସୁପ୍ରିମକୋର୍ଟଙ୍କୁ ରାଜ୍ୟପାଳଙ୍କ ଭୟ ପ୍ରମାଣିତ: ଷ୍ଟାଲିନ୍



**ଚେନ୍ନଇ,୩।୬(ଏଜେନ୍ସି):** ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ସରକାରଙ୍କ ତରଫରୁ ପାରିତ ହୋଇଥିବା ଦୁଇଟି ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ୧୨,୦୦୦ରୁ ଅଧିକ ଦିବ୍ୟାଙ୍ଗ ନାଗରିକଙ୍କୁ ସହର ଓ ସ୍ଥାନୀୟ ନିର୍ବାଚନରେ ନାମାଙ୍କନ ଦାଖଲ କରିବାକୁ ଅଧିକାର ମିଳିବ। ଏହି ବିଲ୍ ଦୀର୍ଘଦିନ ହେବ ରାଜଭବନରେ ପଡି ରହିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏ ନେଇ ରାଜ୍ୟପାଳଙ୍କୁ କଟାକ୍ଷ କରିଛନ୍ତି। ଏହି ବିଲ୍‌କୁ ମଞ୍ଜୁରୀ ମିଳିବାର ହିଁ ଥିଲା। ଯଦି ଏହାକୁ ରୋକା ଯାଇଥାନ୍ତା ତାହାଲେ, ଆମେ ସୁପ୍ରିମ କୋର୍ଟ ଯାଇଥାନ୍ତୁ ଓ ରାଜ୍ୟପାଳଙ୍କୁ ଏ ନେଇ ଡର ରହିଥିଲା ବୋଲି ପ୍ରମାଣିତ ହୋଇଛି ବୋଲି ଷ୍ଟାଲିନ୍ କହିଛନ୍ତି। ଗତ ଏପ୍ରିଲ ୮ରେ ସୁପ୍ରିମ କୋର୍ଟ ତାମିଲନାଡୁ ରାଜ୍ୟପାଳ ଓ ସରକାରଙ୍କ ମାମଲାରେ ରାଜ୍ୟପାଳଙ୍କୁ ଅଧିକାରର ସୀମା ଧାର୍ଯ୍ୟ କରିଥିଲେ। ରାଜ୍ୟପାଳଙ୍କ ପାଖରେ କୌଣସି ଭେଟୋ ପାୱାର ନାହିଁ। କେବଳ ସେତିକି ନୁହଁ ସରକାରଙ୍କ ଏହିଭଳି ୧୦ଟି ବିଲ୍‌କୁ ରାଜ୍ୟପାଳଙ୍କ ତରଫରୁ ରୋକାଯିବା ପ୍ରସଙ୍ଗକୁ ସୁପ୍ରିମକୋର୍ଟ ଅବୈଧ ବୋଲି ଘୋଷଣା କରିଥିଲେ। ରାଜ୍ୟପାଳଙ୍କ ଏଭଳି ଆଚରଣ ମନମାନୀକୁ ଦର୍ଶାଉଛି। ବିଧାନସଭାକୁ ରାଜ୍ୟପାଳ ସହଯୋଗ କରିବା ସହ ପରାମର୍ଶ ଦେବା ଉଚିତ। ଆଗାମୀ ମାସେ ମଧ୍ୟରେ ରାଜ୍ୟପାଳ ଏ ନେଇ ଠୋସ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସୁପ୍ରିମକୋର୍ଟ କହିଥିଲେ ଓ ଏହି କ୍ରମରେ ଦୁଇଟି ପରାମର୍ଶ ଦେଇଥିଲେ। ସେତେବେଳେ ଏହା ସବୁ ରାଜ୍ୟ ସରକାରଙ୍କ ବିଜୟ ବୋଲି ଷ୍ଟାଲିନ୍ କହିଥିଲେ। ଉଲ୍ଲେଖଥାଉ କି, ୨୦୨୧ରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବିବାଦ ହୋଇଆସିଛି।

## ଜନ୍ମଦିନରେ ପାକ୍ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

**ଇସ୍‌ଲାମାବାଦ୍,୩।୬(ଏଜେନ୍ସି):** ପ୍ରେମ ନିବେଦନ ପ୍ରତ୍ୟାଖାନ କରିବାରୁ ଜଣେ ବିଫଳ ପ୍ରେମିକ ଉତ୍‌କ୍ଷୀପ୍ତ ହୋଇ ପାକିସ୍ତାନରେ ଜଣେ ୧୭ ବର୍ଷୀୟା ଟିକ୍‌ଟକ୍ ଷ୍ଟାରଙ୍କୁ ହତ୍ୟା କରିଛି। ସ୍ଥାନୀୟ ଜି-୧୩ ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ଟିକ୍‌ଟକ୍ ତାରକା ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଭାବେ ବେଶ୍ ଜଣାଶୁଣା ଥିବା ସାନା ୟୁସୁଫ୍‌ଙ୍କୁ ସୋମବାର ତାଙ୍କ ଘରେ ପଶି ଗୁଳି ମାରିବା ସହ ଦୁର୍ବୃତ୍ତ ଏହି ଘଟଣା ଘଟାଇଛି। ହତ୍ୟାକାରୀକୁ ଚିହ୍ନଟ କରାଯାଇଛି ବୋଲି ଇସ୍‌ଲାମାବାଦ ପୁଲିସ ଆଇଜି ସୟଦ ଅଲି ନାସିର ରିଜ୍‌ଭି କହିଛନ୍ତି। ଅପରାଧୀର ବୟସ ୨୨ ବର୍ଷ ବୋଲି ଜଣାଯାଇଛି ଓ ତାକୁ ଫୈସଲାବାଦ୍‌ରେ ଗିରଫ୍ କରାଯାଇଛି। ସେ ଅତିଥି ହୋଇ ସାନାଙ୍କ ଘରକୁ ଆସିଥିଲା। ପୂର୍ବରୁ ସେ ସାନାଙ୍କୁ ଏକାଧିକ ବାର ପ୍ରେମ ନିବେଦନ କରିଥିଲା ବୋଲି ପୁଲିସ୍ କହିଛି। ଅପରାଧୀ ମେଟ୍ରିକ୍ ପାସ୍ କରିଥିଲା ଓ ବେରୋଜଗାର ଥିଲା। ସେ ନିହାତି ଗରିବ ପରିବାରର ବୋଲି ପୁଲିସ କହିଛି। ସେ ସାନାଙ୍କୁ ହତ୍ୟା କରିଛି ବୋଲି ସ୍ୱୀକାର କରିଛି। ଜନ୍ମଦିନରେ ହିଁ ସେ ସାନାଙ୍କ ଘରେ ପହଞ୍ଚିଥିଲା ଓ ତାଙ୍କୁ ଭେଟିବାକୁ ଏକାଧିକ ବାର ପ୍ରୟାସ କରିଥିଲା। ସେ ବ୍ୟବହାର କରିଥିବା ଅସ୍ତ୍ରକୁ ପୁଲିସ ଜବତ କରିଛି। ସିସିଟିଭି ଫୁଟେଜକୁ ଆଧାର କରି ଅପରାଧୀକୁ ପୁଲିସ୍ ଗିରଫ କରିଥିଲା।



## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ କଟାକ୍ଷ: ଏହା 'ଏକ ଦେଶ ଏକ ସ୍ୱାମୀ ଯୋଜନା' କି?

**ଚଣ୍ଡିଗଡ଼, ୩।୬ (ଏଜେନ୍ସି):** ପଞ୍ଜାବରେ ଅପରେସନ ସିନ୍ଦୂରକୁ ନେଇ ରାଜନୀତି ଜୋର୍ ଧରିଛି। ସବୁ ଘରକୁ ସିନ୍ଦୂର ପଠାଇବାକୁ ନେଇ ବିଜେପିକୁ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନିଶାଣ କରିଛନ୍ତି। ଏହା 'ଏକ ଦେଶ ଏକ ସ୍ୱାମୀ ଯୋଜନା' କି ବୋଲି ପଚାରିଛନ୍ତି। ଏହା ପୂର୍ବରୁ କଂଗ୍ରେସର ରାଜ୍ୟ ମୁଖିଆ ଅମରିନ୍ଦର ସିଂହ ରାଜା ୱଡିଂ ବିଜେପିକୁ ଘେରିଥିଲେ। ସେ କହିଥିଲେ ଯେ ସିନ୍ଦୂର ଉପରେ ମହିଳାଙ୍କ ସ୍ୱାମୀଙ୍କ ହକ୍ ରହିଛି। ସେ ପ୍ରତି ଘରକୁ ସିନ୍ଦୂର ନ ପଠାଇବା ପାଇଁ ବିଜେପି ନେତାଙ୍କୁ ପରାମର୍ଶ ଦେଇଥିଲେ। ଯଦି ଏହାକୁ ନ ଶୁଣିଲେ ମହିଳା ପିଟିବେ ବୋଲି କହିଥିଲେ। ସେହିପରି ଆଜି କ୍ୟାବିନେଟ ବୈଠକ ପରେ ମାନ୍ କହିଥିଲେ ଯେ ବିଜେପି ନେତା ସିନ୍ଦୂର ନାମରେ ଭୋଟ ମାଗିବା ଦୁଃଖର ବିଷୟ। ସିନ୍ଦୂରକୁ ପରିହାସ କରାଯାଉଛି। ମାନ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ ପାଲଟା ପ୍ରଶ୍ନ ମଧ୍ୟ କରିଥିଲେ। ଘରକୁ ସିନ୍ଦୂର ଆସିଲେ କଣ କହିବେ ବୋଲି ପଚାରି ଥିଲେ। କାହା ନାମରେ ସିନ୍ଦୂର ଲଗାଇବାକୁ କହିବେ। ଏହା ଏକ ଦେଶ ଏକ ସ୍ୱାମୀ ଯୋଜନା କି?

## ସଂସଦର ସ୍ୱତନ୍ତ୍ର ଅଧିବେଶନ ଦାବିକଲେ ୧୬ ଦଳ

**ନୂଆଦିଲ୍ଲୀ, ୩।୬ (ଏଜେନ୍ସି):** ଦୀର୍ଘ ଦିନ ପରେ ମଙ୍ଗଳବାର ନୂଆଦିଲ୍ଲୀରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ବୈଠକ ବସିଛି। ଏଥିରେ 'ଅପରେସନ ସିନ୍ଦୂର'କୁ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ୧୬ ଦଳ ଏକାଠି ହୋଇ ଦାବି କରିଛନ୍ତି। ଜାତୀୟ ସୁରକ୍ଷା ପ୍ରସଙ୍ଗ ଏବଂ ବୈଦେଶିକ ନୀତିର ଅଗ୍ରଗତି ଉପରେ ଏକ ମୁକ୍ତ ଏବଂ ନିରପେକ୍ଷ ଆଲୋଚନାର ଆବଶ୍ୟକତା ଥିବା ଉଲ୍ଲେଖ କରିଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସବୁ ଦଳ ଚିଠି ଲେଖିଛନ୍ତି। ଏହା ବିରୋଧୀଙ୍କ ସାମୂହିକ ସ୍ୱର ଏବଂ ଦେଶର ସୁରକ୍ଷା ଚିନ୍ତା ଭାବନାକୁ ସ୍ପଷ୍ଟ କରୁଛି। ବୈଠକ ପରେ ଟିଏମ୍‌ସି ସାଂସଦ ଡେରେକ ଓ' ବ୍ରାଇନ ଏହି ସୂଚନା ଦେଇଛନ୍ତି। ସଂସଦୀୟ ଦଳ ସ୍ତରରେ ଆଲୋଚନା କରି ନୁହେଁ, ବରଂ ୧୬ଟି ରାଜନୈତିକ ଦଳର ମୁଖ୍ୟଙ୍କ ମଧ୍ୟରେ ସହମତି ଭିତିରେ ଏହି ପଦକ୍ଷେପ ନିଆଯାଇଛି। ତେବେ ଏହି ବୈଠକରେ ଆମ ଆଦମୀ ପାର୍ଟି (ଆପ୍) ଏବଂ ଏନ୍‌ସିପି (ଶରଦ) ସାମିଲ ହୋଇ ନ ଥିଲା। କିନ୍ତୁ ଆପ୍ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବ।

■ 'ଅପରେସନ ସିନ୍ଦୂର'କୁ ନେଇ ଇଣ୍ଡିଆ ମେଣ୍ଟ ବୈଠକ
■ ସାମିଲ ହେଲେନି ଆପ୍, ଏନ୍‌ସିପି (ଶରଦ)

ଏହି ବୈଠକରେ କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମସି, ଡିଏମକେ, ଶିବସେନା (ଉଦ୍ଧବ), ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି), ଆଇୟୁଏମଏଲ, ଏନ୍‌ସି, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ, ଆରଏସପି, ଜେଏମଏମ, ଭିସିକେ, କେରଳ କଂଗ୍ରେସ, ଏମ୍‌ଡିଏମକେ ଏବଂ ସିପିଆଇଏମଏଲ ସାମିଲ ହୋଇଥିଲା। କେନ୍ଦ୍ର ସରକାର ଅପରେସନ ସିନ୍ଦୁର ଏବଂ ଆତଙ୍କବାଦର ମୁଖା ଖୋଲିବା ପାଇଁ ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳ ବିଭିନ୍ନ ଦେଶକୁ ପଠାଇଛନ୍ତି। ଏହି ସବୁ ଦଳ ସପ୍ତାହ ଶେଷ ସୁଦ୍ଧା ଭାରତ ଫେରିବେ। ସେମାନେ ଫେରିବା ପରେ ଆସନ୍ତା ସପ୍ତାହରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିରୋଧୀ ଦାବି କରୁଛନ୍ତି। ଆରଜେଡିର ମନୋଜ ଝା କହିଛନ୍ତି ଯେ ପହଲଗାମ ଆକ୍ରମଣ ପରେ ଅପରେସନ ସିନ୍ଦୂର ହୋଇଥିଲା। ଏକ ଦେଶର ରାଷ୍ଟ୍ରପତି ପ୍ରତିଦିନ ଏହାକୁ ନେଇ ମାମଲାତକାର ସାଜିଛନ୍ତି। ୧୫ ଦିନରେ ୧୩ ଥର ମନ୍ତବ୍ୟ ଦେଲେଣି। ଏହାକୁ ନେଇ ସରକାରଙ୍କୁ ଆଘାତ ଲାଗିଛି କି ନାହି ଜଣନାହିଁ, କିନ୍ତୁ ଭାରତକୁ ଧକ୍କା ଲାଗିଛି। ଏହା ଯନ୍ତ୍ରଣାଦାୟକ। ସୋସିଆଲ ମିଡିଆ, ଟିଭି ବିତର୍କରେ ଏ ନେଇ ଆଲୋଚନା ହେବ ନାହିଁ। ୧୯୬୨ ମସିହାରେ ଚୀନ୍ ସହ ଯୁଦ୍ଧ ସମୟରେ ମଧ୍ୟ ସଂସଦ ଅଧିବେଶନ ଡକାଯାଇଥିଲା। ଏହା ୧୪୦ କୋଟି ଭାରତୀୟଙ୍କ ପ୍ରସଙ୍ଗ। ଏହା ଶାସକ କିମ୍ବା ବିରୋଧୀଙ୍କ ପ୍ରସଙ୍ଗ ନୁହେଁ। ଏହା ଦାୟିତ୍ୱର ପ୍ରସଙ୍ଗ। ସରକାର ସଂସଦ ପ୍ରତି ଏବଂ ସଂସଦ ଜନତାଙ୍କ ପ୍ରତି ଉତ୍ତରଦାୟୀ।

## ଭୁଲ୍ ମାଗିବାକୁ ମନାକଲେ କମଲ ହାସନ

**ଚେନ୍ନଇ,୩।୬(ଏଜେନ୍ସି):** କର୍ଣ୍ଣାଟକ ହାଇକୋର୍ଟ ମଙ୍ଗଳବାର ତାମିଲ ବର୍ଷୀଆନ ଅଭିନେତା, ନିର୍ଦ୍ଦେଶକ ତଥା ରାଜନେତା କମଲ ହାସନଙ୍କୁ ଭର୍ତ୍ସନା କରିଛନ୍ତି। ଜୁନ୍ ୨ରେ ସେ ଦାଖଲ କରିଥିବା ଆବେଦନର ଶୁଣାଣି ମଙ୍ଗଳବାର ହୋଇଥିଲା। କର୍ଣ୍ଣାଟକରେ ତାଙ୍କ ସିନେମା 'ଠକ୍ ଅଫ୍ ଲାଇଫ୍'ର ରିଲିଜ ପାଇଁ ସେ ଆବେଦନ କରିଥିଲେ। କର୍ଣ୍ଣାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ଏହି ସିନେମାକୁ ରାଜ୍ୟରେ ମୁକ୍ତିଲାଭ କରିବା ନେଇ ରୋକ ଲଗାଇଥିଲା। ଏହି ବ୍ୟାନ୍‌କୁ ହଟାଇବାକୁ କମଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆସନ୍ତା ୫ ତାରିଖରେ ଏହି ସିନେମା ରିଲିଜ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ କମଲଙ୍କୁ ଏହି ମାମଲାରେ ନ୍ୟାୟଳୟ ଭର୍ତ୍ସନା କରିଛି।

କନ୍ନଡ ଭାଷା ତାମିଲରୁ ସୃଷ୍ଟି ହୋଇଛି ବୋଲି କମଲ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ହାଇକୋର୍ଟ ନାପସନ୍ଦ କରିଛନ୍ତି। 'ଆପଣ କେଉଁ ଆଧାରରେ ଏହି ମନ୍ତବ୍ୟ ଦେଇଥିଲେ? ଆପଣ କ'ଣ ଐତିହାସିକ ନା ଭାଷାବିତ୍? ଆପଣ କମଲ ହାସନ ନା ଆଉ କିଏ? କାହାର ଭାବନାକୁ କ୍ଷତି ପହଞ୍ଚାଇବାର ଆପଣଙ୍କର ଅଧିକାର ନାହିଁ ବୋଲି ବିଚାରପତି ଏମ୍ ନାଗପ୍ରସନ୍ନା କମଲଙ୍କୁ ଆକ୍ଷେପକରି କହିଥିଲେ। ଦେଶର ବିଭାଜନ ଭାଷାକୁ ଆଧାର କରି ହୋଇଛି। ନାଗରିକଙ୍କ ପାଇଁ ଜଳ,ଜମି ଓ ଭାଷା ବହୁତ ମହତ୍ତ୍ୱପୂର୍ଣ୍ଣ। ଆପଣଙ୍କ ମନ୍ତବ୍ୟ ଦେଶରେ ଅଶାନ୍ତି ସୃଷ୍ଟି କରିପାରେ। ଏପରିସ୍ଥଳେ ଆପାଣଙ୍କୁ କେବଳ କର୍ଣ୍ଣାଟକ ଲୋକଙ୍କୁ କ୍ଷମା ମାଗିବେ ବୋଲି ଆଶା କରାଯାଉଥିଲା, କିନ୍ତୁ ଆପଣ ସୁରକ୍ଷା ମାଗିବାକୁ ଆସିଗଲେ। ଅତି ସାଧାରଣ ଭାବେ ଆପଣଙ୍କ କ୍ଷମାରେ ଏହି ସମସ୍ୟାର ସମାଧାନ ହୋଇପାରିଥାନ୍ତା ବୋଲି ବିଚାରପତି କହିଥିଲେ। କିନ୍ତୁ ଏହାପରେ ମଧ୍ୟ କମଲ କ୍ଷମା ମାଗି ନଥିଲେ। ସେ କେଏଫ୍‌ସିସିକୁ ଚିଠି ଲେଖିଛନ୍ତି ବୋଲି ନ୍ୟାୟଳୟଙ୍କୁ କୁହାଯାଇଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ ୧୦ରେ ହେବ। ସେପର୍ଯ୍ୟନ୍ତ ଏହି ସିନେମା କର୍ଣ୍ଣାଟକରେ ମୁକ୍ତିଲାଭ ନ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଉଲ୍ଲେଖଥାଉ କି, ୭୫ ବର୍ଷ ତଳେ ଶ୍ରୀ ରାଜଗୋପାଳ ଆଚାର୍ଯ୍ୟ ଏହିଭଳି ମନ୍ତବ୍ୟ ଦେଇ କ୍ଷମା ମାଗିଥିଲେ। ତେଣୁ ଆପଣ କାହିଁକି କ୍ଷମା ମାଗିବେ ନାହିଁ ବୋଲି କମଲଙ୍କୁ ପ୍ରଶ୍ନ ପଚାରାଯାଇଥିଲା। ପୂର୍ବରୁ କ୍ଷମା ମାଗିବେ ନାହିଁ ବୋଲି କମଲ ମନ୍ତବ୍ୟ ଦେଇ ବିବାଦକୁ ଆହୁରି ବଢ଼ାଇଥିଲେ।



**ଅଭିନେତାଙ୍କୁ ଭର୍ତ୍ସନା କଲେ ହାଇକୋର୍ଟ**

● ରାହୁଲ ଗାନ୍ଧୀଙ୍କ ଟିପ୍ପଣୀ

## ଟ୍ରମ୍ପଙ୍କ ଫୋନ ଆସିବାରୁ ତୁରନ୍ତ ଆତ୍ମସମର୍ପଣ କରିଦେଲେ ମୋଦୀ

**ଭୋପାଳ, ୩।୬ (ଏଜେନ୍ସି):** ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରୁ ଅପରେସନ ସିନ୍ଦୂର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଟାକ୍ଷ କରିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଫୋନ୍ ଆସିଥିଲା। ଏହା ପରେ ମୋଦୀ ତୁରନ୍ତ ଆତ୍ମସମର୍ପଣ କରିଦେଲେ। ନରେନ୍ଦର ସରେଣ୍ଡର କରିଦେଲେ। ଆଉ ହଜୁର ଟ୍ରମ୍ପଙ୍କ ନିର୍ଦ୍ଦେଶ ପାଳନ କଲେ। ଇତିହାସ ସାକ୍ଷୀ ଅଛି। ବିଜେପି-ଆରଏସଏସ ଏପରି



**କଂଗ୍ରେସ କେବେ ନଇଁ ନାହିଁ**

କରିଆସିଛି। ଟିକେ ଚାପ ପକାଇ ଦେଲେ ଏମାନେ ସବୁବେଳେ ନଇଁ ଯାଆନ୍ତି। ଭୟରେ ପଳାନ୍ତି। ପାକିସ୍ତାନର ଧମକ ସତ୍ତ୍ୱେ ୧୯୭୧ରେ ଭାରତ ଏହି ଦେଶକୁ ଦୁଇ ଖଣ୍ଡ କରି ଦେଇଥିଲା। କିନ୍ତୁ କଂଗ୍ରେସ କେବେ ନଇଁ ନାହିଁ। ଦଳର ସିଂହ ଏବଂ ସିଂହୀମାନେ ସୁପର୍ ପାୱାର ସହ ଲଢିଛନ୍ତି।

ଏହା ପୂର୍ବରୁ ରାହୁଲ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଜେମା ଇନ୍ଦିରା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। କିନ୍ତୁ ଏହି ସମୟରେ ସେ ଚପଲ ପିନ୍ଧିଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ରାହୁଲଙ୍କୁ ନିଶାଣ କରିଥିଲେ। ଏହା ସଂସ୍କୃତି ବିରୋଧୀ କହି ଧ୍ୟାନ ରଖିବାକୁ ପରାମର୍ଶ ଦେଇଥିଲେ।

**ସେନା ଅଧିକାରୀଙ୍କ ଗୋପନୀୟତାକୁ ନେଇ ମାର୍ଗଦର୍ଶିକା**

## ବ୍ୟକ୍ତିଗତ ସୂଚନା ଜାରି କରିପାରିବନି ଗଣମାଧ୍ୟମ

**ନୂଆଦିଲ୍ଲୀ, ୩।୬ (ଏଜେନ୍ସି):** ସେନା ଅଧିକାରୀଙ୍କ ଗୋପନୀୟତାକୁ ନେଇ ପ୍ରତିରକ୍ଷା ମନ୍ତ୍ରାଳୟ ମଙ୍ଗଳବାର ମାର୍ଗଦର୍ଶିକା ଜାରି କରିଛି। ଏଥିରେ କାର୍ଯ୍ୟରେ ମୁତୟନ କିମ୍ବା ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ତାଙ୍କ ପରିବାର ଗୋପନୀୟତା ପ୍ରତି ଧ୍ୟାନ ରଖିବାକୁ କୁହାଯାଇଛି। ବିନା ଅନୁମତିରେ ଅଧିକାରୀଙ୍କ ଘରକୁ ନ ଯିବାକୁ, ସାକ୍ଷାତକାର ନ ନେବାକୁ କିମ୍ବା ବ୍ୟକ୍ତିଗତ କାହାଣୀ ପାଇଁ ଯୋଗାଯୋଗ ନ କରିବାକୁ କୁହାଯାଇଛି। ଘର ଠିକଣା, ପରିବାର ସଦସ୍ୟଙ୍କ ଫଟୋ କିମ୍ବା କୌଣସି ବ୍ୟକ୍ତିଗତ ସୂଚନା ନ ଛପାଇବାକୁ ଏବଂ ନ ଦେଖାଇବାକୁ କୁହାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ହୋଇ ନ ଥିଲେ କିମ୍ବା ଅଧିକାରୀଙ୍କ ଠାରୁ ଅନୁମତି ମିଳି ନ ଥିଲେ ଏହାକୁ ଜାରି ନ କରିବାକୁ କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରାଳୟର ଏଡିଜି ବିଜୟ କୁମାର ଏହି ମାର୍ଗଦର୍ଶିକାରେ ସ୍ୱାକ୍ଷର କରିଛନ୍ତି।

ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଅପରେସନ୍ ସିନ୍ଦୂର ଏବଂ ତା'ପରର ସୂଚନା ଦେବା ପାଇଁ ଅଧିକାରୀମାନେ ଗଣମାଧ୍ୟମ ସମ୍ମୁଖକୁ ଆସିଥିଲେ। ଏହି ଅଧିକାରୀଙ୍କ ନେଇ ପ୍ରସାରଣ କରାଯାଉଥିବା ଖବର ସିଧା ତାଙ୍କ ପରିବାର ସଦସ୍ୟ ଏବଂ ବ୍ୟକ୍ତିଗତ ଜୀବନରେ ପହଞ୍ଚି ଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ସେମାନଙ୍କ ପରିବାର ସଦସ୍ୟଙ୍କ ବାସଭବନକୁ ଯାଇ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ସେନା ଅଧିକାରୀଙ୍କ ପରିବାରର ବ୍ୟକ୍ତିଗତ ପ୍ରସଙ୍ଗ ଉପରେ ମଧ୍ୟ ଖବର ପରିବେଷଣ କରାଯାଇଥିଲା। ଏଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଭାରତ-ପାକ୍ ଉତ୍ତେଜନା ସମୟରେ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କୁ ମଧ୍ୟ ଅନଲାଇନରେ ଖରାପ ବ୍ୟବହାର କରାଯାଇଥିଲା। ଏପରିକି ପରିବାର ସହିତ ତାଙ୍କର ପୁରୁଣା ଫଟୋ ମଧ୍ୟ ସେୟାର କରାଯାଉଥିଲା। ଝିଅର ମୋବାଇଲ୍ ନମ୍ବର ବି ଭାଇରାଲ ହେଉଥିଲା। ଏହା ପରେ ମିଶ୍ରି ନିଜ ଆକାଉଣ୍ଟଙ୍କୁ ସୁରକ୍ଷିତ କରିଦେଇଥିଲେ।

## ଘରୋଇ ହିଂସା ଆଇନ୍ କାର୍ଯ୍ୟକାରୀ କରିବାକୁ ୭ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଦେଶରେ ଘରୋଇ ହିଂସା ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମ କୋର୍ଟ ୭ଟି ମହତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ହିଂସା ନେଇ ଉପଯୋଗୀ ଆଇନ ରହିଥିଲେ ମଧ୍ୟ ଏହାକୁ ସଫଳ ରୂପେ କାର୍ଯ୍ୟକାରୀ କରାଯାଇପାରୁନାହିଁ ବୋଲି ହୃଦୟଙ୍ଗମ କରିବା ପରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ପୁଙ୍ଖାନୁପୁଙ୍ଖ ଭାବେ ନ୍ୟାୟଳୟଙ୍କ ତରଫରୁ ନିର୍ଦ୍ଦେଶନାମା ପତ୍ର ଜାରି କରାଯାଇଛି। ଏହି ନିର୍ଦ୍ଦେଶଗୁଡ଼ିକ ହେଲା ପ୍ରୋଟେକସନ ଅଫିସରଙ୍କୁ ଚିହ୍ନଟ କରି ନିଯୁକ୍ତି କରାଯିବା। ୬ ମାସ ମଧ୍ୟରେ ପ୍ରୋଟେକସନ ଅଫିସରଙ୍କୁ ନିଯୁକ୍ତି ଦିଆଯିବା। ଘରୋଇ ହିଂସାର ଶିକାର ହେଉଥିବା ପୀଡିତଙ୍କୁ ଆଇନ ନେଇ ସଚେତନ କରାଇବା। ଘରୋଇ ହିଂସା ଆଇନ୍‌ର ସେକସନ ୧୧ରୁ ଯଥାଶୀଘ୍ର ଲାଗୁ କରାଇବା। ପୀଡିତଙ୍କୁ ମାଗଣାରେ ଆଇନ୍ ସହାୟତା ଦେବା। ରାଜ୍ୟ ଓ ଜିଲ୍ଲାସ୍ତରରେ ଅଧିକାରୀଙ୍କ ଭୂମିକା ନେଇ ସମସ୍ତଙ୍କୁ ଅବଗତ କରାଇବା ଏବଂ ଶେଷରେ ୧୦ ସପ୍ତାହ ମଧ୍ୟରେ ପୀଡିତଙ୍କୁ ଚିହ୍ନଟ କରିବା ସହ ଆଶ୍ରୟସ୍ଥଳରେ ପହଞ୍ଚାଇବା

## ସଂସଦରେ ନିଜ ଉଲଗ୍ନ ଫଟୋ ଦେଖାଇଲେ ମହିଳା ସଦସ୍ୟ

**ୱେଲିଂଟନ,୩।୬(ଏଜେନ୍ସି):** ନ୍ୟୁଜିଲାଣ୍ଡ ମହିଳା ସାଂସଦ ଲାଉରା ମ୍ୟାକକ୍ଲୁର ସଂସଦରେ ନିଜର ଉଲଗ୍ନ ଫଟୋ ଦେଖାଇ ସମସ୍ତଙ୍କୁ ଚକିତ କରାଇଥିଲେ। କିନ୍ତୁ ଏହି ଫଟୋ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜେନେରେଟେଡ ଥିଲା। ଏଆଇ ଦ୍ୱାର କିପରି ଅତି ସହଜରେ ମାତ୍ର କେତେ ମିନିଟ୍ ମଧ୍ୟରେ ଡିପ୍ ଫେକ୍ ଫଟୋ ଉତ୍ତୋଳନ କରାଯାଇପାରିବ ସେ ସଂସଦରେ ଦର୍ଶାଇବାକୁ ପ୍ରୟାସ କରିଥିଲେ। ଏହା ମୋର ପ୍ରକୃତ ଫଟୋ ନ ଥିଲେ ମଧ୍ୟ ଅବିକଳ ମୋ ଭଳି ଦେଖାଯାଉଛି। ତେଣୁ ଅତି ସହଜରେ ଏଆଇ ଦ୍ୱାରା ଜଣଙ୍କ ପ୍ରତିଷ୍ଠା ଓ ସମ୍ମାନ ହାନୀ କରାଯାଇପାରିବ। ତେଣୁ ଏଆଇ ଓ ଡିପ୍ ଫେକ୍‌କୁ ନିୟନ୍ତ୍ରଣକୁ ଆଣିବାକୁ ଆଇନ୍ ପ୍ରଣୟନ କରିବାକୁ ସେ ପରାମର୍ଶ ଦେଇଥିଲେ।

## ବିଜେପି ନେତାଙ୍କ ହୋଟେଲରେ ହାଇପ୍ରୋଫାଇଲ ସେକ୍ସ ର୍‍ୟାକେଟ

**ଜବଲପୁର, ୩।୬ (ଏଜେନ୍ସି):** ମଧ୍ୟପ୍ରଦେଶ ଜବଲପୁରର ଗଡ଼ାରୁ ବିଚଳିତ କରିବା ଭଳି ମାମଲା ସାମ୍‌ନାକୁ ଆସିଛି। କ୍ଷମତାର ଛତ୍ରଛାୟାରେ ରହି ଖରାପ ଖେଳ ଚଳାଇଥିବା ଜଣେ ବିଜେପି ନେତାଙ୍କ ଗୁମର ଖୋଲି ଯାଇଛି। ବିଜେପି ନେତା ଅତୁଲ ଚୌରାସିଆଙ୍କ ହୋଟେଲରୁ ହାଇପ୍ରୋଫାଇଲ ସେକ୍ସ ର୍‍ୟାକେଟର ପର୍ଦ୍ଦାଫାସ ହୋଇଛି। ସହଯୋଗୀ ଶୀତଲ ଦୁବେଙ୍କ ସହ ମିଶି ସେ ଏହି ବେଆଇନ କାରାବାର ଚଳାଇ ଥିଲେ। ନେତା ଏବଂ ମନ୍ତ୍ରୀ ବି ଏଥିରେ ସହଯୋଗ କରୁଥିଲେ। କାରଣ ଅତୁଲ ଏହି ନେତା ଏବଂ ଅଧିକାରୀଙ୍କ ପାଖକୁ ଯୁବତୀ ପଠାଉ ଥିଲେ। କୋଲକାତା, ଆସାମ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରୁ ଏହି ହୋଟେଲକୁ ଯୁବତୀଙ୍କୁ ଅଣା ଯାଉଥିଲା। ଏହି ଯୁବତୀଙ୍କୁ ଆଣିବା ପାଇଁ ମହିଳା ଏଜେଣ୍ଟଙ୍କୁ ନିଯୁକ୍ତ କରାଯାଇଥିଲା। ଆସାମର ଜଣେ ମହିଳାଙ୍କ ଅଭିଯୋଗ ଏହାର ଖୁଲାସା ହୋଇଥିଲା। ଏହି ମହିଳା କହିଥିଲେ ଯେ ତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଜବଲପୁର ଅଣା ଯାଇଥିଲା। ପରେ ତାଙ୍କୁ ଦେହ ବ୍ୟବସାୟକୁ ଠେଲି ଦିଆଯାଇଥିଲା। ଗତ ୧୮ ତାରିଖରେ ଏଥିପାଇଁ ମନା କରିବାରୁ ମହିଳାଙ୍କୁ ପ୍ରକୋଷ୍ଠରେ ବନ୍ଦ କରି ଶୀତଲ ଦୁବେ ଏବଂ ତାଙ୍କ ସହଯୋଗୀ ପ୍ରବଳ ମାଡ଼ ମାରିଥିଲେ। ପରେ ହୋଟେଲରୁ ବାହାର କରିଦେଇଥିଲେ। ଏଠାରୁ ମହିଳା ସିଧା ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଷ୍ଟେସନକୁ ଯାଇ ପୋଲିସକୁ ସମସ୍ତ ଘଟଣା କହିଥିଲେ। ସେ ଗତ ଛଅ ମାସ ଧରି ଅଭିଯୋଗ ନେଇ ଥାନାକୁ ଆସୁଥିଲେ, କିନ୍ତୁ ଅତୁଲଙ୍କ ରାଜନୈତିକ ପ୍ରଭାବ ଯୋଗୁଁ କେହି ଏହା ଶୁଣୁ ନ ଥିଲେ। ଏବେ ପୁଲିସ ଅତୁଲକୁ ଗିରଫ କରିଛି ଏବଂ ଶୀତଲ ଫେରାର ଅଛି।

● ନେତା-ମନ୍ତ୍ରୀଙ୍କ ପାଖକୁ ପଠା ଯାଉଥିଲା ଯୁବତୀ କୋଲକାତା, ଆସାମ, ଝାଡ଼ଖଣ୍ଡ, ଛତିଶଗଡ଼ରୁ ଆସୁଥିଲେ ଯୁବତୀ
● ଯୁବତୀଙ୍କୁ ଆଣିବା ପାଇଁ ହାତ ବାରିସି ସାଜିଥିଲେ ମହିଳା ଏଜେଣ୍ଟ
● ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୂର୍ବରୁ ଶୁଣି ନ ଥିଲା ପୁଲିସ



୩୨ ବର୍ଷୀୟା ପୀଡିତା କହିଛନ୍ତି ଯେ ତିନି ବର୍ଷ ପୂର୍ବେ ଦଲାଲ ମନୀଷା ତାଙ୍କୁ ଭଲ ଚାକିରିର ପ୍ରତିଶ୍ରୁତି ଦେଇ ଆସାମରୁ ଜବଲପୁରକୁ ଡକାଇଥିଲେ। ଏଠାରେ ତାଙ୍କୁ ଅତୁଲଙ୍କ ହୋଟେଲରେ ଅତିଥି ଭାବରେ ରହିବାକୁ କୁହାଯାଇଥିଲା। ପରେ ଅସହାୟତାର ସୁଯୋଗ ନେଇ ବେଶ୍ୟାବୃତ୍ତିକୁ ଠେଲି ଦିଆଯାଇଥିଲା। ଏଠାରୁ ଝିଅଙ୍କୁ ରାଜନେତା, ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରଭାବଶାଳୀ ଲୋକଙ୍କ ପାଖକୁ ପଠାଯାଉଥିଲା। ପ୍ରତିଦିନ ରାତିରେ ଲୋକେ ଆସୁଥିଲେ ଏବଂ ସକାଳୁ ଚାଲି ଯାଉଥିଲେ। ଏହି ବ୍ୟବସାୟ ଗତ ତିନି ବର୍ଷ ଧରି ଚାଲିଥିଲା। ହୋଟେଲ କର୍ମଚାରୀ ମଧ୍ୟ ଏହି ର୍‍ୟାକେଟରେ ସମ୍ପୂର୍ଣ୍ଣ ଜଡିତ ଥିଲେ। ଶୀତଲ ଏହି ର୍‍ୟାକେଟର ମୁଖ୍ୟ ଦଲାଲ ଥିଲା। ସେ ନିଜକୁ କିନ୍ନର କହୁଥିଲା। ସେ ସବୁ ବ୍ୟବସ୍ଥା ବୁଝୁଥିଲା। ଗ୍ରାହକଙ୍କଠାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିଲା। କିନ୍ତୁ ଯୁବତୀଙ୍କୁ ୫୦୦ରୁ ହଜାରେ ଟଙ୍କା ଦିଆଯାଉଥିଲା। ଝିଅଙ୍କୁ ଗୋତି ଶ୍ରମିକ ଭଳି ରଖାଯାଉଥିଲା।

# ଇସ୍ପାତ ପ୍ରକଳ୍ପ: ଆନ୍ଧ୍ରରେ ଦ୍ରୁତ; ଓଡ଼ିଶାରେ ମନ୍ଥର

■ ୪ ମାସରେ ସରିଲା ଆର୍ସେଲର ମିତ୍ତଲ ଜମି ଅଧିଗ୍ରହଣ
■ ଅନିଶ୍ଚିତତାରେ କେନ୍ଦ୍ରାପଡ଼ା ପ୍ରସ୍ତାବିତ ଇସ୍ପାତ କାରଖାନା


ଭୁବନେଶ୍ୱର,୩।୬(ସମିସ): କେନ୍ଦ୍ରାପଡାରେ ପ୍ରସ୍ତାବିତ ଆର୍ସେଲର ମିତ୍ତଲ- ନିପ୍ପନ ଷ୍ଟିଲ କାରଖାନାକୁ ଅନିଶ୍ଚିତତା ଲାଗି ରହିଛି। ଗୋଟିଏ ପଟେ ଓଡ଼ିଶାରେ ପ୍ରସ୍ତାବିତ କାରଖାନା ପାଇଁ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅନୁମୋଦନ ପ୍ରକଳ୍ପକୁ ବିଳମ୍ବିତ ହୋଇ ଚାଲିଛି; ଅନ୍ୟପଟେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପାଇଁ ସ୍ଥାନୀୟ ସରକାର ଫୁଲ୍ ଦମରେ ଲାଗି ପଡ଼ିଛନ୍ତି। ଯାହାଫଳରେ ଆନ୍ଧ୍ରରେ ପ୍ରକଳ୍ପ କାର୍ଯ୍ୟନ୍ୱୟନ ଗତି ଜୋର୍ ଧରିଥିବା ବେଳେ ଓଡ଼ିଶାର କେନ୍ଦ୍ରାପଡ଼ାରେ ଦେଶର ଏହି ବୃହତ୍ ଶିଳ୍ପ ପ୍ରକଳ୍ପକୁ ନେଇ ସଂଶୟ ଏବଂ ସନ୍ଦେହ ଘନୀଭୂତ ହେବାରେ ଲାଗିଛି।

ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶରେ ଆର୍ସେଲର ମିତ୍ତଲ ପ୍ରଥମ ପର୍ଯ୍ୟାୟରେ ୫୫୯୬୧ କୋଟି ଟଙ୍କା ନିବେଶ କରିବ । ୨୨୦୦ ଏକର ଜମିରେ ଏହି ପ୍ରକଳ୍ପ ଆସନ୍ତା ୨୦୨୯ ଜାନୁଆରୀ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୮୦ ହଜାର କୋଟି ଟଙ୍କା ନିବେଶ ହେବ ଓ ୨୦୩୩ ସୁଦ୍ଧା ଏହାର ଉତ୍ପାଦନ ଆରମ୍ଭ ହେବ। ଉଭୟ ପର୍ଯ୍ୟାୟ ଶେଷ ହେବା ପରେ ଏହାର ମୋଟ ଉତ୍ପାଦନ କ୍ଷମତା ୧୭.୮ ଏମଟିପିଏକୁ ବୃଦ୍ଧି ପାଇବ। ଆଗାମୀ ଦିନରେ ଏହି ପ୍ରକଳ୍ପକୁ ଗୁରୁରାଟରେ ବର୍ତ୍ତମାନ ସମ୍ପ୍ରସାରିତ କରାଯାଉଥିବା ହାଜିରା ପୋର୍ଟ ସହ ସଂଯୋଗ କରାଯିବ । ଆନ୍ଧ୍ର ପ୍ରଦେଶର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ନାରା ଲୋକେଶଙ୍କ ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ଅସ୍ଥାୟୀ (ପ୍ରୋଭିଜିଓନାଲ) ଜମି ଆବଣ୍ଟନ ପ୍ରକ୍ରିୟା ରେକର୍ଡ ୪ ମାସ ମଧ୍ୟରେ ସମାପ୍ତ ହୋଇଛି। ପ୍ରକଳ୍ପ କାର୍ଯ୍ୟନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ନୂଆ ଶିଳ୍ପ ନୀତି ଅନୁଯାୟୀ ପଦକ୍ଷେପ ନିଆଯାଉଛି। ଏପରିକି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ ହେବା ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପ୍ରୋତ୍ସାହନ ଏବଂ ରିଆତି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯୋଗାଇ ଦେବେ ବୋଲି ସେ କହିଛନ୍ତି।

ଅପରପକ୍ଷେ ଦୁଇଟି ପର୍ଯ୍ୟାୟରେ କେନ୍ଦ୍ରାପଡାରେ ନିପ୍ପନ ଷ୍ଟିଲର ୨୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ କାରଖାନା କାର୍ଯ୍ୟକାରୀ ଥିବାକୁ ହେଲେ ହେଁ ବର୍ତ୍ତମାନ ସୁଦ୍ଧା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପ୍ରକଳ୍ପ ପାଇଁ ମୋଟ ୭୮୧୮ ଏକର ଜମି ଯୋଗାଇ ଦେବାକୁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ଗତ ଡିସେମ୍ବରରେ ରାଜ୍ୟ ସରକାର ମହାକାଳପଡ଼ାର ବଡ଼ଟୁବି ଗ୍ରାମରେ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ସକାଶେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ଅନୁଯାୟୀ ବଡ଼ଟୁବି ଗ୍ରାମରେ ଆର୍ସେଲର ନିପ୍ପନ ପାଇଁ ୩୮୩ ଏକର ଜମି ଅଧିଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ଜମି ଅଧିଗ୍ରହଣ ପାଇଁ ଯାଞ୍ଚ ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି। ସେହିପରି ପ୍ରକଳ୍ପ କାର୍ଯ୍ୟନ୍ୱୟନ ପାଇଁ ଜଙ୍ଗଲ ଏବଂ ପରିବେଶ ମଞ୍ଜୁରୀ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ପ୍ରକଳ୍ପ ପାଇଁ ପାଣି, ବିଦ୍ୟୁତ୍, ରାସ୍ତା ଏବଂ ଅନ୍ୟ ଆବଶ୍ୟକତାକୁ ସରକାର ନଜରରେ ରଖି ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୁହାଯାଉଥିଲେ ହେଁ ଏହା ସେପରି ଆଖିଦୃଶିଆ ହୋଇ ପାରିନାହିଁ।

## ସୋଲାର କରେଣ୍ଟ ଲାଗି ମାଇ ହାତୀ ମୃତ

ଅନୁଗୋଳ/ଛେଣ୍ଡିପଦା,୩।୬(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ନୂଆଗାଁ ପଞ୍ଚାୟତର ଡଙ୍କାପାଳ ଗ୍ରାମ ନିକଟ ନାଳିଆସାହିଠାରେ ୨୫ବର୍ଷୀୟ ଏକ ମାଇହାତୀର ମୃତଦେହ ଠାବ ହୋଇଛି। ସୌର୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର ରାତି ପ୍ରାୟ ୮ଟା ବେଳେ ହାତୀଟିର ମୃତ୍ୟୁ ଘଟିଥିବା ବନ ବିଭାଗର ତଦନ୍ତରୁ ଜଣାପଡ଼ିଛି। ପ୍ରାଣୀଧନ ଚିକିତ୍ସକ ହାତୀର ବ୍ୟବଚ୍ଛେଦ କରିବା ପରେ ତାକୁ ମାଟିରେ ପୋତି ଦିଆଯାଇଛି।



ବନ୍ୟପ୍ରାଣୀ ମୁଖ୍ୟ ସଂରକ୍ଷକ(ପିସିସିଏଫ୍)ଙ୍କ ନିର୍ଦ୍ଦେଶରେ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ମଙ୍ଗଳବାର ଘଟଣାସ୍ଥଳରେ ତଦନ୍ତ କରିଥିଲେ। ମଙ୍ଗଳବାର ସକାଳେ ଛେଣ୍ଡିପଦା ବନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରାଥମିକ ତଦନ୍ତ କରିଥିଲେ। ଗ୍ରାମକୁ ହାତୀ ପ୍ରବେଶ ନ କରିବା ପାଇଁ ଜଙ୍ଗଲ ଓ ଗ୍ରାମ୍ୟ ସୀମାରେ ସୌରଶକ୍ତି ତାର ବାଡ଼ ଦିଆହାଇଛି। ୧୭ଟିକିଆ ହାତୀପଲ ସୋମବାର ଅପରାହ୍ଣରେ ଉକ୍ତ ସୌରଶକ୍ତି ତାରବାଡ଼ ଅତିକ୍ରମ କରି ଗ୍ରାମ ନିକଟ ନାଳିଆସାହି ନିକଟକୁ ଆସିଥିଲେ। ସେଠାରେ ଗ୍ରାମର ପଙ୍କଜ ପ୍ରଧାନଙ୍କ ନିଜସ୍ୱ ସୌରବାଡ଼ ସଂସ୍ପର୍ଶରେ ଆସିବାରୁ ଏକ ମାଇ ହାତୀଟି ଟଳି ପଡ଼ିଥିଲା। ପରେ ଛେଣ୍ଡିପଦା ରେଞ୍ଜରଙ୍କ ସହ ଅନୁଗୋଳ ଡିଏଫ୍ଓ ନୀତୀଶ କୁମାର, ଏସିଏଫ୍ ବିଦ୍ୟାସାଗର, ଭୁବନେଶ୍ୱରରୁ ଆସିଥିବା ଟାସ୍କଫୋର୍ସ, ଅନୁଗୋଳର ରାପିଡ୍ ଆକ୍ସନ୍ ଫୋର୍ସ ଓ ବନ୍ୟପ୍ରାଣୀ ଡାକ୍ତରୀ ଟିମ, ସମସ୍ତ ବନ କର୍ମଚାରୀ ତଦନ୍ତ କରିଥିଲେ। ଲୋକେ କିନ୍ତୁ ବନ ବିଭାଗର ଅବହେଳା ପାଇଁ ହାତୀର ମୃତ୍ୟୁ ହୋଇଥିବା ଅଭିଯୋଗ କରୁଛନ୍ତି। ପରପକ୍ଷରେ, ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ସୋଲାର ଫେନସିଙ୍ଗ ମେସିନ ଓ ତାର ବାଡ଼କୁ ଜବତ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି।

# 'ଆୟୁଷ୍ମାନ' ଯନ୍ତ୍ରଣା: ୬ ସପ୍ତାହ ପରେ ବି ମିଳୁନାହିଁ କାର୍ଡ

■ ଏବେ ବି ଅର୍ଦ୍ଧାଧିକ ହିତାଧିକାରୀ କାର୍ଡରୁ ବଞ୍ଚିତ
■ ସେବା ପାଇପାରୁନାହାନ୍ତି ଯୋଗ୍ୟ ହିତାଧିକାରୀ
■ ବାହାର ରାଜ୍ୟରେ କଲବଲ ହେଉଛନ୍ତି ରୋଗୀ

ଭୁବନେଶ୍ୱର, ୩।୬(ସମିସ): ଗତ ଏପ୍ରିଲ୍ ମାସରୁ ରାଜ୍ୟରେ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ ହେଲାଣି। ହେଲେ ଏପର୍ଯ୍ୟନ୍ତ ଅଧାରୁ ଅଧିକ ହିତାଧିକାରୀଙ୍କୁ କାର୍ଡ ମିଳିନାହିଁ। ଏମିତିକି ଅଧିକାଂଶ ହିତାଧିକାରୀଙ୍କୁ କାର୍ଡ ମିଳିଥିଲେ ହେଁ ପରିବାର ସଦସ୍ୟଙ୍କ ନାଁ ନାହିଁ। ସେହିପରି ରାଜ୍ୟ ବାହାରେ ରହୁଥିବା ଲୋକଙ୍କୁ ବି ଏହି କାର୍ଡରେ ଚିକିତ୍ସା ମିଳିବ ବୋଲି କୁହାଯାଇଥିଲେ ହେଁ ବାସ୍ତବରେ ଏହା ମଧ୍ୟ କାର୍ଯ୍ୟାନ୍ୱୟନ ହୋଇପାରି ନାହିଁ। ସରକାରଙ୍କ ଘୋଷଣା ପରେ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟରେ ପରିବାର ସହ ରହୁଥିବା ଲୋକମାନେ ଏହାକୁ ନେଇ ଆଶ୍ୱସ୍ତ ହୋଇଥିଲେ। ମାତ୍ର ସେମାନଙ୍କ ଭିତରୁ ଅଧିକାଂଶ ଲୋକଙ୍କୁ ଏପର୍ଯ୍ୟନ୍ତ କାର୍ଡ ମିଳିନାହିଁ, ତେଣୁ ସ୍ୱାଭାବିକ ଭାବରେ ସେମାନେ ଚିକିତ୍ସା ସେବା ପାଇପାରୁନାହାନ୍ତି। ଏହି ଯୋଜନା ଲାଗୁ ହେବା ପରେ ମାଳମାଳ ସମସ୍ୟା ଉପୁଜୁଥିଲେ ହେଁ ସରକାର ଏହାକୁ ସମାଧାନ କରୁନଥିବା ଅଭିଯୋଗ ହେଉଛି।

ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଲାଗୁ ହେଲେ ରାଜ୍ୟରେ ୩ କୋଟି ୫୨ ଲକ୍ଷ ଲୋକ ଉପକୃତ ହେବେ ବୋଲି ସରକାର କହିଲେ। ରାଜ୍ୟ ଓ ରାଜ୍ୟ ବାହାରର ୨୯ ହଜାର ଡାକ୍ତରଖାନାରେ ଏହି ଯୋଜନାରେ ଲୋକେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଜୋରଦାର ପ୍ରଚାର କଲେ। ମାତ୍ର ତୃଣମୂଳସ୍ତରରେ ଉପୁଜୁଥିବା ସମସ୍ୟାର ସମାଧାନ ଏଯାଏ ହୋଇ ପାରିଲା ନାହିଁ। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାର ଏହାକୁ ଯେତିକି ଗୁରୁତ୍ୱ ଦେବା କଥା, ସେତିକି ଦେଉନାହାନ୍ତି। ଫଳରେ ଲୋକମାନଙ୍କର ସମସ୍ୟାର ସମାଧାନ ହୋଇପାରୁନି ବୋଲି ଖୋଦ୍ ହିତାଧିକାରୀ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ରାଜ୍ୟରେ ବିଜେଡି ସରକାର 'ବିଜୁ ସ୍ୱାସ୍ଥ୍ୟ କାର୍ଡ' ଯୋଜନା ପ୍ରଣୟନ କରିଥିଲେ। ସେଥିରେ ରାଜ୍ୟ ଭିତରେ ୯ ଶହ ହସ୍ପିଟାଲ୍‌ରେ ଦେୟମୁକ୍ତ ଚିକିତ୍ସା ସେବା ମିଳୁଥିଲା। ଯେ କୌଣସି ସମସ୍ୟା ଉପୁଜୁଥିଲା, ମାତ୍ର ୨୪ ଘଣ୍ଟା ଭିତରେ ସମାଧାନ ହୋଇଯାଉଥିଲା। ମାତ୍ର ଆୟୁଷ୍ମାନ ଭାରତରେ ସେଭଳି ହେଉନାହିଁ ବୋଲି ଅଭିଯୋଗ ହୋଇଛି ।

ବ୍ଲକ୍ ଗୁଡ଼ିକରେ ଯେତିକି ସଂଖ୍ୟକ ହିତାଧିକାରୀ ଅଛନ୍ତି, ସେମାନଙ୍କୁ ଦୁଇଟି ପର୍ଯ୍ୟାୟରେ କାର୍ଡ ଦିଆଯାଇଥିଲେ ହେଁ ସଂପୂର୍ଣ୍ଣ କାର୍ଡ ପହଞ୍ଚି ପାରିନାହିଁ। ତେଣୁ ଲୋକମାନେ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଶା ଓ ଅଙ୍ଗନବାଡି ୱାର୍କର କାର୍ଡ ବଣ୍ଟନ ଦାୟିତ୍ୱରେ ଅଛନ୍ତି। ଏଥିସହ ହିତାଧିକାରୀ ନିଜେ ମଧ୍ୟ ଚାହିଁଲେ ଅନ୍‌ଲାଇନ୍‌ରୁ ନିଜର କାର୍ଡ ଡାଉନ୍‌ଲୋଡ୍ କରିପାରିବ। ହେଲେ ଯେଉଁମାନେ କାର୍ଡ ପାଇନାହାନ୍ତି, ସେମାନେ ଚେଷ୍ଟା କରି ମଧ୍ୟ ଅନ୍‌ଲାଇନ୍‌ରୁ କାର୍ଡ ଡାଉନ୍‌ଲୋଡ୍ କରିପାରୁନାହାନ୍ତି। ଏଥିସହ କିଛି ଲୋକଙ୍କର କାର୍ଡରେ ଅନ୍ୟ ଲୋକମାନେ ଯୋଡ଼ି ହୋଇଛନ୍ତି। ତାକୁ ନେଇ ମଧ୍ୟ ବିରାଟ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମସ୍ୟା ଥିବା ରୋଗୀମାନଙ୍କୁ ଓଡ଼ିଶାରେ ଯଦିଓ ସେବା ମିଳୁଛି, କିନ୍ତୁ ଓଡ଼ିଶା ବାହାରେ ଚିକିତ୍ସା ସେବା ପାଇବାରେ ସମସ୍ୟା ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିଏସ୍‌କେୱାଇ ଯୋଜନାକୁ ରାଜ୍ୟ ସରକାର ସଂପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରୁଥିଲେ। ତେଣୁ ଯାହା ସମସ୍ୟା ଉପୁଜୁଥିଲା, ତା'ର ତୁରନ୍ତ ସମାଧାନ କରାଯାଇ ପାରୁଥିଲା। ମାତ୍ର ଆୟୁଷ୍ମାନ କେନ୍ଦ୍ରୀୟ ଯୋଜନା ହୋଇଥିବାରୁ ସମସ୍ୟା ସମାଧାନ କରିବାରେ ବିଳମ୍ବ ହେଉଛି। ବାହାର ରାଜ୍ୟରେ ରହୁଥିବା ଲୋକମାନଙ୍କର ତାଲିକା ପ୍ରସ୍ତୁତ କରାଯାଇ ତାଙ୍କୁ ଆମେ ଅଗ୍ରାଧିକାରଭିତ୍ତିରେଦେବାକୁଚେଷ୍ଟାକରିବୁ। ପ୍ରାଥମିକପର୍ଯ୍ୟାୟରେ କିଛି ସମସ୍ୟା ଉପୁଜୁଥିଲା, ଏବେ ତା'ର ସମାଧାନ କରାଯାଉଛି। ଖୁବ୍‌ଶୀଘ୍ର ଏହା ବ୍ୟବସ୍ଥିତ ହୋଇଯିବ ବୋଲି ସେ କହିଛନ୍ତି।

## ସତକୋଶିଆରେ ପୁଣି ଜନ୍ମହେଲେ ୩୦ ଘଡ଼ିଆଳ

ଅନୁଗୋଳ, ୩।୬(ସମିସ): ମହାନଦୀର ସାତକୋଶିଆ ଗଣ୍ଡରେ ପୁଣି ଖୁସି ଖବର। ଗତ ସପ୍ତାହରେ ବିରଳ ଘଡ଼ିଆଳ ଯୋଡ଼ା ପୁଣି ଥରେ ୩୦ଟି ଘଡ଼ିଆଳ ଛୁଆ ଫୁଟାଇଛନ୍ତି। ଗତ ୨୦୨୧ଠାରୁ ଚଳିତବର୍ଷ ମଧ୍ୟରେ ଲଗାତାର ଭାବେ ସେହି ଗୋଟିଏ ଯୋଡ଼ା ଘଡ଼ିଆଳ ଛୁଆ ଫୁଟାଉଥିବାରୁ ମହାନଦୀ ସାତକୋଶିଆ ଗଣ୍ଡ ଘଡ଼ିଆଳ ବଂଶ ବୃଦ୍ଧି ପାଇ ଉତ୍କୃଷ୍ଟ ପ୍ରାକୃତିକ ସ୍ଥାନ ବୋଲି ପ୍ରମାଣିତ ହୋଇଛି। ଫଳରେ ବନ ବିଭାଗ, ପରିବେଶପ୍ରେମୀ ଓ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

୨୦୨୧ରେ ୨୮ଟି, ୨୦୨୨ରେ ୩୨ଟି, ୨୦୨୩ରେ ୩୫ଟି, ୨୦୨୪ରେ ୩୫ଟି ଘଡ଼ିଆଳ ଛୁଆ ଜନ୍ମ ହୋଇଥିଲେ। ଚଳିତ ବର୍ଷ ପୁଣି ଥରେ ୩୦ଟି ଛୁଆ ସହ ଏହି ସ୍ଥାନରେ ମୋଟ ୧୬୦ଟି ଛୁଆ ଗତ ୫ ବର୍ଷ ମଧ୍ୟରେ ଜନ୍ମ ହୋଇଛନ୍ତି। ବନ ବିଭାଗ ତରଫରୁ ସେହି ଛୁଆଗୁଡିକର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଗଣ୍ଡ ଭିତରେ ମୋଟର ବୋଟ ଚଳାଚଳ ବନ୍ଦ କରାଯାଇଥିବା ବେଳେ କାଠ ଡଙ୍ଗାରେ ମାଛ ମାରିବା ଉପରେ କଟକଣା ଲଗାଯାଇଛି। ଏକ ସ୍ୱତନ୍ତ୍ର ଟିମ ଗଣ୍ଡ ଭିତରେ ପଇଁତରା ମାରୁଛନ୍ତି। ସେଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରା ଜରିଆରେ ଘଡ଼ିଆଳ ଯୋଡ଼ା ଏବଂ ଛୁଆ ଗୁଡିକର ସ୍ଥିତି ପର୍ଯ୍ୟବେକ୍ଷଣ ପ୍ରତିବର୍ଷ ଜୁନ ଓ ଜୁଲାଇ ମାସ ବେଳକୁ ନଦୀ ବଢି ହେଉଥିବାରୁ ଘଡ଼ିଆଳ ଛୁଆ ଭାସି ଯିବାର ନଜିର ରହିଛି। ତେଣୁ ଚଳିତ ବର୍ଷ ମହାନଦୀରେ ବଢି ଆସିବା ସଂକେତ ମିଳିଲେ ଘଡ଼ିଆଳ ଛୁଆଗୁଡିକୁ ସେଠାରୁ ସୁରକ୍ଷିତ ଅଣାଯାଇ ଅନ୍ୟଏକ ପ୍ରାକୃତିକ ଆବାସରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଘଡ଼ିଆଳ ହେଉଛି ଏକ ବିରଳ ପ୍ରଜାତିର କୁମ୍ଭୀର। ସେମାନଙ୍କର ବଞ୍ଚିବା ହାର ବହୁତ କମ ଅର୍ଥାତ ଶତକଡା ୧ଭାଗ ବୋଲି ଆକଳନ କରାଯାଇଛି । ସେଥିପାଇଁ ଗତ ପ୍ରାୟ ୩ ବର୍ଷ ହେବ ନନ୍ଦନକାନନରେ ଘଡ଼ିଆଳ ପୁନରୁଦ୍ଧାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସେଠାରୁ ବିଭିନ୍ନ ସମୟରେ ଘଡ଼ିଆଳ ଆଣି ମହାନଦୀ ଗଣ୍ଡରେ ଛଡ଼ାଯାଉଛି। ଗତ ୩ ବର୍ଷ ମଧ୍ୟରେ ଏଠାରେ ୨୦ରୁ ଅଧିକ ଘଡ଼ିଆଳ ଛଡ଼ାଯାଇଛି। ପ୍ରାକୃତିକ ପରିବେଶରେ ଏହି ପ୍ରକଳ୍ପ ଜରିଆରେ ଶତକଡା ୮୦ ଭାଗ ସଫଳତା ମିଳିପାରିଛି। ଦୀର୍ଘ ୪୦ ବର୍ଷ ପରେ ସାତକୋଶିଆ ଗଣ୍ଡରେ ପ୍ରଥମ ଥର ପାଇଁ ୨୦୨୧ରେ ୨୮ଟି ଘଡ଼ିଆଳ ଛୁଆ ପ୍ରାକୃତିକ ପରିବେଶରେ ଜନ୍ମ ହୋଇଥିଲେ। ସେତେବେଳେ ସବୁଆଡେ ଖୁସି ଦେଖା ଦେଇଥିଲା। ଏପରିକି ସେ ସମୟର ମୁଖ୍ୟମନ୍ତ୍ରୀ ମଧ୍ୟ ଟୁଇଟ କରି ନିଜର ଖୁସି ବ୍ୟକ୍ତ କରିଥିଲେ। କାରଣ ଭାରତରେ ଗଣ୍ଡକ ଓ ଚମ୍ବଲ ନଦୀରେ ଘଡ଼ିଆଳ ଦେଖାଯାଆନ୍ତି।

## ଅଣ୍ଡା ତରକାରୀ ପାଇଁ ସ୍ତ୍ରୀକୁ ପିଟିପିଟି ହତ୍ୟା

ଉଦଳା, ୩।୬(ସମିସ): ଅଣ୍ଡା ତରକାରୀ ନ ଦେବାରୁ ସ୍ତ୍ରୀକୁ ପିଟିପିଟି ହତ୍ୟା କରିଛି ମଦ୍ୟପ ସ୍ୱାମୀ। ଏଭଳି ଏକ ଆପରାଧିକ ଘଟଣା ଘଟିଛି ଉଦଳା ଥାନା ବହୁବନ୍ଧ ପଞ୍ଚାୟତ କୁଟଲିଂ ବନ୍ଧସାହି ଗାଁରେ। ମୃତ ମହିଳା ହେଲେ, ଗ୍ରାମର ବାସନ୍ତୀ ବାସ୍କେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏହାସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଲମା ବାସ୍କେ(୪୧)କୁ ଗିରଫ କରିଛି।



ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ଲମା ଖାଇ ବସିଥିବା ବେଳେ ଅଣ୍ଡା ତରକାରୀ ନ ଥିବା ଦେଖି ବାସନ୍ତୀଙ୍କୁ ଗାଳିମନ୍ଦ କରିଥିଲେ। ବାସନ୍ତୀ ପ୍ରତ୍ୟୁତ୍ତର ଦେବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ସେ ପାଖରେ ପଡ଼ିଥିବା ଏକ ନିଆଁଫୁଙ୍କା ନଳୀରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ବାସନ୍ତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ସମେତ ପୁଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଥିଲେ।

## ଏଫ୍‌ଏମ୍‌ଏମ୍‌ସିଏଚ୍‌କୁ ଶବ ଅଭାବ



■ ପିଲାଙ୍କ ପ୍ରାକ୍ଟିକାଲ ଶିକ୍ଷା ବାଧାପ୍ରାପ୍ତ
■ ପ୍ରତିବର୍ଷ ଅନ୍ୟୂନ ୪ ଶବ ଆବଶ୍ୟକ
■ ଯୋଗାଡ଼ଯନ୍ତ୍ରରେ ମିଳିଛି ୧୧ ମୃତଦେହ
■ ବ୍ୟାପକ ସଚେତନତା ଓ ପୁଲିସ୍ ସହଯୋଗ ଦରକାର: ପ୍ରଫେସର୍

ବାଲେଶ୍ୱର,୩।୬(ସମିସ): ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ମୃତଦେହର ଘୋର୍ ଅଭାବ ଦେଖିବାକୁ ମିଳୁଛି। ପ୍ରତିବର୍ଷ ଅନ୍ୟୂନ ୪ଟି ମୃତଦେହର ଆବଶ୍ୟକତା ଥିବା ବେଳେ ଗତ ୭ ବର୍ଷ ଭିତରେ ଅର୍ଥାତ୍ ଏମ୍‌ବିବିଏସ୍ ପାଠ୍ୟକ୍ରମ ଆରମ୍ଭ ହେବାଠାରୁ ମାତ୍ର ୧୧ଟି ମୃତଦେହ ମିଳିପାରିଛି। ସେଥିମଧ୍ୟରୁ ଚଳିତବର୍ଷ କଟକ ଏସ୍‌ସିବିରୁ ୫ଟି ଶବ ଅଣାଯାଇଛି। ଆବଶ୍ୟକତା ଅନୁଯାୟୀ ଶବ ମିଳୁନଥିବାରୁ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ପ୍ରଭାବିତ ହେଉଛି।

ବାଲେଶ୍ୱର ସହର ସଂଲଗ୍ନ ରେମୁଣା ବିଜ୍ଞାପିତ ଅଞ୍ଚଳରେ ଅବସ୍ଥିତ ଏହି ମେଡିକାଲ (ଏଫ୍‌ଏମଏମସିଏଚ) କଲେଜରେ ଗତ ୨୦୧୮ ମସିହାଠାରୁ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହୋଇଛି। ୧୦୦ ସିଟ୍ ବିଶିଷ୍ଟ ଏହି ସରକାରୀ ଶିକ୍ଷାନୁଷ୍ଠାନରେ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ପାଇଁ ଆବଶ୍ୟକ ମେଡିକାଲ ଯନ୍ତ୍ରପାତି ଓ ସରଞ୍ଜାମ ସରକାର ଯୋଗାଇ ଦେଇଛନ୍ତି। ମାତ୍ର କଲେଜର ଆନାଟୋମି ବିଭାଗରେ ଆବଶ୍ୟକତା ଥିବା ମୃତ ବ୍ୟକ୍ତିଙ୍କ ଶରୀରର ଅଭାବ ହେତୁ ସମସ୍ୟା ଉପୁଜୁଛି। ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ମୃତ ବ୍ୟକ୍ତିଙ୍କ ଅକ୍ଷତ ଶରୀର ଆବଶ୍ୟକ ହୋଇଥାଏ। ହେଲେ ଆବଶ୍ୟକତା ଅନୁଯାୟୀ ମୃତହେଦ ମିଳୁନି। ଏହି ସମସ୍ୟା ସୃଷ୍ଟି ହେବା କାରଣ ପଛରେ ମୁଖ୍ୟତଃ ମୃତ୍ୟୁ ପୂର୍ବରୁ ସ୍ୱେଚ୍ଛାକୃତ ଭାବେ କେହି ଶରୀର ସମସ୍ତ ଅଙ୍ଗଦାନ କରିବାକୁ କହିଚାହୁଁନାହାନ୍ତି।

ପ୍ରତିବର୍ଷ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ନିହାତି ୪ଟି ମୃତଶରୀରର ଆବଶ୍ୟକ ରହିଛି। ଚଳିତବର୍ଷ ଏସସିବି କଲେଜରୁ ୫ଟି ମୃତଶରୀର ମାଗି ଆଣିଛି ଏଫ୍‌ଏମଏମସିଏଚ। ହୁଏତ ଚଳିତ ବର୍ଷ ଏହି ୫ଟି ମୃତଶରୀର ଦ୍ୱାରା ଡ଼ାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ହେଇଯିବ। ହେଲେ ଆଗାମୀ ବର୍ଷ ପାଇଁ ଆବଶ୍ୟକ ହେଉଥିବା ମୃତଦେହ ପୁଣି ଅନ୍ୟ କେଉଁ ମେଡିକାଲ୍ କଲେଜରୁ ଆଣିବାକୁ ପଡ଼ିବ। ତେଣୁ, ଜିଲ୍ଲାର ଜନ ସାଧାରଣ ଏଥିପ୍ରତି ସଚେତନ ହୋଇ ମୃତ୍ୟୁ ପୂର୍ବରୁ ସର୍ବାଙ୍ଗ ଦାନ କରିବାକୁ ଆଗେଇ ଆସିବା ଦରକାର।

ଏ ସଂପର୍କରେ ମୃତ୍ୟୁ ପୂର୍ବରୁ ସର୍ବାଙ୍ଗ ଦାନ କରିଥିବା ବାଲେଶ୍ୱର ବସ୍ତା ଅଞ୍ଚଳର ଜଗବନ୍ଧୁ ନାୟକ କହିଛନ୍ତି, ଯେକୌଣସି ଜୀବ ମରିଗଲା ପରେ ତା'ର ପାର୍ଥିବ ଶରୀରର କିଛି ମୂଲ୍ୟ ନ ଥାଏ। ମୃତ୍ୟୁ ପରେ ମଣିଷର ଶରୀରକୁ ପୋଡ଼ି ଦିଆଯାଉଛି କିମ୍ବା ପୋତି ଦିଆଯାଉଛି। ଯାହା କୌଣସି କାମରେ ଆସୁନି। ମୃତ୍ୟୁ ପୂର୍ବରୁ କୌଣସି ବ୍ୟକ୍ତି ଯଦି ନିଜର ସର୍ବାଙ୍ଗ ଦାନ କରାଯାଏ, ତାହାଲେ ତାହା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଗବେଷଣାରେ ଲାଗିପାରିବ। ଏନେଇ ଜିଲ୍ଲା ବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଶ୍ରୀ ନାୟକ କହିଛନ୍ତି।

ଅପରପକ୍ଷେ ଏଫ୍‌ଏମଏମସିଏଚର ଆନଟୋମି ବିଭାଗର ମୁଖ୍ୟ ପ୍ରଫେସର୍ ମଧୁସ୍ମିତା ପଣ୍ଡା କହିଛନ୍ତି, ପ୍ରତିବର୍ଷ କଲେଜକୁ ୪ଟି ମୃତଶରୀର ଆବଶ୍ୟକ। ମୃତ୍ୟୁ ପୂର୍ବରୁ ଯେକୌଣସି ବ୍ୟକ୍ତି ତାଙ୍କର ସର୍ବାଙ୍ଗ ଦାନ କରିପାରିବେ। ଏଥିପାଇଁ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବା ଦରକାର। ପୁଣି, ପୁଲିସ ପକ୍ଷରୁ ମଧ୍ୟ ଏ ଦିଗରେ ସହଯୋଗ ଆବଶ୍ୟକ। ଅନେକ ଅଚିହ୍ନା ବ୍ୟକ୍ତିଙ୍କ ଶବ ପୁଲିସ୍ ଉଦ୍ଧାର କରୁଛି। ଯେଉଁ ଶବକୁ ନେବା ପାଇଁ କେହି ଦାବିଦାର ନାହାନ୍ତି। ସେହି ସବୁ ଅଚିହ୍ନା ଶବଗୁଡ଼ିକୁ ଯଦି ପୁଲିସ୍ ପକ୍ଷରୁ ପୋଡ଼ା କିମ୍ବା ପୋତାନଯାଇ ମେଡିକାଲ୍ କଲେଜକୁ ଦାନ କରାଯାଆନ୍ତା, ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀ ଉପକୃତ ହୋଇପାରନ୍ତେ ବୋଲି ପ୍ରଫେସର ପଣ୍ଡା କହିଛନ୍ତି।

## ■ ଶିକାରୀଙ୍କୁ ଗୁଳି ଯୋଗାଉଥିଲେ

## ପୂର୍ବତନ ସିକ୍ୟୁରିଟି ଗାର୍ଡ ଗିରଫ; ବନ୍ଧୁକ ଜବତ

ବାରିପଦା, ୩।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ପୁଲିସ ଶିକାରୀଙ୍କୁ ଗୁଳି ଯୋଗାଇବା ଅଭିଯୋଗରେ ଜଣେ ପ୍ରାକ୍ତନ ସିକ୍ୟୁରିଟି ଗାର୍ଡଙ୍କୁ ଗିରଫ କରିଛି। ପୁଲିସ୍ ବାଙ୍ଗିରିପୋଷି ଥାନା ଧୋବଣିଶୋଳ ଗ୍ରାମରୁ ୯୫୦ ଗୁଳିର ରସିଦ, ୪ଟି ଅଫୁଟା ଗୁଳି ଏବଂ ଗୋଟିଏ ବନ୍ଧୁକ ଜବତ କରିଛି। ଗିରଫ ବ୍ୟକ୍ତିଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ପୁଲିସ ଥାନା ଅର୍ନ୍ତଗତ ଧୋବଣିଶୋଳ ଗ୍ରାମର ଚିତ୍ତରଞ୍ଜନ ଗିରି (୬୨)। ଚିତ୍ତରଂଜନ ଶ୍ୟାମସୁନ୍ଦର ବ୍ୟାଙ୍କ ଶାଖାରେ ପୂର୍ବରୁ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି।



ମଙ୍ଗଳବାର ଅପରାହ୍ଣରେ ଆଇଆଇସି ବୀରେନ୍ଦ୍ର ସେନାପତି ସଦଳବଳ ତାଙ୍କ ଘରେ ଅଚାନକ ଚଢ଼ଉ କରିଥିଲେ। ପୂର୍ବରୁ ଗିରଫ ହୋଇଥିବା ୩ଜଣ ଶିକାରୀଙ୍କ ବୟାନକୁ ଆଧାର କରି ପୁଲିସ ଅଭିଯୁକ୍ତ ଚିତ୍ତରଂଜନଙ୍କ ଉପରେ ନଜର ରଖିଥିଲା। ସେ ଲାଇସେନ୍ସ କରି ସିଙ୍ଗଲ ବେରେଲ ମୋଜର ଲୋଡିଂ ରାଇଫଲ ବ୍ୟବହାର କରୁଥିଲେ। ଏହାର ସୁଯୋଗରେ ସେ ବନ୍ଧୁକ ଗୁଳି ବ୍ୟବସାୟ କରୁଥିଲେ। କାରଣ ତାଙ୍କ ନିକଟରୁ ୯୫୪ଟି ଗୁଳି କିଣିଥିବା ୩୫ଟି ରସିଦ୍ ମଧ୍ୟ ମିଳିଛି। ସେଗୁଡିକୁ ସେ ୨୦୧୫ରୁ ୨୦୨୫ ପର୍ଯ୍ୟନ୍ତ ୧୦ ବର୍ଷ ମଧ୍ୟରେ ବାଲେଶ୍ୱର, କଟକ, ଭୁବନେଶ୍ୱର ଓ ମେଦିନାପୁରରୁ କିଣିଥିଲେ। ଏହିସବୁ ଗୁଳିକୁ ସେ ଶିକାରୀଙ୍କୁ ବିକ୍ରି କରୁଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଲାଇଛି।

## ■ ମଦ୍ୟପ ବାପାର ନୃଶଂସ କାଣ୍ଡ

## ୭ ମାସର ଛୁଆକୁ ଗାଁ ଦାଣ୍ଡରେ କଚାଡ଼ି ମାରିଲା

କାମାକ୍ଷାନଗର/ପରଜଙ୍ଗ,୩।୬(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ୭ମାସର ଶିଶୁକନ୍ୟାକୁ ଗାଁ ଦାଣ୍ଡରେ କଚାଡ଼ି ମାରିଲା ମଦ୍ୟପ ବାପା। ଆଖି ଆଗରେ ଏହା ଦେଖି ଶିଶୁକନ୍ୟାର ମା' ଏକ କାଚ ବୋତଲ ନୃଶଂସ ବାପା ପେଟରେ ଭୁସି ଦେଇଛି। ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା କଣ୍ଟାପାଳ ଗାଁରେ ଗତକାଲି ସଂଧ୍ୟାରେ ଘଟିଥିବା ଏହି ଘଟଣା ଆଜି ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।



ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଉଦାସାହି ଗ୍ରାମର ସଞ୍ଜୟ ଚାତାର ଶଶୁରଘର କଙ୍କଡାହାଡ଼ ଥାନା କଣ୍ଟାପାଳରେ ସପରିବାର ରହି ଶ୍ରମିକ ଭାବେ କାମ କରୁଥିଲେ। କିଛି ମାସ ହେବ, କୌଣସି କାମଧନ୍ଦା ନକରି ଘରେ ବସି ରହୁଥିଲେ। ସୋମବାର ପତ୍ନୀ ଜନନୀ ମୁଣ୍ଡାଙ୍କ ସହ ଡିଲର୍ ପାଖରୁ ଚାଉଳ ଆଣି ଫେରିବା ବେଳେ ବାଟରେ ଦୁହିଁଙ୍କ ଝଗଡ଼ା ହୋଇଥିଲା। ସଞ୍ଜୟ ମଦ ପିଇ ସ୍ତ୍ରୀ ସହ ଗାଁ ଦାଣ୍ଡରେ ପାଟିତୁଣ୍ଡ କରିବା ସହ ନିଜର ୭ ମାସର ଝିଅକୁ ଗାଁ ଦାଣ୍ଡରେ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶିଶୁକନ୍ୟାଟିର ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀର ଏହି ନୃଶଂସ କାଣ୍ଡ ଦେଖି ଜନନୀ ଏକ କାଚ ବୋତଲରେ ସ୍ୱାମୀକୁ ଆକ୍ରମଣ କରିଥିଲା। ଏଥିରେ ସଞ୍ଜୟ ଆହତ ହୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। କଙ୍କଡାହାଡ଼ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ ପରେ ଶିଶୁଟିର ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନାଧିକାରୀ କଳ୍ପନା ବେହେରା କହିଛନ୍ତି।

# ରାଜଧାନୀରେ ଛାଇଗଲାଣି ଚୋରା ବନ୍ଧୁକ

■ ଅପରାଧୀଙ୍କ ଅଣ୍ଟାରେ ବନ୍ଧୁକ; ବଢୁଛି ଗୁଳିକାଣ୍ଡ
■ ସଞ୍ଜ ନଇଁଲେ ସକ୍ରିୟ ହେଉଛନ୍ତି ମାଫିଆ
■ ଜବତ ହେଲାଣି ୨ଶହରୁ ଅଧିକ ଚୋରା ବନ୍ଧୁକ

ଭୁବନେଶ୍ୱର,୩।୬(ସମିସ): ରାଜଧାନୀରେ ଅପରାଧୀଙ୍କ ରାଜ। ସଞ୍ଜ ହେଲେ ଅଣ୍ଟାରେ ବନ୍ଧୁକ ଖୋସି ବୁଲୁଛନ୍ତି। ପୁଲିସକୁ ଖାତିର କରୁନାହାନ୍ତି। ଯେଉଁଠି ଭାଇପଣିଆ ଉପରେ ଆଞ୍ଚ ଆସୁଛି, ସେଠାରେ କଥାକଥାରେ ଫୁଟାଉଛନ୍ତି ଗୁଳି। ଏନେଇ ଅଭିଯୋଗ ହେଉଥିଲେ ମଧ୍ୟ ପୁଲିସ ଅସହାୟ ଥିଲା ଭଳି ଜଣାପଡୁଛି। ଗିରଫ ହେଲେ ମଧ୍ୟ କିଛି ପ୍ରଭାବ ପଡୁନି। ଜେଲରୁ ବାହାରି ପୁଣି ସମାନ ଢଙ୍ଗରେ ଅପରାଧ ଘଟାଉଛନ୍ତି।

ଦୁଇ ଦିନ ତଳେ ଚନ୍ଦକା ଥାନା ପାଣିଓଲା ଗ୍ରାମରେ ଦୁଇଥର ବନ୍ଧୁକ ଫୁଟିଛି। ରବିବାର ରାତିରେ ଏକତରଫା ପ୍ରେମକୁ ନେଇ କୁମାରବସ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ ଗୁଳିମାଡ଼ ହୋଇଥିଲା। ଗତ ୯ ତାରିଖରେ ଜମି ବ୍ୟବସାୟକୁ ନେଇ ପାଣିଓଲା ଗ୍ରାମରେ ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ରେ ପୂର୍ଣ୍ଣଚନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସେହିପରି ଗତମାସ ୨୪ ତାରିଖରେ ପାଣିଓଲା ଗ୍ରାମରେ ଫୁଟିଥିଲା ଗୁଳି। ଗୁଳିମାଡ଼ ପଛରେ ଥିଲା ପୂର୍ବ ଶତ୍ରୁତା ଏବଂ ଦବଦବା ପ୍ରଦର୍ଶନ। ନିଜ ନିଜର କ୍ଷମତା ଗାଁରେ ଦେଖାଇବା ପାଇଁ ଶତ୍ରୁତା ରହିଥିଲା। ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ଗୁଳିମାଡ଼ ଘଟିଥିଲା। ଗତ ଏପ୍ରିଲ ୨୦ ତାରିଖରେ ବାଲିପାଟଣା ଥାନା ନିକଟରେ ଗୁଳିମାଡ଼ ହୋଇଥିଲା। ଦୀପ୍ତିରଞ୍ଜନ ମହାପାତ୍ରଙ୍କୁ ଗୁଳି ମାଡ଼ ହୋଇଥିବା ଅଭିଯୋଗ ହୋଇଥିଲା। ଗତ ମେ' ୧୦ତାରିଖରେ କସ୍‌ମସ୍ ବାର୍ ବାଉନସରଙ୍କୁ ଗୁଳିମାଡ଼ କରାଯାଇଥିଲା। ସେହିପରି ଜାନୁୟାରୀରେ ସାମାନ୍ୟ କଥାରୁ ଖଣ୍ଡଗିରିବାରିସ୍ଥିତ ବସ୍ ପାର୍କିଂଷ୍ଟାଣ୍ଡର ପ୍ରୀତମ ଜେନାମଣିଙ୍କୁ ଗୁଳି କରିଥିଲେ ଅପରାଧୀ।



ଏବେ ପ୍ରଶ୍ନ ଉଠିଲାଣି ଏତେ ବନ୍ଧୁକ ଆସୁଛି କେଉଁଠୁ ? କୁହାଯାଉଛି ଯେ ରାଜଧାନୀକୁ ଆସୁଥିବା ବନ୍ଧୁକ ପଛରେ ଗଞ୍ଜାମ ଗ୍ୟାଙ୍ଗର ହାତ। ଗଞ୍ଜାମରେ ଥିବା କୁଖ୍ୟାତ ଅପରାଧୀମାନଙ୍କୁ ବନ୍ଧୁକ ଯୋଗାଇବା ପଛରେ ଜଣେ ମାଷ୍ଟରମାଇଣ୍ଡ ରହିଛି। ସେ ବିହାରରୁ ବନ୍ଧୁକ ଆଣି ଗଞ୍ଜାମରେ ଥିବା ଅପରାଧୀଙ୍କ ହାତରେ ଧରାଉଛି। ସେଠାରୁ ବନ୍ଧୁକ ଭୁବନେଶ୍ୱର,କଟକ,କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁରରେ ଥିବା ଅପରାଧୀଙ୍କ ହାତକୁ ଯାଉଛି। ବନ୍ଧୁକ ୧୦ରୁ ୧୫ହଜାର ଟଙ୍କାରେ ବିକ୍ରି କରାଯାଉଛି। ତେବେ ୯ଏମ୍‌ଏମ୍ ବନ୍ଧୁକର ଚାହିଦା ଅପରାଧୀଙ୍କ ମଧ୍ୟରେ ଅଧିକ ଥିବା କୁହାଯାଉଛି। ନିକଟରେ କଟକରୁ ଧରାପଡ଼ିଥିବା ବନ୍ଧୁକ କାରବାରର ମାଷ୍ଟରମାଇଣ୍ଡ ଓଡ଼ିଶାର ଏକାଧିକ ଗ୍ୟାଙ୍ଗଷ୍ଟରଙ୍କୁ ବନ୍ଧୁକ ଯୋଗାଉଥିଲା। ଆଡ୍‌ଭାନ୍ସ ବାବଦକୁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆକାଉଣ୍ଟରେ ନିଆଯାଉଛି। କଟକରୁ ତିଆରି ବନ୍ଧୁକ ଉପରେ ମେଡ୍-ଇନ୍-ମୁଙ୍ଗେର ଲେଖି ରାଜ୍ୟ, ରାଜ୍ୟ ବାହାରକୁ ସପ୍ଲାଏ କରାଯାଉଥିଲା। ଗଞ୍ଜାମରୁ ମିଳିଥିବା ୩୧ ବନ୍ଧୁକ ପଛରେ ଥିଲା ଅସଲମର ହାତ। ପୁଲିସ ଏବେ ସବୁ ଜିଲ୍ଲାରେ ବନ୍ଧୁକ କାରବାର ରୋକିବାକୁ ଅଭିଯାନ ଆରମ୍ଭ କରିଛି।

ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି ଯେ ରାଜଧାନୀରେ ବନ୍ଧୁକ କାରବାରକୁ ରୋକାଯାଇଛି। ଯଦି କୌଣସି ଅପରାଧୀଙ୍କ ନିକଟରେ ବନ୍ଧୁକ ଥିବା ଖବର ମିଳୁଛି, ତେବେ ଖବରୀ ସୂତ୍ର ଆଧାରରେ ପୁଲିସ୍ ଚଢ଼ଉ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସ୍ପେଶାଲ ସ୍କ୍ୱାଡ୍ ଏବଂ ଅନ୍ୟ ଟିମ୍ ଚଢଉ କରି ଧରପଗଡ଼କୁ ଜୋରଦାର କରୁଛନ୍ତି।

କମିସନରେଟ୍ ପୁଲିସର ଗୁଇନ୍ଦା ଖବର ଏବେ ବିଫଳ ହୋଇଛି। କାରଣ ରାଜଧାନୀରେ କେଉଁ ଗ୍ୟାଙ୍ଗ୍ ସକ୍ରିୟ ରହିଛି, କେଉଁ ଗ୍ୟାଙ୍ଗ୍ ପଛରେ କାହାର ହାତ ରହିଛି, ସେମାନେ ବନ୍ଧୁକ କେଉଁଠୁ ଆଣୁଛନ୍ତି, ତାହା କମିସନରେଟ୍ ପୁଲିସର ଥିବା ଖବରୀ ସୂଚନା ଦେଉନାହାନ୍ତି। ଏହି ଅପରାଧୀମାନେ ଏଠାରେ ନିଜର ଆଡ୍ଡା ଜମାଇ ଦାଦାବଟି ଏବଂ ଡରାଇ ଧମକାଇ ଟଙ୍କା ଅସୁଲ କରୁଛନ୍ତି। ଆଉ ଟଙ୍କାରେ ଅଧିକରୁ ଅଧିକ ବନ୍ଧୁକ ବାହାରୁ ଆଣୁଛନ୍ତି। ଏବେ ରାଜଧାନୀରେ ଘରେ ଘରେ ଅପରାଧୀ ବନ୍ଧୁକ ରଖିଛନ୍ତି। ସେମାନେ ଚାଉଳ ବସ୍ତା ଏବଂ ଅନ୍ୟାନ୍ୟ ଖାଦ୍ୟବସ୍ତା ଭିତରେ ବନ୍ଧୁକ ଲୁଚାଇ ରଖୁଛନ୍ତି। ତେଣୁ ପୁଲିସ ଅପରାଧୀଙ୍କ ତାଲିକା କରି ସେମାନଙ୍କ ଘର ସର୍ଚ୍ଚ କଲେ ଚୋରା ବନ୍ଧୁକ ଜବତ କରାଯାଇ ପାରିବ ବୋଲି କୁହାଯାଉଛି।

# ୬ ବାଲିବୋଝେଇ ହାଇୱା ଜବତ



ପାଣିକୋଇଲି,୩।୬(ସମିସ): ପାଣିକୋଇଲି ଥାନା ଅଧୀନ ସଠିପୁରରେ ଦିବାରାତ୍ରୀ ଚୋରା ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମାଞ୍ଚଳରୁ ରାଜପଥ ପ୍ରତ୍ୟେକ ରାସ୍ତାରେ ବେନିୟମ ଭାବେ ଭାରୀଯାନରେ ବାଲି ଚୋରାଚାଲାଣ କରାଯାଉଛି। କେତେବେଳେ କେମିତି ଖଣି ବିଭାଗ ଓ ପୁଲିସ ଗାଡ଼ି ଧରି ତାର କାମ ସାରୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ସମୁଦ୍ରକୁ ଶଙ୍ଖେ ଭଳି ବାଲି ଗାଡ଼ି ଧରୁଛି ଖଣି ବିଭାଗ। ମଙ୍ଗଳବାର ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୬ଟି ବାଲି ବୋଝେଇ ହାଇୱା (ଓଡି୩୪ଡବ୍ଲ୍ୟୁ ୯୭୯୭, ଓଡି ୨୨ ଏଚକିୟୁ ୭୫୯, ଓଡି୨୨ଭି ୪୯୮୯, ଓଡି୦୯ସି ୮୨୭୮, ଓଡି ୨୨ଇ ୮୬୮୫, ଓଡି ୨୨ଜେ ୪୮୧୬) କୁ ଖଣିବିଭାଗ ଧରିବାରେ ସକ୍ଷମ ହୋଇଛି। ସଠିପୁର ପାଣିକୋଇଲି ମଧ୍ୟରେ ଚଢ଼ଉ ସମୟରେ ବାଲିର କୌଣସି ଟିପି ନଥିବାରୁ ବେଆଇନ ପରିବହନ ହେଉଥିବା ଜଣାପଡ଼ିଥିଲା। ଜୁନିଅର ଖଣି ଅଧିକାରୀ ବିଶ୍ୱଜିତ ସ୍ୱାଇଁ, ଶେଖର କୁମାର ମଲ୍ଲିକ ଓ ପୁଲିସ ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ। ଜବତ ଗାଡ଼ିଗୁଡ଼ିକୁ ପାଣିକୋଇଲି ପୁଲିସକୁ ହସ୍ତାନ୍ତର କରାଯାଇଛି।

# ଦମ୍ପତିଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ପାଣିକୋଇଲି,୩।୬(ସମିସ): ପାଣିକୋଇଲି ଥାନା ଅଧୀନ ପଥରପଦା ପଞ୍ଚାୟତର ତାଜପୁର ଗ୍ରାମରେ ଦମ୍ପତିଙ୍କୁ ପରିବାର ପକ୍ଷରୁ ମରଣାନ୍ତକ ଆକ୍ରମଣ ମାମଲାରେ ପୁଲିସ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶ ଯେ, ତାଜପୁର ଗ୍ରାମର ଅଭିମନ୍ୟୁ ଦାସଙ୍କ ପୁଅ ବୌଦ ଦାସଙ୍କ ସ୍ତ୍ରୀ କଇଁ ଦାସଙ୍କ ଅଭିଯୋଗ ମୁତାବକ ୩୧ ତାରିଖ ଭୋରୁ ତାଙ୍କ ଦେଢ଼ଶୁର ବାଦଲ ଦାସ ଓ ତାଙ୍କ ସ୍ତ୍ରୀ ଟୁନି ହଠାତ ତାଙ୍କୁ ଡାକି ୪୦ଟି ଘୁଷୁରୀ ମାରି ଦେଇଥିବାର ମିଥ୍ୟା ଅଭିଯୋଗ ଆଣିଥିଲେ। ସ୍ୱାମୀ ସ୍ତ୍ରୀ ଉଭୟଙ୍କୁ ଘରୁ ଘୋଷାଡ଼ି ଆଣିଥିଲେ। ସ୍ୱାମୀ ବୌଦକୁ ଏକ ଘରେ ପୁରାଇ ଚାବି ଦେଇଥିଲେ। ଏହିସମୟରେ ସେମାନଙ୍କ ସହିତ ରମେଶ ଦାସ ଓ ତାଙ୍କ ସ୍ତ୍ରୀ ରିନା ଦାସ ମିଶି ଗାଳିଗୁଲଜ କରିବା ସହ ମୋବାଇଲ ଓ ନଗଦ ୫ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ରୀନା ଦାସ ଗରମ ଘିଅରେ କଇଁର ଡାହାଣ ହାତକୁ ବୁଡ଼ାଇଦେଇଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ବାଦଲ ଦାସ (୩୫) କୁ ଗିରଫ କରି ଅଦାଲତ ଚାଲାଣ କରିଛି।

# ମାଆ ପୁଅକୁ ବାପର ମରଣାନ୍ତକ ଆକ୍ରମଣ

ପାଣିକୋଇଲି,୩।୬(ସମିସ): ନିଶାସକ୍ତ ହୋଇ ସ୍ତ୍ରୀ ଓ ପୁଅକୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପ୍ରକାଶ ଯେ, ପାଣିକୋଇଲି ଥାନା ଅଧୀନ ଅମୃତିଆ ଗ୍ରାମର ପ୍ରଭାକର ରଣାଙ୍କ ସ୍ତ୍ରୀ ଜୟନ୍ତୀ ରଣାଙ୍କ ଅଭିଯୋଗ ମୁତାବକ ତାଙ୍କର ଆଜକୁ ୧୫ ବର୍ଷ ତଳେ ପ୍ରେମ ବିବାହ ହୋଇଥିଲା। ତାଙ୍କ ଝିଅ (୧୫) ଓ ପୁଅ ୧୦ ବର୍ଷର ଅଛନ୍ତି। ଅନେକ ସମୟରେ ପ୍ରଭାକର ନିଶାଗସ୍ତ ହୋଇ ମାର୍‌ପିଟ କରନ୍ତି। କିନ୍ତୁ ପିଲାଙ୍କ ମୁହଁକୁ ଚାହିଁ ଜୟନ୍ତୀ ସବୁ ଭୁଲି ଘରେ ରୁହେ। ମାତ୍ର ଦିନକୁ ଦିନ ପ୍ରଭାକରର ଅତ୍ୟାଚାର ବଢ଼ି ଚାଲିଲା। ଗତ ୩୧ ତାରିଖ ପ୍ରଭାକର ନିଶାସକ୍ତ ଅବସ୍ଥାରେ ଘରେ ପହଞ୍ଚି ଖରାପ ଭାଷାରେ ଗାଳି ଆରମ୍ଭ କରିଥିଲେ। ଜୟନ୍ତୀକୁ ଏକ ପ୍ଲାଷ୍ଟିକ ପାଇପ୍‌ରେ ବାଡ଼େଇ କ୍ଷତାକ୍ତ କରିଥିଲେ। ଏଥିସହିତ ପୁଅକୁ ଜୀବନରୁ ମାରି ଦେବାକୁ ତଣ୍ଟି ଚିପିଥିଲେ। ଫଳରେ ଆହତ ହୋଇ ଜୟନ୍ତୀ ନିଜ ପିଲାଙ୍କ ଜୀବନ ପ୍ରତି ବିପଦ ଦର୍ଶାଇ ଥାନାର ଆଶ୍ରୟ ନେଇଥିଲେ। ଏନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି।

# ଏରବାଙ୍କରେ ପ୍ରସ୍ତାବିତ ଜେଲ୍‌କୁ ସ୍ଥାନୀୟ ଲୋକଙ୍କ ବିରୋଧ

ବରୁଆଁ,୩।୬(ସମିସ): ଯାଜପୁର ବ୍ଲକ ଅଧୀନ ଏରବାଙ୍କ ପଞ୍ଚାୟତର ଛତରିଆପଡ଼ିଆରେ ପ୍ରସ୍ତାବିତ ମଡେଲ୍ ଜେଲ୍ ନିର୍ମାଣକୁ ବିରୋଧ କରି ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରୀ କରି ନିରାଶ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ଏରବାଙ୍କ ପଞ୍ଚାୟତରେ ଥିବା ବିସ୍ତୃତ ଗୋଚର ଜମି ମଧ୍ୟରୁ ୨୦ଏକର ଜମିରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଏକ ମଡେଲ୍ ଜେଲ୍ ନିର୍ମାଣ କରିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗ



ନଶୁଣିବାରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ଛତରିଆ ପଡ଼ିଆ ନିକଟସ୍ଥ ମହାପୁରୁଷ ଓ ଗ୍ରାମଦେବତୀ ମା’ ବନଦୁର୍ଗାଙ୍କ ନିକଟରେ ମିଳିତ ହୋଇ ଦୀପ ଜାଳି ପ୍ରତିବାଦ ଜଣାଇଥିଲେ। ଗ୍ରାମବାସୀ ଉକ୍ତ ପଡ଼ିଆକୁ ଗାଈ ଗୋରୁ, ଛେଳି ମେଣ୍ଢା ଆଦି ଗୃହପାଳିତ ପଶୁମାନଙ୍କ ପାଇଁ ଚରାଭୂଇଁ ରୂପେ ବ୍ୟବହାର କରୁଥିବା ବେଳେ କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ଖେଳପଡ଼ିଆ ସହିତ ବିଭିନ୍ନ ପର୍ବପର୍ବାଣୀରେ ଯଜ୍ଞ ଓ ଦୋଳ ମେଳଣ ଅନୁଷ୍ଠିତ ହୁଏ। ଏହାବ୍ୟତୀତ ଭୌଗୋଳିକ ଅବସ୍ଥିତି ଅନୁସାରେ ଏହା ଜନବସତିର ମଧ୍ୟ ଭାଗରେ ଅବସ୍ଥିତ। ତେଣୁ ପ୍ରସ୍ତାବିତ ପ୍ରକଳ୍ପକୁ ସ୍ଥାନାନ୍ତରିତ କରି ଜିଲ୍ଲାର ଯେ କୌଣସି ସ୍ଥାନରେ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ନିକଟରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଦୀପ ଜଳାଇ ନିବେଦନ କରିଛନ୍ତି। ଆବଶ୍ୟକ ପଡ଼ିଲେ ଗ୍ରାମବାସୀ ସମୂହ ଆମ୍ନହୁତି ଦେବେ ବୋଲି ଚରମ ନିଷ୍ପତ୍ତି ଶୁଣାଇଛନ୍ତି।

# ପୁନରୁଦ୍ଧାର ପ୍ରତୀକ୍ଷାରେ ବେଙ୍ଗା, କେନ୍ଦୁଆ ନାଳ

## ଚାଷୀଙ୍କ ଦାବି ସତ୍ତ୍ୱେ ନୀରବ ଦ୍ରଷ୍ଟା ଡ୍ରେନେଜ ବିଭାଗ

କଁୟାଗୋଲା,୩।୬(ସମିସ):

ବେଙ୍ଗା ଓ କେନ୍ଦୁଆ ନାଳ ପୁନରୁଦ୍ଧାର ହେଲେ ଜଳସେଚନ ସହିତ ଜଳ ନିଷ୍କାସନ ହୋଇପାରନ୍ତା। ଆଗକୁ ଖରିଫ ଚାଷ ଆସୁଥିବା ବେଳେ ଏପଟେ ଦଳ ଭର୍ତ୍ତିହୋଇ ନାଳ ପୋତି ହୋଇଗଲାଣି। ଏପଟେ ବାରମ୍ବାର ଦାବି ପରେ ବି ନାଳ ପୁନରୁଦ୍ଧାର ହୋଇପାରୁନି। ଚାଷ କରିବା ପାଇଁ ଚାଷୀ ଦ୍ୱନ୍ଦରେ ରହିଛି। ଘଟଣାଟି ହେଉଛି ଦଶରଥପୁର ବ୍ଲକ ଅଧୀନ ବିରିପଟା ପଞ୍ଚାୟତର, ଚାଷ ଜମିକୁ ପାଣି ଆସିବା ପାଇଁ ବେଙ୍ଗା ଓ କେନ୍ଦୁଆ ନାଳ ଉପରେ ହଜାର ହଜାର ଚାଷୀ ନିର୍ଭରଶୀଳ। ସେହିପରି କୟାଁ ପଞ୍ଚାୟତର କଉଡ଼ିଆ ନାଳ ବୈତରଣୀରୁ ବାହାରି ଅଠରଗୁଣ୍ଠିଆ ଓ ମାଧପୁର ଭେଡ଼ାରେ ପ୍ରବାହିତ ହୋଇଛି। କୟାଁ ନାଳ କାଣୀରୁ ବାହାରି କେଲାଙ୍ଗ ଓ ଇଟାପଡ଼ା ଭେଡ଼ାରେ ପ୍ରବାହିତ ହୋଇଛି। ଧରମପୁର ମହାରା ଯାହା ବୈତରଣୀରୁ ବାହାରି ବାରଗାଡ଼ିଆ ଭେଡ଼ାରେ ପଡ଼ିଛି। ବଡ଼ ଯୋରନାଳ ବୈତରଣୀରୁ ବାହାରି ଗହୀରାପାଳ ଓ ଦରଭାପୋଡ଼ା ଅଷ୍ଟାଭେଡ଼ାରେ ପଡ଼ିଛି। ସେହିପରି



ବୁଦ୍ଧିଆ, ମହାରା, କରାଣ୍ଡିପୁର ଓ ଧନୀପୁର ଅଞ୍ଚଳଦେଇ ଗରବନ୍ଧ ପ୍ରବାହିତ ହୋଇଛି। ଏଅଞ୍ଚଳର ଚାଷୀମାନେ ଡାଲୁଅ ଧାନ ଚାଷ କରୁଥିବା ବେଳେ ଯୋରଗୁଡ଼ିକରେ ପାଣି ନଆସିବାରୁ ହଇରାଣ ହେଉଛନ୍ତି। ସେହି ପାଣିକୁ ଚାଷୀ ତାର ଚାଷ କାର୍ଯ୍ୟରେ ବ୍ୟବହାର କରିଥାନ୍ତି, କିନ୍ତୁ ଦୁର୍ଭାଗ୍ୟର ବିଷୟ ଧୀରେ ଧୀରେ ଯୋର ଓ ନାଳ ଦଳରେ ଭର୍ତ୍ତିହୋଇ ପୋତି ହୋଇଯାଉଛି। ଏଥିସହିତ କିଛି ଅସାମାଜିକ ଲୋକ ସ୍ଥାନେ ସ୍ଥାନେ ମାଟି ପକାଇ ଯୋରକୁ ପୋତିଦେବା ଫଳରେ ପାଣି ଆସୁନାହିଁ। ଯାହାଫଳରେ ଚାଷ ଜମିକୁ ପାଣି ଯୋଗାଇବା ଅସମ୍ଭବ ହେଉଛି। ମଝିରେ ମଝିରେ ଡ୍ରେନେଜ ବିଭାଗ ତରଫରୁ ଯୋର ପୁନଃରୁଦ୍ଧାର ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ତାହା ଠିକାଦାର ପୋଷଣ ନୀତି ପାଲଟିଛି। ଏହାର ପୁନରୁଦ୍ଧାର କରାଗଲେ ହଜାର ହଜାର ଚାଷୀ ଉପକୃତ ହୋଇ ପାରନ୍ତେ। ଯୋର ପୁନରୁଦ୍ଧାର ନ ହେବା ଯୋଗୁଁ ଚାଷୀ ବର୍ଷା ଜଳ ଉପରେ ଭରସା କରି ଚାଷ କରୁଥିବା ବେଳେ ବର୍ଷା ଠିକ ସମୟରେ ନହେବାରୁ କ୍ଷତି ସହୁଛନ୍ତି। ସେଥିରେ ଯୋର ପୋତି ହୋଇଯିବା ଫଳରେ ବର୍ଷାଦିନେ ଜଳ ନିଷ୍କାସନ ମଧ୍ୟ ହୋଇ ପାରୁନାହିଁ। ଦୀର୍ଘ ବର୍ଷ ହେବ ଚାଷୀ ସମୂହଙ୍କ ଦାବି ସତ୍ୱେ ବିଭାଗୀୟ ଅଧିକାରୀ ନୀରବ ଦ୍ରଷ୍ଟା ରହୁଛନ୍ତି ବୋଲି ଅଭିଯୋଗ ହେଉଛି। କେବେ ଯୋର ପୁନଃରୁଦ୍ଧାର କରାଯାଇ ଚାଷ ଜମିକୁ ପାଣି ଯୋଗାଇଦେବେ ସେନେଇ ଚାଷୀ ଚାତକ ପରି ଚାହିଁ ରହିଛି। ଏନେଇ ଜଳ ନିଷ୍କାସନ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳି ପାରି ନଥିଲା। ଆଗାମୀ ଦିନରେ ଜଳ ନିଷ୍କାସନ ବିଭାଗୀୟ ଅଧିକାରୀ ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନ ଦିଅନ୍ତି ଚାଷୀ ଚୌବନବାରିକ, ପଞ୍ଚାନନ ମଲ୍ଲିକ, ବିକାଶ ଧଳ ଓ ପ୍ରମୋଦ ବିଶ୍ୱାଳ ପ୍ରମୁଖ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସାଧାରଣରେ ଦାବି ହେଉଛି।

# କଳା ଦିବସ ପାଳନ ପାଇଁ ବିଜୁ ଜନତା ଦଳର ବୈଠକ




ଦାନଗଦି,୩।୫(ସମିସ): ସୁକିନ୍ଦାରେ ବିପର୍ଯ୍ୟସ୍ତ ଆଇନ ଶୃଖଳା ପରିସ୍ଥିତିକୁ ନେଇ ଆସନ୍ତା ଜୁନ ୬ ତାରିଖରେ ଡାକରା ଦିଆଯାଇଥିବା କଳା ଦିବସ ପାଳନର ଆବଶ୍ୟକତାକୁ ବୁଝେଇବା ପାଇଁ ସୁକିନ୍ଦା ବିଜୁ ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ସୁକିନ୍ଦା ବିଜୁ ଜନତା ଦଳର ବିଭିନ୍ନ ନେତୃବୃନ୍ଦ ଯୋଗଦେଇ ଗତ ବର୍ଷ ଜୁନ ମାସରେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ବିଜେପି ନେତାଙ୍କ ପ୍ରରୋଚନାରେ ସୁକିନ୍ଦାରେ ବିଜୁ ଜନତା ଦଳର କର୍ମୀଙ୍କ ଠାରୁ ଆରମ୍ଭ କରି ସାମ୍ବାଦିକ, ସାଧାରଣ ଜନତାଙ୍କ ଉପରେ ଆକ୍ରମଣ କରାଯିବା ସହିତ ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ପ୍ରଥମେ ଗତବର୍ଷ ଜୁନ ୬ ତାରିଖରେ ଖଣି ଅଞ୍ଚଳରେ ଶ୍ରମିକ ନେତା ଭରତ ମହାନ୍ତଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ସେହି ଦିନରୁ ଆଜି ପର୍ଯ୍ୟନ୍ତ ସମଗ୍ର ସୁକିନ୍ଦା ଅଞ୍ଚଳରେ ଗୁଣ୍ଡାରାଜ ଚାଲିଛି ବୋଲି ଅଭିଯୋଗ ହେଉଛି। ପୁଲିସ ଏସମସ୍ତ କାର୍ଯ୍ୟକଳାପର ନୀରବଦ୍ରଷ୍ଟା ସାଜିଛି। ସମସ୍ତ ଥାନା, ବ୍ଲକ, ତହସିଲ ବିଜେପି କାର୍ଯ୍ୟାଳୟ ପାଲଟି ଯାଇଛି। ବିଜେପି ନିଜର ଗୁଣ୍ଡାରାଜକୁ ଘଣ୍ଟ ଘୋଡ଼ାଇବାକୁ ଯାଇ ସାମ୍ବାଦିକ ସମ୍ମିଳନୀ କରି ସୁକିନ୍ଦାର ସର୍ବମାନ୍ୟ ନେତା ପ୍ରଫୁଲ୍ଲ ଘଡ଼ାଇଙ୍କ ବିରୁଦ୍ଧରେ ମନ ଗଢା ଓ ମିଥ୍ୟା କାହାଣୀର ଅବତାରଣା କରିଛି, ଯାହାକୁ ସୁକିନ୍ଦାବାସୀ ଗ୍ରହଣ କରିବେ ନାହିଁ। ତେଣୁ ବିଜେପିର ଆତଙ୍କରାଜ ବିରୁଦ୍ଧରେ ଆସନ୍ତା ୬ ତାରିଖରେ ଆହ୍ୱାନ ଦିଆଯାଇଥିବା କଳା ଦିବସକୁ ସଫଳ କରିବା ଏବଂ ଶାନ୍ତ ସୁକିନ୍ଦା ପାଇଁ ସମସ୍ତ ଜନସାଧାରଣ ସହଯୋଗ କରିବାକୁ ସାମ୍ବାଦିକ ସମ୍ମିଳନୀରେ ନେତୃବୃନ୍ଦ ଅନୁରୋଧ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସୁକିନ୍ଦା ବ୍ଲକ ବିଜେଡି ସଭାପତି ବିବେକାନନ୍ଦ ବୋଷ, ଦାନଗଦି ବ୍ଲକ ସଭାପତି ସୁରେଶ କୁମାର ଦାଶ, ସୁକିନ୍ଦା ବ୍ଲକ୍ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଦଳର ମୁଖପାତ୍ର ଦେବୀ ପ୍ରସନ୍ନ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ଟିନା ହାଇବ୍ରୁ, ସ୍ମୃତିରାଣୀ ରାଉତ, ସୁଚିତ୍ରା ବିଶ୍ୱାଳଙ୍କ ସମେତ ଭାଗ୍ୟଲକ୍ଷ୍ମୀ ରାଉତ, ଲୋକନାଥ ଧିର, ଭାଗିରଥି ଜେନା, ଲକ୍ଷ୍ମୀଧର ବେହୁରା, ନିମଲେନ୍ଦୁ ବେହୁରା, ଜୟ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ପରିବହନ କର୍ମଚାରୀଙ୍କ ପରଲୋକ

ଧର୍ମଶାଳା,୩।୬(ସମିସ): ଧର୍ମଶାଳା ବ୍ଲକ ଅଧୀନ ଗଙ୍ଗାଧରପୁରସ୍ଥ ଭାତୁରିପଶି ଗ୍ରାମର ଅବସରପ୍ରାପ୍ତ ରାଜ୍ୟ ପରିବହନ କର୍ମଚାରୀ ଗଙ୍ଗାଧର ବରାଳ (୮୫) ଙ୍କ କଟକସ୍ଥିତ ଏକ ହସ୍ପିଟାଲରେ ପରଲୋକ ଘଟିଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ପଦ୍ମିନୀ ବରାଳ, ପୁଅ ପ୍ରକାଶ ଓ ପ୍ରଦୀପ୍ତ, ବୋହୂ ସ୍ମିତାରାଣୀ ଓ ରୋଜାଲିନ ଏବଂ ଝିଅ, ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଜାରକାସ୍ଥିତ ବାସଭବନକୁ ନିଆଯାଇଥିଲା।



ପରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଛି। ତାଙ୍କ ପରଲୋକ ଖବର ଶୁଣି ଯାଜପୁରର ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ସମାଜସେବୀ ମିନତୀ ସାହୁ, ମାଧୁରୀ ଶତପଥି, ଧର୍ମଶାଳା ପ୍ରେସକ୍ଲବର ସଭାପତି ରମାକାନ୍ତ ଜେନା, ସାମ୍ବାଦିକ ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ଅଖିଳ କୁମାର ସ୍ୱାଇଁ, ମାନସ ରଞ୍ଜନ ଜେନା, ସୁବ୍ରତ କୁମାର ଜେନା, ରୋଟାରି କ୍ଲବ ସଭାପତି ରାଜେନ୍ଦ୍ର କୁମାର ପଲେଇ, କଳାକାର ମହାନ୍ତି, ନିରଞ୍ଜନ ପାଣିଗ୍ରାହୀ, ପ୍ରମୋଦ କୁମାର ସାମଲ, ଇଂ. ସୁକାନ୍ତ କୁମାର ସ୍ୱାଇଁ, ଦୀପକ କୁମାର ଜେନା, ବିନୋଦ କୁମାର ପରିଡା, ଡ଼. ଇନ୍ଦୁପ୍ରଭା ସାମଲ, ପ୍ରଶାନ୍ତ କୁମାର ପୃଷ୍ଟି, ଅଶୋକ କୁମାର ଜେନା, ଅନିରୁଦ୍ଧ ରାଉତ, ପ୍ରଫୁଲ୍ଲ କୁମାର ସାହାଣୀ, ସୁରେନ୍ଦ୍ର କୁମାର ସ୍ୱାଇଁ ଦିଲୀପ କୁମାର ଜେନା, ଅସିତ କୁମାର ଜେନା ଦେବେନ୍ଦ୍ର କୁମାର ସାହୁ, ବିପିନ କିଶୋର ଷଡ଼ଙ୍ଗୀ, ଅର୍ଜୁନୀ ଚରଣ ସାହୁ, ଅଧ୍ୟାପକ ଧନେଶ୍ୱର ମହାନ୍ତି, ଜୟଗୁରୁ ପାତ୍ର, ବିପିନ କୁଅଁର, ଶେଷଦେବ ଜେନା, ଦୀପ୍ତିମାନ ମହାନ୍ତି, କଳ୍ପନା ଖୁଣ୍ଟିଆ, ଅର୍ଚ୍ଚନା ସ୍ୱାଇଁ ଓ ବାସୁଦେବ ପରିଡ଼ା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବଡ଼ ପୁଅ ପ୍ରକାଶ ମୁଖାଗ୍ନି ଦେଇଥିଲେ। ସେ ଜଣେ ଭଦ୍ର, ଧର୍ମପରାୟଣ, ଜନପ୍ରିୟ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ଶ୍ରୀ ବରାଳ ରାଜ୍ୟ ସଡ଼କ ପରିବହନ ବିଭାଗରେ ଷ୍ଟେସନ ମାଷ୍ଟର ଭାବେ ଚାକିରୀରୁ ଅବସର ଗ୍ରହଣ କରିଥିଲେ।

# ପାଣିକୋଇଲି ମା’ ତାରିଣୀ ଡିଗ୍ରୀ ମହାବିଦ୍ୟାଳୟର ସଫଳତା

ପାଣିକୋଇଲି,୩।୬(ସମିସ): ପାଣିକୋଇଲି ସ୍ଥିତ ମା’ ତାରିଣୀ ଡିଗ୍ରୀ ମହାବିଦ୍ୟାୟର ଯୁକ୍ତ ୩ ପରୀକ୍ଷା ଫଳପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ରସାୟନ ବିଜ୍ଞାନର ଛାତ୍ର ଆଲୋକ ରଂଜନ ମହାପାତ୍ର ବିଜ୍ଞାନ ବିଭାଗର ତଥା କଲେଜ ଟପ୍ପର ହୋଇଛନ୍ତି। କଳା ବିଭାଗରେ ଓଡ଼ିଆ ଅନର୍ସ ଛାତ୍ରୀ ଦିପ୍ତୀପ୍ରଭା ସ୍ୱାଇଁ ଟପ୍ପର ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ପୁଣ୍ୟବ୍ରତ ପଣ୍ଡା ଟପ୍ପର ହୋଇ କଲେଜକୁ ଗୌରାବାନ୍ୱିତ କରିଛନ୍ତି। ସେହିପରି ସଂସ୍କୃତ ସମ୍ମାନରେ ପ୍ରିୟଙ୍କା ପ୍ରଧାନ, ଇଂରାଜୀରେ ବିଶ୍ୱମିତ ନାୟକ, ଓଡ଼ିଆରେ ଦିପ୍ତୀପ୍ରଭା ସ୍ୱାଇଁ, ରାଜନିତୀ ବିଜ୍ଞାନରେ ବିଦ୍ୟୁସ୍ମିତା ବାରିକ, ଇତିହାସରେ ଶ୍ରୀମତୀ ସାହୁ, ବାଣିଜ୍ୟରେ ପୁଣ୍ୟବ୍ରତ ପଣ୍ଡା, ରସାୟନ ବିଜ୍ଞାନରେ ଆଲୋକ ରଞ୍ଜନ ମହାପାତ୍ର, ଉଦ୍ଭିଦ ବିଜ୍ଞାନରେ ଖୁସ୍‌ନୁମା ତବସୁମ, ଗଣିତ ବିଭାଗରେ ଟିକିଲି ସ୍ୱାଇଁ, ପଦାର୍ଥ ବିଜ୍ଞାନରେ ସାଗର କୁମାର ସ୍ୱାଇଁ, ଜୀବ ବିଜ୍ଞାନରେ ପ୍ରିୟଙ୍କା ପ୍ରୀୟଦର୍ଶନୀ ବାରିକ ପ୍ରମୁଖ ବିଭାଗୀୟ ଟପ୍ପର ହୋଇଛନ୍ତି। ସଫଳ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।

# ତମାଖୁ ମୁକ୍ତ ଗ୍ରାମ ନିର୍ମାଣ ପାଇଁ ଶପଥ



ସୁକିନ୍ଦା,୩।୬(ସମିସ): ତମାଖୁ ମୁକ୍ତ ଗ୍ରାମ ନିର୍ମାଣ ପାଇଁ ଯୁବକ ସଂଘ ପକ୍ଷରୁ ସମୂହ ଶପଥପାଠ କରାଯାଇଛି। ତମାଖୁ ବର୍ଜନ ଦିବସ ଅବସରରେ ସୁକିନ୍ଦା ବ୍ଲକ୍ କାଙ୍କଡ଼ପାଳ ଗ୍ରାମ ଶ୍ରୀଗଣେଶ ଯୁବକ ସଂଘ ପକ୍ଷରୁ ଏକ ନିଆରା ପଦକ୍ଷେପ “ତମାଖୁ ବର୍ଜନ ଶପଥ ସମାରୋହ’ ଅନୁଷ୍ଠିତ ହୋଇଯାଇଛି। କାଟେଣି ଖେଳପଡ଼ିଆରେ ଆଦିବାସୀମାନଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର କାଟେଣି, ଗରାମିଆଁ, ସିରିଆଖଳି ଆଦି ଗ୍ରାମର ତମାଖୁ ସେବନ କରୁଥିବା ଅନେକ ଯୁବକଙ୍କୁ ସାମିଲ କରାଯାଇଥିଲା। ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଏହାର କୁପ୍ରଭାବ ବିଷୟରେ ବୁଝାଇବା ସହ ସେବନ ନକରିବା ପାଇଁ ସମୂହ ଶପଥପାଠ କରାଯାଇଥିଲା। ଯୁବକ ସଂଘ ପକ୍ଷରୁ ନରେଶ ଚନ୍ଦ୍ର ପ୍ରଧାନ, ସୁଶାନ୍ତ କୁମାର ଦେହୁରୀ ଓ ରାମଚନ୍ଦ୍ର ପୁର୍ତ୍ତିଙ୍କ ଅଧ୍ୟକ୍ଷତାରେ ଏହି ନିଆରା କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ପ୍ରଶଂସାର କାରଣ ହୋଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ସଂଜ୍ଞାହୀନ ଅବସ୍ଥାରେ ସାଧୁ ଉଦ୍ଧାର



ସୁକିନ୍ଦା,୩।୬(ସମିସ): ୫୩ନଂ ଜାତୀୟରାଜପଥ ସୁକିନ୍ଦା ଛକ ନିକଟରୁ ଜଣେ ବୃଦ୍ଧ ସାଧୁଙ୍କୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବୃଦ୍ଧ ସାଧୁ ଜଣଙ୍କ ସୁକିନ୍ଦା ହନୁମାନ ଛକ ନିକଟ ଜାତୀୟ ରାଜପଥ କଡ଼ରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ବୃଦ୍ଧ ସାଧୁଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଜାରୀ ରହିଛି। ସାଧୁଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ସେ କିଛି କହିପାରୁନଥିଲେ। ଯେଉଁଥି ପାଇଁ ତାଙ୍କର ସଠିକ ଠିକଣା ଜଣାପଡ଼ିନାହିଁ। ଆଜିଦିନରେ ଗ୍ରୀଷ୍ମ ପ୍ରବାହ ହଠାତ୍ ବଢ଼ିଥିବାରୁ ଏହାକୁ ସହ୍ୟ କରିନପାରି ସାଧୁ ସଂଜ୍ଞାହୀନ ହୋଇପଡ଼ିଥିବା ସନ୍ଦେହ କରାଯାଉଛି। ତାଙ୍କ ପରିବାର ତଥା ଆତ୍ମୀୟସ୍ୱଜନଙ୍କ ଠିକଣା ଜାଣିବା ପାଇଁ ପ୍ରୟାସ ଜାରିରହିଛି।

## ଅତ୍ୟାଧୁନିକ ଆଇଟିଲାବ୍ ସ୍ଥାପନ ପାଇଁ ଟେଣ୍ଡର ଆହ୍ୱାନ ପ୍ରସଙ୍ଗ

# ସ୍ୱଚ୍ଛତା ଅବଲମ୍ବନ ପାଇଁ ଉପଜିଲ୍ଲାପାଳଙ୍କ କଡ଼ା ଆଭିମୁଖ୍ୟ

ଯାଜପୁର,୩।୬(ସମିସ):

ଗତ ମାସ ୯ ତାରିଖ ଦିନ “୪୪ଟି କଲେଜରେ ହେବ ଆଇଟି ଲାବ୍ କମ୍ପ୍ୟୁଟର କିଣାରେ ଟେଣ୍ଡର ଫିକ୍ସିଂ ଅଭିଯୋଗ’ ଶୀର୍ଷକ ତଥ୍ୟ ସମ୍ବଳିତ ଖବର ‘ସକାଳ’ରେ ପ୍ରକାଶ ପାଇଥିଲା। ପରେ ଯାଜପୁର ଉପଜିଲ୍ଲାପାଳ ତଥା ସମସ୍ତ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ଉପଜିଲ୍ଲାପାଳ ସମସ୍ତ କଲେଜର ଅଧ୍ୟକ୍ଷଙ୍କୁ ଗତ ମାସ ୨୧ ତାରିଖ ଦିନ ଚିଠି ଲେଖି ଜିଲ୍ଲାର ସମସ୍ତ କଲେଜରେ ଅତ୍ୟାଧୁନିକ ଆଇଟିଲାବ୍ ସ୍ଥାପନ ପାଇଁ ଯେଉଁ ସାମଗ୍ରୀ କ୍ରୟ କରାଯିବ ସେହି ଟେଣ୍ଡରରେ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନରେ ଏବଂ ଜିଲ୍ଲା ଇ-ଗଭାର୍ଣ୍ଣାନ୍ସ ମ୍ୟାନେଜରଙ୍କ ପରାମର୍ଶ ନେଇ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମାର୍ଚ୍ଚ ମାସ ୫ରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଚିଠି ଦ୍ୱାରା ଜିଲ୍ଲାର ୪୪ଟି କଲେଜରେ ଅତ୍ୟାଧୁନିକ ଆଇଟିଲାବ୍ ସ୍ଥାପନ ଉଦ୍ଦେଶ୍ୟରେ ବଡ଼ କଲେଜକୁ ୮.୧୧ଲକ୍ଷ ଏବଂ କ୍ଷୁଦ୍ର କଲେଜକୁ ୪.୯୩ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥଲା। ବିଭାଗ ପକ୍ଷରୁ ପ୍ରଦତ୍ତ ଚିଠିରେ ପ୍ରତ୍ୟେକ କଲେଜର ଲାବ୍ ପାଇଁ କମ୍ପ୍ୟୁଟର୍, ପ୍ରିଣ୍ଟର୍, ୟୁପିଏସ୍, ୱେବ୍ କ୍ୟାମେରା ଓ ୬୫ଇଞ୍ଚର ଏଲଇଡ଼ି ଟିଭି କ୍ରୟ ସହିତ ସେଠାରେ ଇଣ୍ଟରନେଟ୍ ସଂଯୋଗ ନିମନ୍ତେ ଏସବୁ ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେସନ୍ ଏବଂ ଟେଣ୍ଡର ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରି ସମସ୍ତ କଲେଜର ଅଧ୍ୟକ୍ଷମାନଙ୍କୁ ଅବଗତ କରାଯାଇଥିଲା। ପୂର୍ବରୁ ମଧ୍ୟ ରାଜ୍ୟର କଲେଜଗୁଡ଼ିକରେ ଲାବ୍ ପାଇଁ ଏଭଳି ସବୁ ସାମଗ୍ରୀ କ୍ରୟ କରାଯାଇଥିଲା। ମାତ୍ର ଟେଣ୍ଡରରେ ସ୍ୱଚ୍ଛତା ପାଇଁ ଏଭଳି ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇ ନ ଥିବା ଯୋଗୁଁ ସାମଗ୍ରୀ କ୍ରୟରେ ଅନିୟମିତତାର ଅଭିଯୋଗ ଆସିଥିଲା। କିନ୍ତୁ ନୂଆ ସରକାର କ୍ରୟ ହେବାକୁ ଥିବା ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେସନ୍ ସହ ଟେଣ୍ଡରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଯାଇ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରି ଦିଆଯାଇଥିଲା। ହେଲେ ତାହାକୁ ଅନେକ କଲେଜର ଅଧ୍ୟକ୍ଷ ଉଲଂଘନ ଓ ଅନିୟମିତତା କରି ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାରୁ ଏସବୁ ସାମଗ୍ରୀ କିଣିଥିବା ଅର୍ଥ ତୋଷାରପାତ ଭଳି ଅଭିଯୋଗ ହୋଇଥିଲା। ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ବିଭିନ୍ନ କଲେଜ ପରିଚାଳନା କମିଟିର ସଭାପତି ଥିବା ସତ୍ତ୍ୱେ ତାଙ୍କ ଅନୁମତି ବିନା କଲେଜର ଅଧ୍ୟକ୍ଷମାନେ ଏସବୁ ସାମଗ୍ରୀ କ୍ରୟ ନିମନ୍ତେ ପଦକ୍ଷେପ ନେଇଥିବା ଯୋଗୁଁ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ରାଜ୍ୟ ସରକାରଙ୍କ ସ୍ଥାୟୀ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଅର୍ଥ ବ୍ୟୟ କରିବା ସମୟରେ ପରିଚାଳନା କମିଟିର ସଭାପତିଙ୍କ ଅନୁମତି ନିତାନ୍ତ ଆବଶ୍ୟକ। ସବୁଠୁ କୌତୁହଳ ବିଷୟ ହେଉଛି ସଭାପତିଙ୍କ ଅନୁମତି ନ ଥାଇ ସାମଗ୍ରୀ କ୍ରୟ ନିମନ୍ତେ କିଛି କଲେଜର ଅଧ୍ୟକ୍ଷ ବୈଷୟିକ ଅଭିଜ୍ଞତା ନ ଥିବା କିଛି ସଦସ୍ୟଙ୍କୁ ନେଇ ନିଜସ୍ୱ କ୍ରୟ କମିଟି ଗଠନ କରିଥିଲେ। ପରେ ଜିଲ୍ଲାର ଇ-ଗଭାର୍ଣ୍ଣାନ୍ସ ମ୍ୟାନେଜରଙ୍କ ଦ୍ୱାରା ସାମଗ୍ରୀ ଗୁଡ଼ିକର ସ୍ପେସିଫିକେସନ୍ ଯାଞ୍ଚ ନ କରି ସେହି କମିଟି ମାଧ୍ୟମରେ ଟେଣ୍ଡର ଆହ୍ୱାନ କରି ସାମଗ୍ରୀ କ୍ରୟ କରିଥିବା ଘଟଣା ସାମ୍ନାକୁ ଆସିଥିଲା। କୌଣସି ବି ସାମଗ୍ରୀ କ୍ରୟ ନିମନ୍ତେ ଟେଣ୍ଡର ଜିଇଏମ୍ ବା ଏନଆଇସି ମାଧ୍ୟମରେ ଆହ୍ୱାନ କରିବା ନିମନ୍ତେ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ଦ୍ୱାରା କରିବାର ନିୟମ ଥିବାସ୍ଥଳେ ଅଧିକ ମୁନାଫା ଉଦ୍ଦେଶ୍ୟ ରଖି ନିକଟରେ ରାମବାଗ ଆଞ୍ଚଳିକ ମହାବିଦ୍ୟାଳୟ ଓ ଅଳକୁଣ୍ଡ ମହିଳା ମହାବିଦ୍ୟାଳୟ ସମସ୍ତେ ଜିଲ୍ଲାର ପ୍ରାୟ ୮ଟି କଲେଜରେ ଏଭଳି ମନମୁଖୀ ଓ ୱେବ୍‌ସାଇଟ୍ ସ୍ଥାନରେ ଇମେଲ ଠିକଣା ଭଳି ବିଭ୍ରାନ୍ତିକର ତଥ୍ୟ ଦେଇ ଏକ ନିର୍ଦ୍ଦିଷ୍ଟ ଖବର କାଗଜର ଆଞ୍ଚଳିକ ପୃଷ୍ଠାରେ କୋଟେସନ୍ ଆହ୍ୱାନ କରିଥିବା ନଜରକୁ ଆସିଥିଲା। ଏଥିରେ ଓଜିଏଫଆର୍ ନିୟମର ଧାରା ୨୩କୁ ଉଲଂଘନ ହୋଇଥିବା ଅଭିଯୋଗ ସହ କେଳେଙ୍କାରୀ ପଛରେ ଭୁବନେଶ୍ୱରର ଏକ ଆଇଟି ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ ନାମକ ସଂସ୍ଥାର ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେଉଥିବା ଅଭିଯୋଗ ହୋଇଥିଲା। ତେବେ ଯେଉଁ କଲେଜ ଅଧ୍ୟକ୍ଷମାନେ ଇତିମଧ୍ୟରେ ବିନା ଅନୁମତିରେ ଟେଣ୍ଡର ଆହ୍ୱାନ କରି ସାରିଛନ୍ତି; ପରିଚାଳନା କମିଟିର ସଭାପତି ଥିବା ଉପ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ତୁରନ୍ତ ଉକ୍ତ ଟେଣ୍ଡର ସବୁକୁ ବାତିଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଟେଣ୍ଡରରେ ସ୍ୱଚ୍ଛତା ଓ ଲାବ୍ ସାମଗ୍ରୀ କିଣାରେ ଅନିୟମିତତା ଉପରେ ରୋକ୍ ଲଗାଇବାକୁ ଜିଲ୍ଲା ବୈଷୟିକ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଇଏମ୍ ମାଧ୍ୟମରେ ପୁନଃ ଟେଣ୍ଡର ଆହ୍‌ୱାନ କରିବାକୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବ ଓ ନିର୍ଦ୍ଦେଶକ ଏବଂ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଜିଲ୍ଲାର ବୁଦ୍ଧିଜୀବୀମାନେ ଦାବି କରିଥିବା ନେଇ ‘ସକାଳ’ରେ ଯେଉଁ ଖବର ପ୍ରକାଶ ପାଇଥିଲା ତାହାକୁ ଉପ ଜିଲ୍ଲାପାଳ ଗୁରୁତ୍ୱର ସହ ଗ୍ରହଣ କରି ଏଭଳି ପଦକ୍ଷେପ ନେଇଛନ୍ତି।

‘ସକାଳ’ର ପ୍ରଭାବ

## ନୂଆ ରୂପରେ ଝଲସିବ ଗୋହିରାଟିକିରି

# ନିର୍ମାଣ ହେବ ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତି ଓ ସଂଗ୍ରହାଳୟ

ଦୋବଲ,୩।୬(ସମିସ)

ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତ ଗୋହିରାଟିକିରି ପୀଠରେ ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ପୀଠର ଉନ୍ନତିକରଣ ପାଇଁ ଗତ ଫେବୃଆରୀରେ ଧାମନଗର ମହୋତ୍ସବ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଘୋଷଣା କରିଥିଲେ। ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବାରୁ ଧାମନଗରବାସୀ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଇତିହାସର ଗାରିମା ବହନ କରୁଥିବା, ବହୁ କିମ୍ବଦନ୍ତୀର ବାର୍ତ୍ତାବହ ଓ ପୁରାଣ ବର୍ଣ୍ଣିତ ଗୋହିରାଟିକିରି ଅବହେଳିତ ହୋଇରହି ଆସିଥିଲା। ଯାହାଫଳରେ ଲୋକେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିପାରୁନଥିଲେ। ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ସ୍ମାରକୀ ପୀଠ ଭାବେ ବିକଶିତ କରାଗଲେ, ଓଡ଼ିଶାବାସୀ ଏହାର ମହତ୍ୱ ଜାଣିପାରିବେ। ଏହାସହ ଭବିଷ୍ୟ ପିଢ଼ି ନିଜକୁ ଗର୍ବ ଅନୁଭବ କରିବେ ବୋଲି ଜିଲ୍ଲାପାଳ ଗତ ଡିସେମ୍ବରରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ଚିଠି ଲେଖିଥିଲେ। ପରେ ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ପ୍ରଚେଷ୍ଟାରେ ଏହାକୁ ବିକାଶ କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେଇଥିଲେ। ଗୋହିରାଟିକିରିରେ ୧୦କୋଟି ଟଙ୍କା ବ୍ୟୟରେ ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ର କରାଯାଉଛି। ଏଥିରେ ୪ଟି ପ୍ରକଳ୍ପ ସାମିଲ ଅଛି। ଗୋହିରାଟିକିରି ପର୍ଯ୍ୟଟନସ୍ଥଳୀର ପ୍ରବେଶ ଦ୍ୱାରରେ ସୁଦୃଶ୍ୟ ତୋରଣ ଓ ସୁରକ୍ଷା ପ୍ରାଚୀର କରାଯିବ। ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ଭବ୍ୟ ପ୍ରତିମୂର୍ତ୍ତି ନିର୍ମାଣ ହେବାସହ ସ୍ମାର୍ଟ ପାର୍କ, ସଂଗ୍ରହାଳୟ ଏବଂ ପାର୍କିଂ ୟାର୍ଡ ନିର୍ମାଣ ହେବ।



ତେବେ ୨୮ ନଭେମ୍ବର ୨୦୧୬ରେ ରାଜ୍ୟ ସରକାର ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ। ୨ବର୍ଷ ପୂର୍ବରୁ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ହେଲେ ପର୍ଯ୍ୟଟନସ୍ଥଳୀରେ ଲୋକ ରହିବା ପାଇଁ ସୁବିଧା ହୋଇନାହିଁ। ବଣଭୋଜି କରିବା ଲାଗି ପିଣ୍ଡି ଏବଂ ରାସ୍ତା ହୋଇପାରିନାହିଁ। ଦୋବଲ ବଜାରରୁ ଗୋବିନ୍ଦାଗଡ଼ିଆ ଯାଏ ଲମ୍ବିଥିବା ଗେଙ୍ଗୁଟି ନଦୀବନ୍ଧ ଏକମାତ୍ର ଭରସାଯୋଗ୍ୟ ରାସ୍ତା। ହେଲେ ନଦୀବନ୍ଧ ରାସ୍ତାଟି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କିଛିବର୍ଷ ପୂର୍ବରୁ ରାସ୍ତାଟି ପିଚୁ ହୋଇଥିଲେ ବି ତାହା ନଷ୍ଟ ହୋଇଗଲାଣି। ତା ପରେ ଆଉ ମରାମତି ହୋଇନାହିଁ। ଆଉ ଗୋଟିଏ ପ୍ରମୁଖ ରାସ୍ତା ହେଉଛି, ଧାମନଗର ଦକ୍ଷିଣବାଡ଼ ଛକରୁ ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ହୋଇ ଗୋହିରାଟିକିରି ରାସ୍ତା। ହେଲେ ଏହି କଂକ୍ରିଟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି।

## ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକ ଫଳ ପ୍ରକାଶ

# ଦେବୀଦତ୍ତା ଦିବ୍ୟଜ୍ୟୋତି ଶ୍ରେଷ୍ଠ ସ୍ନାତକ







**ଭଦ୍ରକ,୩।୬(ସମିସ):** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ବାର୍ଷିକ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ସ୍ନାତକରେ ୧୦୧୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ୭୮୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ପାସ ହାର ୭୭.୪% ହୋଇଛି। ଏହି ଫଳାଫଳରେ କଳା ବିଭାଗରେ ୮୭.୪%, ବାଣିଜ୍ୟରେ ୬୫.୫%, ବିଜ୍ଞାନରେ ୭୨.୭% ଏବଂ ସେଲ୍ଫ ଫାଇନାନ୍ସ ବିଭାଗରେ ୮୧.୧% ପାସ୍‌ହାର ହୋଇଛି। କଳା ବିଭାଗରେ ଗୃହ ବିଜ୍ଞାନ ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ୮୭.୭%, ବିଜ୍ଞାନ ବିଭାଗରେ ରସାୟନ ବିଭାଗର ଛାତ୍ରୀ ସୁଶ୍ରୀ ଦେବୀଦତା ଦିବ୍ୟଜ୍ୟୋତି ୮୯.୧୩%, ବାଣିଜ୍ୟ ବିଭାଗରେ ଅନୁଶ୍ରୀ ଗୁପ୍ତା ୮୮.୪୪% ଏବଂ ସେଲ୍ଫ ଫାଇନାନ୍ସ ବିଭାଗରେ ବିସିଏ ବିଭାଗର ଛାତ୍ର ରୁଦ୍ରଦେବ ବେହେରା ୮୬.୧୮% ରଖି ଟପ୍ପର ହୋଇଛନ୍ତି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶ୍ରେଷ୍ଠ ସ୍ନାତକ ଭାବରେ ବିଜ୍ଞାନ ବିଭାଗର ରସାୟନ ବିଭାଗ ଛାତ୍ରୀ ସୁଶ୍ରୀ ଦେବୀଦତା ଦିବ୍ୟଜ୍ୟୋତି ବିବେଚିତ ହୋଇଛନ୍ତି ବୋଲି ଅଧ୍ୟକ୍ଷ ଡ.ଦୁର୍ଗାଶଙ୍କର ଦାସ ସୂଚନା ଦେଇଛନ୍ତି। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମୃତ୍ୟୁଞ୍ଜୟ ଦାସ, ଉପପରୀକ୍ଷା ନିୟନ୍ତ୍ରକ ଡ. ଅଜିତ୍ କୁମାର ଦାସ, ଡ. ପ୍ରତାପ ଚନ୍ଦ୍ର ସାହୁ, ଡ. ପଦ୍ମନାଭ ମହାନ୍ତି, ରସାୟନ ବିଭାଗର ମୁଖ୍ୟ ଡ. ପଦ୍ମନାଭ ପତ୍ରୀ, ଡ. ଲକ୍ଷ୍ମୀକାନ୍ତ ନାୟକ, ଡ. ସନ୍ତୋଷ କୁମାର ସେଠୀ, ଡ. କମଳାକାନ୍ତ ଜେନା, ସୁରେଶ ଚନ୍ଦ୍ର ରାଉତ, ମଦନ ମୋହନ ବିନ୍ଧାଣୀ, ସତ୍ୟଶିବ ସୁନ୍ଦର ସାମଲ ଓ ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ପରୀକ୍ଷା ଫଳ ପ୍ରକାଶ ସମୟରେ ଉପସ୍ଥିତ ଥିଲେ।

**ପାସ୍ ହାର ୭୭.୪%**

# ଇଦ୍-ଉଲ୍ ଜୁହା ପାଇଁ ପ୍ରଶାସନ ପକ୍ଷରୁ ଶାନ୍ତିକମିଟି ବୈଠକ



**ଧାମନଗର,୩।୬(ସମିସ):** ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ତ୍ୟାଗ ଓ ବଳିଦାନର ପର୍ବ ପବିତ୍ର ଇଦ୍-ଉଲ୍ ଜୁହା (ବକରିଦ) ପାଇଁ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ସେଣ୍ଟ୍ରାଲ ସଭାଗୃହରେ ନୂତନ ତହସିଲଦାର ଶାଇଶ୍ରୀ ଲୋକନାଥପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଉକ୍ତ ପର୍ବ କିପରି ଶାନ୍ତି ଶୃଙ୍ଖଳା ସହ ପାଳନ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଅନୀଲ କୁମାର ବାରିକ, ରାମଚନ୍ଦ୍ର ଜେନା, ବିରେନ୍ଦ୍ର ଜେନା, କୃଷ୍ଣ ଚନ୍ଦ୍ର ଜେନା, ଉର୍ସ କମିଟି ଉପସଭାପତି ସୟଦ ମୁସ୍ତାଫା ରଜା, ସଭ୍ୟ ଗୋଲାମ ଜିଲାନି ହବିବି, ସେକ ଜାଫର ଅଲ୍ଲୀ, ସେକ ଗୋଲାମ ଅଲ୍ଲୀ, ସେକ ଅବଦୁଲ ହକିମ, ଲମ୍ବୋଦର ଜେନା, ଏମଡି ହବିବୁର ରହେମାନ, ଏମଡି ମଞ୍ଜୁରୁଲ ହକ, ସେକ ଅସଲାମ, ସୁଶାନ୍ତ କୁମାର ରାଉତ, ଚୁଡାକୁଟି ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଳ, ମୁସ୍ତଫାପୁର ସରପଞ୍ଚ ପ୍ରତିନିଧି ସେକ ମୁସ୍ତାକ, ବିଦ୍ୟୁତ ବିଭାଗ ଏସ ଡି ଓ ସିବପ୍ରସାଦ ଦାସ, ଏସ୍‌ଆଇ ପ୍ରଦୀପ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାଇଚାରାର ପର୍ବ ଇଦ୍-ଉଲ୍ ଜୁହା ଧାମନଗର ଅଞ୍ଚଳରେ ଚଳିତ ମାସ ୭, ୮ ଓ ୯ତାରିଖ ୩ଦିନ ଧରି କିପରି ଶାନ୍ତିଶୃଙ୍ଖଳାର ସହ ପାଳନ ହେବ ସେନେଇ ବ୍ୟାପକ ଆଲୋଚନା କରାଯାଇଥିଲା। ଏଥିପାଇଁ ମୁସଲିମ କମିଟି ତରଫରୁ ସମସ୍ତ ପ୍ରସ୍ତୁତି ନିଆଯାଇଛି ବୋଲି ଉକ୍ତ ସମ୍ପ୍ରଦାୟର ସଦସ୍ୟ ମାନେ ବୈଠକରେ ପ୍ରକାଶ କରିଥିଲେ। ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ବଜାରରେ ପୁଲିସ ମୁତୟନ, ପ୍ରତ୍ୟେକ ଗାଁର ମୁଖିଆ ଓ ସରଦାରମାନଙ୍କୁ ଥାନାକୁ ଡାକି ନିଜ ନିଜର ଗ୍ରାମରେ ନିଜ ଦାୟିତ୍ୱରେ ଆପଟ ଓ ଯତ୍ନର ସହିତ ପାଳନ କରିବା ପାଇଁ ପୁଲିସ ପକ୍ଷରୁ ତାଗିଦ କରାଯାଇଛି। ୭ତାରିଖ ସକାଳ ୬ଟା ୩୦ରେ ପୀରବାବାଙ୍କ ଗୋସଲ (ସ୍ନାନ) ପରେ ୮ଟାରେ ଇଦଗା ମଇଦାନରେ ଖାନକା ସରିଫ୍ ମତ୍ୱଲ୍ଲୀ ସୟଦ ଗୋଲାମ ମହମ୍ମଦ ହବିବି ସମୂହ ନମାଜ ପାଠ ପଢ଼ାଇବେ। ସେହିପରି କେତେକ ମସଜିଦରେ ମଧ୍ୟ ନମାଜ ପାଠ ଆରମ୍ଭ ହୋଇ ୯ଟା ମଧ୍ୟରେ ସାରିବାର କାର୍ଯ୍ୟକ୍ରମ ରହିଛି ବୋଲି ଉର୍ସ କମିଟିର ସହସମ୍ପାଦକ ଅବଦୂର ରହେମାନ ପୂର୍ବରୁ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ତହସିଲଦାର ଶ୍ରୀ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଧାମନଗର ଆଇଆଇସି ଗୋପାଳ କୃଷ୍ଣ ଜେନା ବକ୍ତବ୍ୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି ସହରାଞ୍ଚଳରେ ଟ୍ରାଫିକ ସମସ୍ୟା ସମ୍ପର୍କରେ ନୂତନ ତହସିଲଦାରଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ମୃତ୍ୟୁ ଘଟିଥିବା ଏବଂ ବୟସ୍କ ବ୍ୟକ୍ତି ଆସୁନଥିବାରୁ ତାଙ୍କ ସ୍ଥାନରେ ଅନ୍ୟ ଯୁବପିଢ଼ିଙ୍କୁ ସବକମିଟି ମାଧ୍ୟମରେ ନିଆଯିବା ପାଇଁ କେତେକ ସଦସ୍ୟ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

## ଗଣକଣ୍ଟିଆ ନାଳର ଉନ୍ନତୀକରଣ ପ୍ରସଙ୍ଗ

# କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଅସୁରାଳି,୩।୬(ସମିସ): ବୈତରଣୀ ସୁରକ୍ଷା ମଞ୍ଚର ପ୍ରତିନିଧି ଗଣକଣ୍ଟିଆ ନାଳର ଉନ୍ନତିକରଣ ନିମନ୍ତେ ଜିଲ୍ଲାପାଳଙ୍କୁ ଭେଟିଥିବା ବେଳେ ଏହାର ଉନ୍ନତିକରଣ କାର୍ଯ୍ୟ ଯଥାଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଧାମନଗର ବ୍ଲକ ଅଧୀନ କଣ୍ଟିଆ ଶାଖା ନାଳଟି ରହିପୁରରୁ ନଦୀଗାଁ ଯାଏ ଲମ୍ବିଛି। ଏହି ନାଳର ସଫେଇ ତଥା ଉନ୍ନତିକରଣ ନିମନ୍ତେ ୩ କୋଟି ବ୍ୟୟ ବରାଦରେ ୨୦୨୨ ମସିହା ମାର୍ଚ୍ଚ ମାସରେ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ଶେଷ ତାରିଖ ଥିଲା ଫେବୃୟାରୀ ୨୦୨୩ । ଏଥିମଧ୍ୟରେ ୨ ବର୍ଷ ବିତିଗଲାଣି; କିନ୍ତୁ କୌଣସି ପଟରୁ ଉନ୍ନତିକରଣର ଚିହ୍ନ ବର୍ଣ୍ଣ ମଧ୍ୟ ପରିଲକ୍ଷିତ ହେଉ ନଥିଲା। ସମ୍ପୂର୍ଣ୍ଣ ଜଳରାଶି ବୋରଝାଞ୍ଜି ଦଳରେ ପରିପୂର୍ଣ୍ଣ। ନାଳଟିର ପରିସ୍ଥିତି ଏପରି ହେଇଯାଇଛି କି ଜଳଚର ଜୀବ ମଧ୍ୟ ସେଠାରେ ରହିପାରିବେ ନାହିଁ। ସରକାରୀ ଯୋଜନା ଅନୁଯାୟୀ ସେଠାକାର ଜଳରାଶିକୁ ପରିଷ୍କାର କରିବାସହ ମାଛ ଚାଷ କରି ଲୋକମାନଙ୍କ ହିତରେ ଲଗା ଯାଇଥାଆନ୍ତା। କିନ୍ତୁ ସବୁ ଧନ ରାଶିକୁ ଚଳୁ କରି ଠିକାଦାର ଯନ୍ତ୍ରୀ ମାଲେମାଲ ହେଇଛନ୍ତି ବୋଲି ଅଭିଯୋଗ ହେଉଛି। ନାଳ ଲୋକମାନଙ୍କ ହିତରେ ଆସିବା ପରିବର୍ତ୍ତେ ସଂକ୍ରାମକ ରୋଗ ବ୍ୟାପିବାରେ ମାଧ୍ୟମ ଭାବେ କାମ କରୁଛି। ନାଳର ଜଳ ରାଶି ଚାଷ କାମରେ ଆସୁଛି, ନା ମାଛ ଚାଷରେ ଲାଗୁଛି। ଏପରିକି ଗୋରୁ ଗାଈମାନଙ୍କ ତୃଷ୍ଣା ମଧ୍ୟ ମେଣ୍ଟାଇ ପାରୁନି। ସମସ୍ତ ଜଳ ରାଶି ଜହରରେ ପରିଣତ ହୋଇଯାଇଛି। କାର୍ଯ୍ୟ ଶେଷ ତାରିଖର ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଉନ୍ନତିର ପଦଚିହ୍ନ ମଧ୍ୟ ପଡ଼ିନି। ଏଣୁ ଏହି ପରିପ୍ରେକ୍ଷୀରେ ବୈତରଣୀ ସୁରକ୍ଷା ମଞ୍ଚ ତରଫରୁ ପ୍ରତିବାଦର ସ୍ୱର ଉତ୍ତୋଳନ ହୋଇଥିଲା। ସଭାପତି ସନ୍ତୋଷ ରାୟ, ସମ୍ପାଦକ ରତିକାନ୍ତ ନାୟକ, ଉପଦେଷ୍ଟା ଦୀପ୍ତି ରଞ୍ଜନ ନାୟକ, ଉପଦେଷ୍ଟା ସସ୍ମିତା ଦାସ ପ୍ରମୁଖ ଭିଜିଲାନ୍ସ ତଦନ୍ତ ଦାବି କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଏନେଇ ଗତ ମେ' ୨୦ ତାରିଖରେ "ସକାଳ'ରେ ରିପୋର୍ଟ ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# ପ୍ରଶାସନିକ ଅବହେଳା; ଖୋଲା ଆକାଶ ତଳେ ଅମଳ ଧାନ



**ବାରିକପୁର,୩।୬(ସମିସ):** ଚଳିତ ବର୍ଷ ପ୍ରଥମ ଥର ପାଇଁ ଭଦ୍ରକ ଜିଲ୍ଲାରେ ରବି ଧାନ କ୍ରୟ ହେବ ବୋଲି ସରକାର ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ଚାଷୀ ପ୍ରାୟତଃ ଧାନ ଅମଳ କରିଥିବା ବେଳେ ଏଯାଏଁ ସରକାରୀ ଭାବେ ବିକ୍ରି କରିନାହାନ୍ତି। ପ୍ରାଶାସନିକ ଅବ୍ୟବସ୍ଥା ଯୋଗୁଁ ସରକାରୀ ମଣ୍ଡି ଗୁଡିକ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ। ବିଭିନ୍ନ ସ୍ଥାନରେ ଖୋଲା ଆକାଶ ତଳେ ଟ୍ରିପ ଟ୍ରିପ ଧାନ ପଡ଼ିରହିଛି। ଅସରାଏ ବର୍ଷା ହେଲେ ଚାଷୀଙ୍କ ଦୁଃଖ ବଢିଯିବ। ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲାରୁ ୪୦ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ପ୍ରସ୍ତାବ ରହିଥିବା ବେଳେ ଏଥିପାଇଁ ୧୯୬୯ ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି। ତନ୍ମଧ୍ୟରୁ ଭଣ୍ଡାରିପୋଖରୀ ବ୍ଲକର ୯ଟି ସ୍ୱୀକୃତିପ୍ରାପ୍ତ ମଣ୍ଡିରେ ୬୭୨ ଜଣ ଚାଷୀ ଧାନ ବିକିବା ପାଇଁ ନାମ ପଞ୍ଜିକରଣ କରିଛନ୍ତି। ରହଣିଆ ସମିତିରେ ୧୩, ନାରାୟଣପୁରରେ ୧୯୬, ନାଆମୀରେ ୪୨, ତେସିଙ୍ଗାରେ ୨୪, ଜଳମଣ୍ଡୁଆରେ ୮୬, ବାଲି ପୋଖରୀ ସମବାୟ ସମିତିରେ ୨୦ ଜଣ କୃଷକ ପଞ୍ଜିକରଣ ହୋଇଛନ୍ତି। ସେହିଭଳି ସରସଦା ଶିରିଡି ସାଇ ଏସଏଚଜିରେ ୮୫, ଜୟ ମା ଦୁର୍ଗା ଏସଏଚଜିରେ ୧୯ ଓ ମନ୍ତ୍ର ବାସୁଳୀ ଏସଏଚଜିରେ ୧୮୬ ଜଣ ପଞ୍ଜୀକୃତ ହୋଇଛନ୍ତି। ଇତିମଧ୍ୟରେ ସମସ୍ତ ଚାଷୀ ଟୋକନ୍ ପାଇଥିବା ବେଳେ ଏଯାଏଁ ମଣ୍ଡି ପାଇଁ ବିକ୍ରୟ ଅଧିକାରୀ ନିଯୁକ୍ତି ହୋଇନାହାନ୍ତି। କେଉଁ ଦିବସରେ ଶସ୍ୟ ବିକ୍ରି ହେବ ତାହା ଏଯାଏଁ ମଧ୍ୟ ଧାର୍ଯ୍ୟ ହୋଇନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ମାସ ୨୮ ତାରିଖ ସୁଦ୍ଧା ଜିଲ୍ଲା ପ୍ରଶାସନ ଧାନ କ୍ରୟ ପାଇଁ ଘୋଷଣା କରିଥିଲେ ସୁଦ୍ଧା ଏଯାଏଁ ମଣ୍ଡି ସହିତ ମିଲ ଟ୍ୟାକ ମଧ୍ୟ ହୋଇନାହିଁ। ତେଣୁ ଚାଷୀ ଯେଉଁ ଧାନ ଅମଳ କରିଛନ୍ତି ତାହାକୁ କେଉଁ ଦିନ ବିକ୍ରି କରିବ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**ତିହିଡି,୩।୬(ସମିସ):** ସୁଭଦ୍ରାଶକ୍ତିମାଧ୍ୟମରେତିହିଡ଼ିବ୍ଲକରେବିଭିନ୍ନସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୩ଟି ଅଂଶ ଗ୍ରହଣ କରିଥିବା ବେଳେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ସେମାନଙ୍କୁ ୨ ଘଣ୍ଟା ସମୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତିହିଡ଼ି ବିଡିଓ ନିରଞ୍ଜନ ବାରିକ ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ଫତେପୁରର ରଘୁନାଥ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ଓ ସିନ୍ଦୋଳର ମା ଜଞ୍ଜାଳି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଅଧ୍ୟାପିକା ହିରକଲତା ଦାଶ, ସିଡିପିଓ ସବିତା ବେହେରା ଓ ଅତିରିକ୍ତ ବିଡିଓ ମାନସ କୁମାରେ ଜେନା ବିଚାରକ ଭାବେ ଯୋଗଦେଇଥିଲେ।

# ଧାମରା ବସଷ୍ଟାଣ୍ଡ ଲୋକାର୍ପଣ ବେଳେ ତାଲା ପକାଇଲେ ବିଜେଡି ଓ କଂଗ୍ରେସ କର୍ମୀ



**ଭଦ୍ରକ,୩।୬(ସମିସ):** ଧାମରା ବସଷ୍ଟାଣ୍ଡ ଲୋକାର୍ପଣ ଉତ୍ସବ ଚାଲିଥିବା ବେଳେ ଗେଟରେତାଲାପକାଇଲେବିଜେଡିଓକଂଗ୍ରେସକର୍ମୀ।ବସଷ୍ଟାଣ୍ଡରେଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତିରେ ଏକ ତରଫା ଭାବେ ବିଜେପି କର୍ମୀଙ୍କୁ ନିଯୁକ୍ତି ଦେବା ବିରୋଧରେ ପଡିଲା ତାଲା । ପୂର୍ବରୁ ସର୍ବଦଳୀୟ ଭାବେ ଏକ ବୈଠକ ଡକାଯାଇ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ହେବ ଓ ଏଥିରେ ପ୍ରତ୍ୟେକ ଦଳର ଲୋକ ସମାନ ଭାବେ ନିଯୁକ୍ତି ପାଇବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ମାତ୍ର ସ୍ଥାନୀୟ ବିଜେପି ନେତା ଚକ୍ରାନ୍ତ କରି ନିଜ ଦଳର କର୍ମୀଙ୍କୁ ନିଯୁକ୍ତ କରିସାରିଥିବାରୁ ଉତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଗେଟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଚାନ୍ଦବାଲି ତହସିଲଦାର ଭାବତୋଷ ମଲ୍ଲିକ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ମୋଟ ୨୭ ଜଣ କର୍ମଚାରୀ ନିଯୁକ୍ତି ହେବାକୁ ଥିବା ବେଳେ ୧୪ଜଣ ନିଯୁକ୍ତ ହୋଇଛନ୍ତି। ଆଗାମୀ ୭ ଦିନ ଭିତରେ ବାକି ଥିବା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ହଟିଥିଲା ।

# ୨ କୋଇଲା ବୋଝେଇ ପିକ୍‌ଅପ୍ ଜବତ

**ଅସୁରାଳି,୩।୬(ସମିସ):** ଧୂଷୁରୀ ଥାନା ଅନ୍ତର୍ଗତ ପଙ୍ଗଟା ଛକରେ ଭୋରୁ ସ୍ଥାନୀୟ ବାସିନ୍ଦା ପମ୍ପଚର୍ ହୋଇଥିବା କୋଇଲା ବୋଝେଇ ପିକପ୍‌କୁ ଦେଖିଥିଲେ। ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ୨ଟି କୋଇଲା ବୋଝେଇ ପିକପ୍ ଧୂଷୁରି ଥାନାରେ ଅଟକ ରଖାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି। ତିହିଡିରୁ କାଁପଡ଼ା ଦେଇ ଧୂଷୁରୀ ଥାନା ଅଧୀନ ପାୟାସାହି ଛକରୁ ଅନଳଡିହ ଗ୍ରାମ କୋଚିଳା ନଦୀ ବନ୍ଧ ଦେଇ ଯାଜପୁର ଜିଲ୍ଲା ମଙ୍ଗଳପୁରପୁର ଥାନାର ପଲାସାହି ନିକଟରେ ବାହାରି ଯାଜପୁରକୁ ଯାଉଛି ପ୍ରତ୍ୟକ ଦିନ ଚୋରା କୋଇଲା ଗାଡ଼ି। ଆଗାମୀ ସମୟରେ ପାଟ୍ରୋଲିଂକୁ କଡାକଡି କରାଯିବା ସହ ଚୋରା କୋଇଲା ଚାଲାଣ ଉପରେ ଅଧିକ ଦୃଷ୍ଟି ଦିଆଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

# କଳ୍ପନା ଦେବୀ ଜରାନିବାସର ନୂତନ ଗୃହ ଉଦ୍‌ଘାଟିତ




**ଭଦ୍ରକ,୩।୬(ସମିସ):** ୨୦୨୦ ମସିହାରେ ଭଦ୍ରକ ବ୍ଲକ୍ ଅଧୀନ ଦୈସିଂରେ ସ୍ଥାପିତ କଳ୍ପନାଦେବୀ ଜରାନିବାସର ନୂତନ ଗୃହର ଉଦ୍‌ଘାଟନ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅତିଥିଙ୍କ ଗହଣରେ ସମ୍ପନ୍ନ ହୋଇଛି। ବରିଷ୍ଠ ଚିକିତ୍ସକ ଡା. ହରେକୃଷ୍ଣ ନାୟକଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଜରାନିବାସର ନୂତନ ଗୃହ ଉଦ୍‌ଘାଟନ ଅବସରରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ କିଶୋର ମହାପାତ୍ର, ଡା. କାର୍ତ୍ତିକ ଚନ୍ଦ୍ର ରାଉତ ଓ ଡା. ପ୍ରାଚୀ ମହାପାତ୍ର ଯୋଗଦେଇ ସମାଜର ଅବହେଳିତ ବୃଦ୍ଧବୃଦ୍ଧାଙ୍କ ପାଇଁ ଗ୍ରାମାଞ୍ଚଳରେ ସ୍ଥାପିତ ଏହି ଜରାନିବାସଟି ଏକ ଆଶା ଓ ବିଶ୍ୱାସର ଆଶ୍ରୟସ୍ଥଳ ବୋଲି ବର୍ଣ୍ଣନା କରିବା ସହିତ ଡା. ନାୟକଙ୍କ ମହତ ପ୍ରୟାସର ପ୍ରଶଂସା କରିଥିଲେ। ସମାରୋହରେ ସମାଜସେବୀ ସୁଧାକର ନାୟକ, ବିଜୟ ନାୟକ, ପ୍ରାକ୍ତନ ଧାମନଗର ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଧର୍ମେନ୍ଦ୍ର ମଲ୍ଲିକ, ରୋଟାରିଆନ ଅଭିଜିତ ନାୟକ, ଇଂ.ସୌମେନ୍ଦ୍ର ପ୍ରଧାନ, ପ୍ରଜ୍ଞା ପାରମିତା ପଟ୍ଟନାୟକ, ସ୍ୱାତୀ ସୁଚରିତା ନାୟକ, ସତ୍ୟେନ୍ଦୁ ରାୟ ମହାପାତ୍ର, ଡା. ବିକାଶ ନାରାୟଣ ନନ୍ଦ, ଅଞ୍ଜନା ମିଶ୍ର, ବେଦାନ୍ତ ପାୱାରର କର୍ମକର୍ତ୍ତା ଓ ଶୁଭେଚ୍ଛୁ ଯୋଗଦେଇଥିଲେ। ନୂତନ ଗୃହନିର୍ମାଣରେ ଆର୍ଥିକ ସହଯୋଗ ନିମନ୍ତେ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବଳରାମ ଦାଶ, ଚମ୍ପକଲତା ବେହେରା ଓ କୁମାର ଶୁଭମ୍ ଆୟୋଜନରେ ସହାୟତା କରିଥିଲେ।

## ବେଲଦା ଅଙ୍ଗନବାଡ଼ି କେନ୍ଦ୍ର ବିବାଦ ଥମିବାର ନାଁ ଧରୁନି

# ହାଇକୋର୍ଟଙ୍କ ରହିତାଦେଶ କାର୍ଯ୍ୟକାରୀ ଦାବିକଲେ ଗ୍ରାମବାସୀ

ଭଦ୍ରକ,୩।୬(ସମିସ)

ଭଦ୍ରକ ବ୍ଲକ ଖଣ୍ଡତଡା ପଞ୍ଚାୟତ ଅନ୍ତର୍ଗତ ବେଲଦା ଅଙ୍ଗନୱାଡି କେନ୍ଦ୍ରରେ ପଡିଥିବା ତାଲାକୁ ଗତ ୨୯ ତାରିଖରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଭାଙ୍ଗିଥିଲା। ତେବେ ତାଲା ଭାଙ୍ଗିବା ପରେ ଗ୍ରାମବାସୀ ପୁଣି ଏହି କେନ୍ଦ୍ରରେ ତାଲା ପକାଇଥିଲେ। ଆଉ ଆଜି ଉକ୍ତ ଖଣ୍ଡତଡା ପଂଚାୟତ ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱନାଥ ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ର ବାହାରେ ଏକତ୍ରିତ ହୋଇ ଏକ ସାମ୍ବାଦିକ ସମ୍ମିଳନୀରେ ୩ଟି ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ ଯେ, ବେଲଦା ଅଙ୍ଗନୱାଡି କେନ୍ଦ୍ର କର୍ମୀଙ୍କ ମୃତ୍ୟୁ ପରେ ପ୍ରାୟ ୩ବର୍ଷ ଏହି କେନ୍ଦ୍ରର କର୍ମୀ ପଦବୀ ଖାଲି ପଡିଥିଲା। ଶେଷରେ ଗତ ୩.୧୦.୨୪ ତାରିଖରେ କର୍ମୀ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି କେନ୍ଦ୍ର ଲାଗି ୩ଜଣ ଆବେଦନକାରୀ ଥିଲେ । ଏଥିରେ ସସ୍ମିତା ରଣାଙ୍କୁ ନିଯୁକ୍ତି ପତ୍ର ଦିଆଯାଇଥିଲା। ତେବେ ସସ୍ମିତାଙ୍କ ନିଯୁକ୍ତିର ୩ ମାସ ପରେ ଗତ ୧୭.୩.୨୫ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ କାର୍ଯ୍ୟାନ୍ତର କରାଯାଇଥିଲା ଓ ୨ୟ ସ୍ଥାନରେ ଥିବା ସଂଜିତା ସାହାଜୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ସର୍ବାଧିକ ମାର୍କ ରଖି କର୍ମୀଭାବେ ନିଯୁକ୍ତି ପାଇଥିବା ରଶ୍ମିତା ରଣାଙ୍କୁ କାର୍ଯ୍ୟାନ୍ତର କରିବା ପଛରେ ସେ ହାସଲ କରିଥିବା ଛାଡପତ୍ର ପ୍ରମାଣ ପତ୍ର ଓ ଭିନ୍ନକ୍ଷମ ପ୍ରମାଣପତ୍ରକୁ ଜରିଆରେ ୧୦ନମ୍ବର ଅଧିକ ମାର୍କ ରଖିଥିବା ବୋଲି ମହିଳା ତଥା କାର୍ଯ୍ୟାନ୍ତର ହୋଇଥିବା ସସ୍ମିତା ରଣା ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ପ୍ରଥମେ ନିଯୁକ୍ତି ପାଇଥିବା ରଶ୍ମିତା ରଣା ହାଇକୋର୍ଟରେ ତାଙ୍କ କାର୍ଯ୍ୟାନ୍ତର ହେବାକୁ ଚ୍ୟାଲେଞ୍ଜ କରି ଗତ ୨୯.୧୧.୨୪ ତାରିଖରେ



ଏକ ରହିତାଦେଶ ଆଣିଥିଲେ। ତେବେ ଉକ୍ତ ରହିତାଦେଶକୁ ପ୍ରଶାସନ କାର୍ଯ୍ୟକାରୀ କରୁ ନ ଥିବା ସେ ଓ ଗ୍ରାମବାସୀ ଆଜି ଅଭିଯୋଗ କରିଛନ୍ତି। ହାଇକୋର୍ଟଙ୍କ ରହିତାଦେଶ ଆଦେଶକୁ ପ୍ରଶାସନ କାର୍ଯ୍ୟକାରୀ କରି ପ୍ରଥମେ ନିଯୁକ୍ତି ପାଇଥିବା ରଶ୍ମିତା ରଣା ଦାବି କରିବା ସହ ଉକ୍ତ କେନ୍ଦ୍ରରେ ତାଙ୍କୁ ହଟାଇ ନିଯୁକ୍ତି ପାଇଥିବା କର୍ମୀ ତିହିଡି ବ୍ଲକ ପୀରହାଟ ଅଞ୍ଚଳର ବାସିନ୍ଦା ବୋଲି ଅଭିଯୋଗ କରି ସେ ଦାଖଲ କରିଥିବା ଭିନ୍ନକ୍ଷମ ପ୍ରମାଣପତ୍ର ଓ ସ୍ୱାମୀ ପରିତ୍ୟକ୍ତା ପ୍ରମାଣପତ୍ରକୁ ଯାଞ୍ଚ କରିବାକୁ ଦାବି କରିଥିଲେ। ବେଲଦା ଅଙ୍ଗନୱାଡି କେନ୍ଦ୍ରରେ ବିବାଦ ଯୋଗୁଁ ଅଚଳାବସ୍ଥା ନେଇ ଭଦ୍ରକ ବ୍ଲକ ସିଡିପିଓ ନର୍ମଦା ବେହେରାଙ୍କୁ ପଚାରିବାରୁ ସେ ହାଇକୋର୍ଟଙ୍କ ଆଦେଶକ୍ରମେ ସସ୍ମିତାଙ୍କୁ କାର୍ଯ୍ୟାନ୍ତର କରି ସଂଜିତାଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ସସ୍ମିତାଙ୍କ କାର୍ଯ୍ୟାନ୍ତର ନେଇ ହାଇକୋର୍ଟ ରହିତାଦେଶ କାର୍ଯ୍ୟକାରୀ ନ କରିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଆସନ୍ତା ହିୟରିଂ ପରେ ଏହା ସ୍ପଷ୍ଟ ହେବ ବୋଲି କହିଥିଲେ।



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।
-ଆଦାମ ସ୍ମିଥ୍

ସକାଳ
THE SAKALA

# ସଇତାନର ବେଦପାଠ

ଯିଏ ବିଭେଦ ଓ ବିଦ୍ୱେଷର ମଞ୍ଜି ବୁଣୁଛି ସେ ଯଦି ସମାଧାନର ମଞ୍ଚ ଗଠନ କରି ଶାନ୍ତିର ବାର୍ତ୍ତା ଦିଏ ତେବେ ତାହା ଆମ ଲୋକକଥାରେ ପ୍ରଚଳିତ ସଇତାନର ବେଦ ପାଠ ଭଳି। ଏବେ ଚୀନ୍ ସେଭଳି ଏକ ଉଦ୍ୟମ ଆରମ୍ଭ କରିଛି, ଯାହାକୁ ନେଇ ପଶ୍ଚିମ-ବିଶ୍ୱରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦେଶ-ଦେଶ ମଧ୍ୟରେ ସୃଷ୍ଟି ହେଉଥିବା ଦ୍ୱିପାକ୍ଷିକ ବିବାଦରେ ଚୀନ୍ ମାମଲତି କରିବାକୁ ଆଗ୍ରହୀ ହୋଇପଡ଼ିଛି ଏବଂ ଏଥିଲାଗି ହଂକଂରେ 'ଇଣ୍ଟରନ୍ୟାଶନାଲ୍ ଅର୍ଗାନାଇଜେସନ୍ ଫର ମେଡିଏସନ୍(ଆନ୍ତର୍ଜାତିକ ମଧ୍ୟସ୍ଥି ସଂଗଠନ)' ନାମରେ ଏକ ବିଶ୍ୱମଞ୍ଚ ଗଠନ କରିଛି। ଜାତିସଂଘ ଓ ଆନ୍ତର୍ଜାତିକ ଆଇନ ଅଦାଲତ(ଆଇସିଜେ) ସମାନ୍ତରାଳରେ ଗଠିତ ଏହି ମଞ୍ଚର ସଦସ୍ୟତା ଗ୍ରହଣ କରିବା ପାଇଁ ଚୀନ୍ ୩୩ଟି ଦେଶକୁ ରାଜି କରାଇବାରେ ସଫଳ ହୋଇଛି। ଏଥିଲାଗି ଆୟୋଜିତ ସମ୍ମିଳନୀରେ ୮୫ଟି ଦେଶ ଓ ଜାତିସଂଘ ସମେତ ୨୦ଟି ଆନ୍ତର୍ଜାତିକ ସଂଗଠନର ୪୦୦ ସଦସ୍ୟ ଯୋଗ ଦେଇଥିବା ଉଲ୍ଲେଖନୀୟ। ଆନ୍ତର୍ଜାତିକ ବିବାଦ ସମାଧାନରେ ଏହା ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଚୀନ୍ ଦାବି କରିଛି। ଏହାଉପରେ ସ୍ୱାଭାବିକ ଭାବେ ଆମେରିକା ପ୍ରତିକ୍ରିୟା ପ୍ରକାଶ କରି ଚୀନ୍ ବିଶ୍ୱରେ ବିସ୍ତାରବାଦୀ ଆଭିମୁଖ୍ୟକୁ ଲଦି ଦେବାକୁ ଚାହୁଁଛି ବୋଲି ଅଭିଯୋଗ କରିଛି। ଫ୍ରାନ୍ସ ମଧ୍ୟ ଚୀନ୍ ଉପରେ ଅନୁରୂପ ଆରୋପ ଆଣିଛି।

ଦକ୍ଷିଣ ଚୀନ୍ ସାଗର ଉପରେ ଚୀନ୍‌ର ଆଧିପତ୍ୟକୁ 'ୟୁଏନ୍ କନ୍‌ଭେନସନ୍ ଅନ ଦ ଲ ଅଫ୍ ଦି ସି'(ସାମୁଦ୍ରିକ ନୀତି ସମ୍ପର୍କିତ ଜାତିସଂଘ ରାଜିନାମା) ଉଲ୍ଲଙ୍ଘନ ବୋଲି ୨୦୧୬ରେ 'ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍' ଦର୍ଶାଇ ଚୀନ୍‌ର କାର୍ଯ୍ୟକଳାପକୁ ଅବୈଧ ଘୋଷଣା କରିବା ପରେ ଚୀନ୍ ଅତିଶୟ କ୍ଷୁବ୍ଧ ଥିଲା। ଏହି ସମଗ୍ର ଘଟଣାରେ ଆମେରିକାର ପ୍ରଚ୍ଛନ୍ନ ସମର୍ଥନରେ ଫିଲିପାଇନ୍‌ସର ଜିତାପଟକୁ ଚୀନ୍ ଆଦୌ ସହ୍ୟ କରିପାରିନଥିଲା। ଏହାଛଡ଼ା 'ଇଣ୍ଟରନ୍ୟାଶନାଲ୍ କ୍ରିମିନାଲ୍ କୋର୍ଟ'ରେ ଚୀନ୍ ତା'ର ସମଭାବାପନ୍ନ ଦେଶମାନଙ୍କୁ ଉଚିତ ନ୍ୟାୟ ଦେଇପାରୁ ନ ଥିବା ଅନୁଭବ କରି ଆସୁଥିଲା। ସେହିପରି ଦକ୍ଷିଣ ଏସିଆରେ 'କ୍ୱାଡ୍' ଓ 'ଆଉକସ୍' ମେଣ୍ଟ ଜରିଆରେ ଆମେରିକାର ଉପସ୍ଥିତି ଯୋଗୁଁ ଚୀନ୍ ଅସୁରକ୍ଷିତ ମଣୁଛି। ତାଇୱାନ୍ ମାମଲାରେ ମଧ୍ୟ ଆମେରିକା ହସ୍ତକ୍ଷେପକୁ ଚୀନ୍ ଅଯାଚିତ ଓ ଅବାଞ୍ଛନୀୟ ବୋଲି ଅଭିଯୋଗ କରିଆସୁଛି। ତେଣୁ ଏହି କୂଟନୈତିକ ଓ ଭୂ-ରାଜନୈତିକ ବାମନତା ଜନିତ ହୀନମନ୍ୟତାରୁ ଚୀନ୍ ନିଜକୁ ଉଦ୍ଧାର କରିବା ପାଇଁ ସମଭାବାପନ୍ନ ଓ ଋଣ-ଆନୁଗତ୍ୟ ଦେଶମାନଙ୍କୁ ପକ୍ଷଭୂତ କରି ବିଶ୍ୱ ଭୂ-ରାଜନୀତିରେ ଏକ ନୂଆ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛି।

ଅର୍ଥନୀତି, ସୂଚନା ପ୍ରଯୁକ୍ତି, ବାଣିଜ୍ୟ, ପ୍ରତିରକ୍ଷାରେ ଚୀନ୍ ଆମେରିକାର ପ୍ରାୟ ସମାସ୍କନ୍ଦ ହୋଇସାରିଥିଲେ ହେଁ ବଡ଼ଭାଇ ପଣିଆ ଜାହିର କରିବାରେ ଆମେରିକାଠାରୁ ଦୁଇପାଦ ପଛରେ ରହିଯାଇଛି। ଏଥିଯୋଗୁଁ ଚୀନ୍‌ର ଆଧିପତ୍ୟ କେବଳ ଏସୀୟ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସୀମିତ ଥିବା ବେଳେ ଆମେରିକାର ପ୍ରଭୁତ୍ୱ ଓ କର୍ତ୍ତୃତ୍ୱ ନାଟୋରୁ ଆରମ୍ଭ କରି ଦକ୍ଷିଣ ଏସିଆ ପର୍ଯ୍ୟନ୍ତ ବ୍ୟାପିଚାଲିଛି। ବିଶେଷକରି ସଦ୍ୟତମ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଘଟଣାରେ ଆମେରିକା ଯେଭଳି ଭାବରେ ମାମଲାତି କରି ବିଶ୍ୱର ବଡ଼ଭାଇ ହେବାର ଶ୍ରେୟ ନେଇଗଲା, ତାହା ଚୀନ୍‌କୁ ଅତିମାତ୍ରାରେ କ୍ଷୁବ୍ଧ ଓ ଅସ୍ୱସ୍ତିକର କରିଛି। ଏହିକାରଣରୁ ଚୀନ୍ ଏବେ ବିଶ୍ୱ ଭୂ-ରାଜନୀତି-କୂଟନୀତିରେ ଆମେରିକାର ମାମଲାତିକୁ ଟକ୍କର ଦେବା ପାଇଁ ନୂଆ ଫନ୍ଦି ଫାନ୍ଦିଛି।

ସମ୍ପ୍ରତି ଆମେରିକା-ଚୀନ୍ ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ବା ଟାରିଫ୍ ଯୁଦ୍ଧ ବିଶ୍ୱକୁ ଦୁଇଧ୍ରୁବୀୟ କରିଚାଲିଛି। ଯେଉଁମାନେ ଆମେରିକାର ଉତ୍ପାଦ ପ୍ରତି ଅନୁକୂଳ ନୀତି ପୋଷଣ କରିବେ ସେମାନଙ୍କ ପ୍ରତି ଆମେରିକା କୋହଳ ହେବ। ଅର୍ଥାତ୍ ସେହି ରାଷ୍ଟ୍ରମାନେ ଆମେରିକାର ଛତ୍ରଛାୟା ତଳେ ରହିବେ ଏବଂ ଆମେରିକାର ମାମଲାତିକୁ ସହିବେ। ଅପରପକ୍ଷରେ ଯେଉଁମାନେ ଆମେରିକା ସହିତ ବନ୍ଧୁତ୍ୱପୂର୍ଣ୍ଣ ବାଣିଜ୍ୟ କରିବେ ସେମାନେ ଚୀନ୍‌ର ନାଲିଆଖିର ଶିକାର ହେବେ। ତେଣୁ ପରିବର୍ତ୍ତିତ ବିଶ୍ୱ ବାଣିଜ୍ୟ-ରଣନୀତିରେ ଋଣ ଓ କୋହଳ ଟାରିଫ୍ ଜାଲରେ ଫସିଥିବା ଅନେକ ଅନୁନ୍ନତ ଦେଶ ନିକଟ ଭବିଷ୍ୟତରେ ଚୀନ୍‌ର ବଶତା ସ୍ୱୀକାର କରିବାକୁ ଏକପ୍ରକାର ବାଧ୍ୟ ହେବେ। ଏହି ଦୁଇଧ୍ରୁବୀୟ ନେତୃତ୍ୱ ଲଢ଼େଇରେ ଅର୍ଥନୀତି, ପ୍ରତିରକ୍ଷା, ସୂଚନା ପ୍ରଯୁକ୍ତିରେ ଆମେରିକା ଓ ଚୀନ୍ କେହି କାହାକୁ ବଳି ନ ଗଲେ ମଧ୍ୟ ଆଇନ ଅଦାଲତ, ଆଇଏମ୍‌ଏଫ୍ ଓ ବିଶ୍ୱବ୍ୟାଙ୍କ ଭଳି ସଂଗଠନରେ ଆମେରିକାର ଆଧିପତ୍ୟକୁ ଆହ୍ୱାନ ଦେବା ଭଳି କ୍ଷମତା ଏ ପର୍ଯ୍ୟନ୍ତ ଚୀନ ଅର୍ଜନ କରିପାରି ନାହିଁ। ଇତିମଧ୍ୟରେ ବିଶ୍ୱ ବାଣିଜ୍ୟ ସଂଗଠନର ବିବାଦ ସମାଧାନ ମଞ୍ଚକୁ ଆମେରିକା ଭାଙ୍ଗି ଦେଇଛି। ଜାତିସଂଘରେ ଭେଟୋ କ୍ଷମତା ଥାଇ ମଧ୍ୟ ଏ କ୍ଷେତ୍ରରେ ଚୀନ୍‌ର ବିବଶତା ବିଶ୍ୱ ଦେଖିଛି। ନାଟୋ ଓ ଆଇଏମ୍‌ଏଫ୍‌କୁ ଟକ୍କର ଦେବା ପାଇଁ ପରିକଳ୍ପିତ 'ବ୍ରିକ୍ସ' ମଧ୍ୟ ଚୀନ୍ ଆଶାନୁରୂପ ସଫଳତା ହାସଲ କରିପାରିନାହିଁ। ତେଣୁ ମଧ୍ୟସ୍ଥତା ମଞ୍ଚ ମାଧ୍ୟମରେ ଅଧିକରୁ ଅଧିକ ଦେଶକୁ ନିଜ ସପକ୍ଷରେ ଆଣିବାକୁ ଚୀନ୍ ଅଭିନବ ଉଦ୍ୟମ ଆରମ୍ଭ କରିଛି।

ଆମେରିକାର ଆଧିପତ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିବା ଇରାନ୍, ଉତ୍ତର କୋରିଆ, ତୁର୍କୀ ଏପରିକି ଦକ୍ଷିଣ ଆମେରିକୀୟ ଓ ଆଫ୍ରିକୀୟ ରାଷ୍ଟ୍ରମାନେ ଯଦି ଚୀନ୍‌ର ମଧ୍ୟସ୍ଥତା ମଞ୍ଚର ସଦସ୍ୟତା ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଯା'ନ୍ତି ତେବେ ଆମେରିକାର ମାମଲାତିରେ ପକ୍ଷଚ୍ଛେଦନ ହେବା ନିଶ୍ଚିତ, ଯାହାକୁ ଆମେରିକା ଓ ନାଟୋ ସଦସ୍ୟମାନେ ସହଜରେ ଗ୍ରହଣ ନ କରିପାରିବା ସ୍ୱାଭାବିକ। ଏପରିକି ସାମ୍ପ୍ରତିକ ବାଣିଜ୍ୟ-କୂଟନୀତି କୈନ୍ଦ୍ରିକ ଦ୍ୱିଧ୍ରୁବୀୟ ବିଶ୍ୱ ଦୃଶ୍ୟପଟରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନେ ମଧ୍ୟ ପକ୍ଷଭୁକ୍ତ ହେବାକୁ ବାଧ୍ୟ। ଏହି ପୃଷ୍ଠଭୂମିରେ ଭାରତ ଏବେ ଦୋଛକିରେ ରହିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। 'ବ୍ରିକ୍ସ' ସଦସ୍ୟଭୁକ୍ତ ରାଷ୍ଟ୍ର ଭାରତ ଯଦି ଚୀନ୍‌କୁ ଆଡ଼ କରି ଆମେରିକା ଦିଗକୁ ଅଧିକ ଢଳିବ ତେବେ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଏକଘରକିଆ ହେବାର ଆଶଙ୍କା ଅଧିକ। ଯଦି ଭାରତ 'ବ୍ରିକ୍ସ' ଅନୁକୂଳ ନୀତି ପୋଷଣ କରେ ତେବେ ଆମେରିକା ପାକିସ୍ତାନକୁ କୋଳେଇ ନେବାରେ ଅଧିକ ବିଳମ୍ବ କରିବ ନାହିଁ। ଇତିମଧ୍ୟରେ ଭାରତ ରୁଷରୁ ଅଧିକ ଯୁଦ୍ଧାସ୍ତ୍ର କିଣିବା ନିଷ୍ପତ୍ତି ପରେ ଆମେରିକା ପରୋକ୍ଷ ଚେତାବନୀ ଦେଇସାରିଛି। ଏହି ପୃଷ୍ଠଭୂମିରେ ଭାରତ ଆଗରେ ଏବେ ଅନେକ ଆହ୍ୱାନ ସୃଷ୍ଟି ହୋଇଛି। ଆମେରିକା-ଚୀନ୍‌ର ମାମଲାତି କୂଟନୀତି ବା ସଇତାନମାନଙ୍କର ବେଦପାଠର ଉଚ୍ଚାରଟ ଯେତେ ସଘନ ହେବ ବିଶ୍ୱରେ ଅଶାନ୍ତିର ବାତାବରଣ ସେତିକି ବ୍ୟାପିବ। କିନ୍ତୁ ସଇତାନମାନଙ୍କୁ ବେଦପାଠରୁ ନିବୃତ୍ତ କରିବ କିଏ?

# ସ୍ଥାୟୀ ବିକାଶ ଓ ଜଳ ପରିଚାଳନା

**ଡ. ପ୍ରଦୀପ କୁମାର ସାହୁ**

ପୃଥିବୀର ହାରାହାରି ୭୦ ପ୍ରତିଶତରୁ ଅଧିକ ପୃଷ୍ଠଭାଗ ଜଳରେ ଆଚ୍ଛାଦିତ ହୋଇରହିଛି। ତଥାପି ଜଳକୁ ଏକ ଦୁର୍ଲଭ ପ୍ରାକୃତିକ ସମ୍ପଦ ଭାବରେ ବିବେଚନା କରାଯାଏ। ଏହାର କାରଣ, ପୃଥିବୀ ପୃଷ୍ଠରେ ଉପଲବ୍ଧ ସମୁଦାୟ ଜଳରାଶି ମଧ୍ୟରୁ କେବଳ ୩ ପ୍ରତିଶତ ମଧୁର ଜଳ, ଯାହାକି ମନୁଷ୍ୟ ସମାଜ ପାଇଁ ବ୍ୟବହାର ଉପଯୋଗୀ। ବାକି ୯୭ ପ୍ରତିଶତ ଜଳରାଶି ଲୁଣି। କିନ୍ତୁ ସମୁଦାୟ ଉପଲବ୍ଧ ମଧୁର ଜଳରାଶିର ଦୁଇ-ତୃତୀୟାଂଶ ବରଫ ଆକାରରେ ରହିଥିବାରୁ ତାହା ବ୍ୟବହାର ପାଇଁ ଉପଯୋଗୀ ନୁହେଁ। ଅର୍ଥାତ ସମୁଦାୟ ଜଳରାଶିର କେବଳ ୧ ପ୍ରତିଶତ ଜଳ ଏବଂ ସମୁଦାୟ ମଧୁର ଜଳରାଶିର ୩୩ ପ୍ରତିଶତ ଦୈନନ୍ଦିନ ବ୍ୟବହାର ପାଇଁ ଉପଲବ୍ଧ, ଯାହା ଜଳସଂପଦର ଅତ୍ୟଧିକ ନିଅଣ୍ଟିଆ ପରିସ୍ଥିତିକୁ ସୂଚାଉଛି। ଫଳସ୍ୱରୂପ ସମଗ୍ର ବିଶ୍ୱରେ ୬୦ କୋଟିରୁ ଅଧିକ ଲୋକ ଅତ୍ୟଧିକ ଜଳାଭାବର ସମ୍ମୁଖୀନ ହେବା ସହ ଦିନକୁ ଦିନ ଏହି ସଂଖ୍ୟା ବଢ଼ିବାରେ ଲାଗିଛି।

ବିକାଶର ଆବଶ୍ୟକତା, ଗୁରୁତ୍ୱପୂର୍ଣ୍ଣ ପରିବେଶ ଚିନ୍ତା ଏବଂ ଜଳବାୟୁ ସ୍ଥିତିରେ ପରିବର୍ତ୍ତନ ହେତୁ ଭାରତ ସମେତ ଅଧିକାଂଶ ଜନବହୁଳ ଦେଶଗୁଡ଼ିକ ପାଖାପାଖି ସମାନ ଜଳାଭାବ ପରିସ୍ଥିତିର ସାମ୍ନା କରୁଛନ୍ତି। ଫଳସ୍ୱରୂପ, ଜଳସଙ୍କଟ ଭୋଗୁଥିବା ଦେଶରେ ବିଭିନ୍ନ ଉପଭୋକ୍ତା ଗୋଷ୍ଠୀ ମଧ୍ୟରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛି। ଜଳାଭାବ ପରି ଜଟିଳ ସମସ୍ୟା ଭାରତ ସମେତ ଅନେକ ଜନବହୁଳ ରାଷ୍ଟ୍ରକୁ ପରିବ୍ୟାପ୍ତ। ବିକାଶଶୀଳ ଓ ଉଦୀୟମାନ ଅର୍ଥନୀତି ସମ୍ପନ୍ନ ରାଷ୍ଟ୍ରମାନଙ୍କରେ ଏହାର ତୀବ୍ରତା ଉଦ୍‌ବେଗଜନକ। ତେଣୁ ଜଳର ଦୁର୍ଲଭତା ଜନିତ ସମ୍ବେଦନଶୀଳ ପରିସ୍ଥିତିକୁ ଆମେ ସମସ୍ତେ ଅନୁଭବ କରିବା ଦରକାର। ଭାରତ ପରି ବିଶ୍ୱର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଜଳର ଉତ୍କଟ ପରିସ୍ଥିତି ସାଧାରଣରେ ଏକ ଚିନ୍ତାର ବିଷୟ। ଅଧୁନା ଭାରତର ଜନସଂଖ୍ୟା ପାଖାପାଖି ୧୪୫ କୋଟି, ଯାହା ସମଗ୍ର ବିଶ୍ୱ ଜନସଂଖ୍ୟାର ହାରାହାରି ୧୮ ପ୍ରତିଶତ। ଭାରତର ଜନସଂଖ୍ୟା ଓ ଜଳ ଉପଲବ୍ଧତାକୁ ଅନୁଧ୍ୟାନ କଲେ ଜଣାଯାଏ ବିଶ୍ୱର ୧୮ ପ୍ରତିଶତ ଜନସଂଖ୍ୟା ବହନ କରୁଥିବା ଭାରତ ସମଗ୍ର ବିଶ୍ୱର ମଧୁର ଜଳରାଶିର କେବଳ ୪ ପ୍ରତିଶତ ଧାରଣ କରେ, ଯାହା ଏକ ଜଳ-ନିଅଣ୍ଟିଆ ଦେଶ ରୂପେ ପରିଗଣିତ ହେଉଛି। ଜଳର ନିଅଣ୍ଟିଆ ପରିସ୍ଥିତି ପ୍ରତିବର୍ଷ ଭାରତରେ ୨ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁର କାରଣ ସାଜୁଛି ଏବଂ ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମର ଅନୁସନ୍ଧାନ ମୁତାବକ ଭାରତରେ ମୁଣ୍ଡପିଛା ଜଳ ଉପଲବ୍ଧତା ୨୦୦୧ ରେ ୧୮୧୬ ଘନ ମିଟରରୁ ୨୦୧୧ ରେ ୧୫୪୫ ଘନ ମିଟରକୁ ହ୍ରାସ ପାଇଛି। ଗବେଷଣାରୁ ଏହା ମଧ୍ୟ ପୂର୍ବାନୁମାନ କରାଯାଇଛି ଯେ ୨୦୩୦ ବେଳକୁ ଜଳର ମୁଣ୍ଡପିଛା ଚାହିଦା ପାଖାପାଖି ଦୁଇଗୁଣ ହେବ। ୨୦୫୦ ବେଳକୁ ଭାରତରେ ଜଳସମ୍ପଦ ସର୍ବାଧିକ ଜିଡିପି ଉତ୍ପାଦନକାରୀ ପ୍ରାକୃତିକ ସମ୍ପଦ ଭାବେ ଗ୍ରହଣୀୟ ହେବ। ଏହାବ୍ୟତୀତ ଦୈନନ୍ଦିନ ଦୂଷିତ ଜଳର ମାତ୍ରା ବଢ଼ିବା ଏବଂ ପ୍ରାୟ ୭୦ ପ୍ରତିଶତ ଜଳ ଦୂଷିତ ହେବ। ଏହାସହିତ ୧୨୦ ଦେଶରେ ମପା ଯାଇଥିବା ଜଳ ଗୁଣବତ୍ତା ସୂଚକାଙ୍କରେ ଭାରତ ୧୨୦ ତମ ସ୍ଥାନରେ ରହିବା ଜଣାପଡ଼ିଛି, ଯାହା ପରିସ୍ଥିତିକୁ ଆହୁରି ଉତ୍କଟ କରୁଛି।

ଭାରତରେ ଜଳର ଉପଲବ୍ଧିକୁ ବିବେଚନା କଲେ ଜଣାଯାଏ ସମଗ୍ର ୫୧୨୨ ବିଲିୟନ ଘନ ମିଟର ଗଚ୍ଛିତ ଜଳରାଶି ମଧ୍ୟରୁ ବର୍ଷାଜଳ ୪୦୦୦ ବିଲିୟନ ଘନ ମିଟର, ଅବ୍ୟବହୃତ ଭୂପୃଷ୍ଠ ଜଳ ୬୯୦ ବିଲିୟନ ଘନ ମିଟର ଓ ଭୂତଳ ଜଳ ୪୨୦ ବିଲିୟନ ଘନ ମିଟର। ମୋଟାମୋଟି ଭାବରେ ଏହା କୁହାଯାଇପାରିବ ଯେ ଉପଲବ୍ଧ ସମଗ୍ର ଜଳରାଶିର ହାରାହାରି ୮୦ ପ୍ରତିଶତ ବର୍ଷାଜଳ, ଯାହା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଏକ ବରଦାନ। ଅନ୍ୟପକ୍ଷରେ ଆବଶ୍ୟକତା ଦୃଷ୍ଟିରୁ ଜଳ ଆବଣ୍ଟନକୁ ଅନୁଧ୍ୟାନ କଲେ ଜଣାଯାଏ ପାନୀୟଜଳ ଏବଂ ଜଳର ଘରୋଇ ବ୍ୟବହାର ଶୀର୍ଷରେ ରହିବା ସହିତ ପରବର୍ତ୍ତୀ ଚାହିଦା ରୂପେ ପରିବେଶ, ଜଳସେଚନ, କୃଷି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକଳାପ, ମତ୍ସ୍ୟଚାଷ, ଜଳ ବିଦ୍ୟୁତ୍, କୃଷି ଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପ, ନାଭିଗେସନ୍ ଓ ପର୍ଯ୍ୟଟନ ଓ ବିଭିନ୍ନ କାର୍ଯ୍ୟକଳାପକୁ ବିବେଚନା କରାଯାଏ।

ଜଳର ବ୍ୟବହାରକୁ ତର୍ଜମା କଲେ ଜଣାଯାଏ, ସମଗ୍ର ବ୍ୟବହୃତ ଜଳରାଶିର ୮୦ ପ୍ରତିଶତରୁ ଅଧିକ ଚାଷ କ୍ଷେତ୍ରରେ ବ୍ୟବହାର ହେଉଥିବା ବେଳେ ୧୫ ପ୍ରତିଶତ ଜଳରାଶି ଶିଳ୍ପରେ ବ୍ୟବହାର ହୁଏ ଏବଂ ବାକି ୫ ପ୍ରତିଶତ ଅନ୍ୟ ସମସ୍ତ ଆବଶ୍ୟକତା ପୂରଣ କରିଥାଏ। ଗବେଷଣାରୁ ଦେଖାଯାଇଛି ଯେ ସର୍ବାଧିକ ଜଳ ବ୍ୟବହାରକାରୀ କୃଷି କ୍ଷେତ୍ର ସର୍ବାଧିକ ଜଳ ଅପଚୟର କାରଣ। ଭାରତ ପରି କୃଷିପ୍ରଧାନ ଦେଶରେ ୫୫ ପ୍ରତିଶତରୁ ଅଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି, ଯେଉଁମାନଙ୍କ ମଧ୍ୟରୁ ପାଖାପାଖି ୮୦ ପ୍ରତିଶତ କ୍ଷୁଦ୍ର ଚାଷୀ। ତେଣୁ ଏହା ମଧ୍ୟ କୁହାଯାଇପାରେ କି, ଜମିର ସ୍ୱଳ୍ପତା, ନିରକ୍ଷରତା ଓ ସଚେତନତାର ଅଭାବ ଜଳ ଅପଚୟର ଅନ୍ୟ ଏକ ପ୍ରମୁଖ କାରଣ। ଏହାବ୍ୟତୀତ, ଭାରତରେ ହାରାହାରି ୫୫ ପ୍ରତିଶତ ମହିଳା ଚାଷୀ ପାଖାପାଖି ୮୦ ପ୍ରତିଶତ ଚାଷକାମ ନିର୍ବାହ କରିଥା'ନ୍ତି, ଯେଉଁ ସଂଖ୍ୟା ଓଡ଼ିଶାରେ ପାଖାପାଖି ୬୨ ପ୍ରତିଶତ ଏବଂ ଗ୍ରାମୀଣ ଓଡ଼ିଶାରେ ପାଖାପାଖି ୭୯ ପ୍ରତିଶତ। ତେଣୁ ମହିଳାମାନଙ୍କ ମଧ୍ୟରେ ଜଳ ପରିଚାଳନା ସମ୍ବନ୍ଧିତ ବୈଷୟିକ ଜ୍ଞାନର ଅଭାବ ଜଳ ଅପଚୟର ଅନ୍ୟ ଏକ ମୁଖ୍ୟ କାରଣ ହୋଇଥାଇପାରେ। ଏହାବ୍ୟତୀତ ଜଳଭଣ୍ଡାର ଓ କେନାଲ ବନ୍ଧରେ ଫାଟ, ପାରମ୍ପରିକ ଜଳସେଚନ ପଦ୍ଧତି ଏବଂ ଜଳସେଚନ ବିଷୟରେ ଜ୍ଞାନର ଅଭାବ ଜଳ ଅପଚୟର ଅନ୍ୟାନ୍ୟ ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ, ଯାହା କୃଷିକ୍ଷେତ୍ରରେ ବ୍ୟବହୃତ ଜଳରାଶିର ପାଖାପାଖି ୬୦ ପ୍ରତିଶତ। ତେଣୁ ଭବିଷ୍ୟତର ଜଳାଭାବକୁ ରୋକିବାକୁ ହେଲେ କୃଷିକ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତିରେ ଜଳ ପରିଚାଳନା ଏକାନ୍ତ ଆବଶ୍ୟକ।

ଜଳର ସ୍ୱଳ୍ପତା, ଶିଳ୍ପ ଓ କୃଷିକ୍ଷେତ୍ରରେ ଅତ୍ୟଧିକ ବ୍ୟବହାର, ଅପଚୟକୁ ଧ୍ୟାନରେ ରଖି ଭାରତ ସରକାର ଜଳ ପରିଚାଳନା ଓ ଜଳ ସଞ୍ଚୟ ନିମିତ୍ତ ନିୟମାବଳୀ 'ଜାତୀୟ ଜଳ ନୀତି -୧୯୮୭' ମସିହାରେ ପାରିତ କରିଥିଲେ। ପରବର୍ତ୍ତୀ ସମୟରେ କୃଷିକ୍ଷେତ୍ରକୁ ଧ୍ୟାନରେ ରଖି ଓଡ଼ିଶା ସରକାର ୨୦୦୨ ମସିହାରେ ପାଣି ପଞ୍ଚାୟତ ଅଧିନିୟମ ପାରିତ କଲେ, ଯାହା କୃଷି କ୍ଷେତ୍ରରେ ଜଳ ପରିଚାଳନା, ଜଳ ଆବଣ୍ଟନ ଓ ଜଳ ସଞ୍ଚୟ ଉପରେ ଗୁରୁତ୍ୱ ଦେଉଛି। ଏଥିସହିତ ଭବିଷ୍ୟତ ପିଢ଼ିର ବିକାଶକୁ ଧ୍ୟାନରେ ରଖି ନାନାଦି ଜଳସଞ୍ଚୟ ପଦ୍ଧତି ଯଥା- କମ୍ ପାଣିରେ ଫସଲ ଉତ୍ପାଦନ, ମାଇକ୍ରୋଜଳସେଚନ, ସେନସର ଆଧାରିତ ଜଳସେଚନ, କାଡା କେନାଲ ନିର୍ମାଣ, ବର୍ଷା ଜଳ ଅମଳ ଓ ସଞ୍ଚୟ, ସ୍ମାର୍ଟ ଜଳସେଚନ ଇତ୍ୟାଦି କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରାଯାଉଛି।

ଏ ସମସ୍ତ କାର୍ଯ୍ୟକ୍ରମରେ ମହିଳାମାନଙ୍କର ସହଭାଗିତା ଲୋଡ଼ାଯିବା ସହିତ ସରକାରୀ ସହାୟତାରେ ନାନାଦି କାର୍ଯ୍ୟକ୍ରମ, ଯଥା - ତାଲିମ, ପ୍ରୟୋଗ, କ୍ଷେତ୍ର ଅଭ୍ୟାସ, କ୍ଷେତ୍ର ପ୍ରଦର୍ଶନ ଇତ୍ୟାଦି କରାଯାଉଥିଲେ ହେଁ ସେମାନଙ୍କର ସହଭାଗିତା ଏ ଯାଏଁ ଆଖିଦୃଶିଆ ହୋଇପାରିନାହିଁ। ଘରୋଇ ଜଳ ବ୍ୟବହାର ହେଉ ବା ଚାଷ କ୍ଷେତ୍ରରେ ଜଳ ପରିଚାଳନା ହେଉ ମହିଳାମାନଙ୍କ ଭୂମିକା ସବୁକ୍ଷେତ୍ରରେ ଅତ୍ୟନ୍ତ ଜରୁରୀ। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରକାଶିତ ବିଶ୍ୱ ପ୍ରସିଦ୍ଧ ଡବଲିନ୍ ନିୟମାବଳୀ ୧୯୯୨ ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଜଳ ଯୋଗାଣ, ପରିଚାଳନା ଓ ସୁରକ୍ଷାରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ତେଣୁ ଜଳ ବିକାଶ ଓ ପରିଚାଳନା ମହିଳାମାନଙ୍କ ସହଭାଗିତାରେ ସମସ୍ତ ସ୍ତରରେ ଉପଭୋକ୍ତା, ଯୋଜନାକାରୀ ଓ ନୀତି ନିର୍ଣ୍ଣୟକାରୀଙ୍କ ମିଳିତ ଆଭିମୁଖ୍ୟ ଓ ପ୍ରୟାସରେ ହେବା ଉଚିତ୍। ତେଣୁ ସରକାରଙ୍କୁ ଜଳ ପରି ଏକ ସୀମିତ ଓ ଅସୁରକ୍ଷିତ ପ୍ରାକୃତିକ ସମ୍ପଦ, ଯାହା ଜୀବନ ବଞ୍ଚାଇବା, ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ପରିବେଶକୁ ସୁରକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ, ତାହାର ସୁରକ୍ଷା ଦିଗରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ।

(ସହକାରୀ ପ୍ରାଧ୍ୟାପକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୮୬୧୦୬୫୧୬୪

# ସକାରାତ୍ମକ କର୍ମକ୍ଷେତ୍ର

**ଡାକ୍ତର ଅଶୋକ କୁମାର ମହାନ୍ତି**



ସକାରାତ୍ମକ କର୍ମକ୍ଷେତ୍ର କହିଲେ ଯେଉଁଠାରେ ସମସ୍ତ କର୍ମଚାରୀଙ୍କୁ ନ୍ୟାୟପୂର୍ଣ୍ଣ, ମର୍ଯ୍ୟାଦା ଓ ସମ୍ମାନର ସହିତ ବ୍ୟବହାର କରାଯାଏ ଏବଂ ଯୋଗାଯୋଗ, ସହଯୋଗ ଓ ଗଠନମୂଳକ ଦୃଷ୍ଟିଭଙ୍ଗୀରେ ବିବାଦର ସମାଧାନ କରାଯାଏ। ସମ୍ମାନର ଅଭାବ ଓ ଉପରିସ୍ଥ ଅଧିକାରୀମାନଙ୍କର ନକାରାତ୍ମକ ଆଚରଣ ନିମ୍ନସ୍ତରର କର୍ମଚାରୀଙ୍କ ଉତ୍ପାଦକତାରେ ହ୍ରାସ ଓ ମାନସିକ ଆଘାତର ଆଶଙ୍କା ସୃଷ୍ଟି କରିଥାଏ। କର୍ମକ୍ଷେତ୍ର ଏପରି ହେବା ଉଚିତ, ଯେଉଁଠାରେ କର୍ମଚାରୀମାନେ ସୁରକ୍ଷିତ ତଥା ନିରାପଦ ଅନୁଭବ କରିପାରିବେ, ଉତ୍ପୀଡ଼ନ ଓ ଭେଦଭାବରୁ ସୁରକ୍ଷିତ ମନେ କରିବେ ଏବଂ ସେମାନଙ୍କ ପୃଷ୍ଠଭୂମି ନିର୍ବିଶେଷରେ ମର୍ଯ୍ୟାଦା, ସମ୍ମାନ ଓ ଉଚିତ ବ୍ୟବହାର ଆଶା କରିବେ। ଏହା କର୍ମଚାରୀଙ୍କ କଲ୍ୟାଣ, ଉତ୍ପାଦକତା ଏବଂ ସାମଗ୍ରିକ ଭାବେ ସାଂଗଠନିକ ସଫଳତା ପାଇଁ ଅତ୍ୟାବଶ୍ୟକ।

ଯେଉଁଠାରେ ସଚ୍ଚୋଟତା, ସାଧୁତା ଓ ବୃତ୍ତିଗତ ନ୍ୟାୟକୁ ଗୁରୁତ୍ୱ ଦିଆଯାଏ, ସେଠାରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି ହୁଏ। କର୍ମକ୍ଷେତ୍ର ଏପରି ହେବା ଉଚିତ, ଯେଉଁଠାରେ କର୍ମଚାରୀମାନେ ସେମାନଙ୍କର ଚିନ୍ତାଧାରା ଓ ମତାମତ ଖୋଲାଖୋଲି ଏବଂ ସଚ୍ଚୋଟ ଭାବରେ ପ୍ରକାଶ କରିପାରିବେ। କର୍ମଚାରୀମାନଙ୍କୁ ସେମାନଙ୍କ କାମର ସମସ୍ତ ଦାୟିତ୍ୱ ବହନ କରିବାର କ୍ଷମତା ଦିଆଯିବା ସହିତ ସେମାନଙ୍କ କାର୍ଯ୍ୟ ପାଇଁ ମଧ୍ୟ ଉତ୍ତରଦାୟୀ କରାଯାଏ। ଅସୌଜନ୍ୟ ଆଚରଣ ପାଇଁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ସମ୍ମାନଜନକ ପରିବେଶ ସୃଷ୍ଟି କରିଥାଏ। ଏକ ସମ୍ମାନଜନକ କର୍ମକ୍ଷେତ୍ର ଶ୍ରେଷ୍ଠ ପ୍ରତିଭାମାନଙ୍କୁ ଆକର୍ଷିତ କରେ ଏବଂ ଅନୁଷ୍ଠାନର ଖ୍ୟାତି ବୃଦ୍ଧି କରେ। ସକାରାତ୍ମକ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରୁଥିବା ସମ୍ମାନଜନକ କର୍ମକ୍ଷେତ୍ରଗୁଡ଼ିକ କର୍ମଚାରୀମାନଙ୍କୁ ସୁସ୍ଥ ରଖିବାରେ ସହାୟକ ହେବା ସହିତ ହୃଦରୋଗ ଓ ଉଚ୍ଚ ରକ୍ତଚାପ ହ୍ରାସ ଏବଂ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

କର୍ମକ୍ଷେତ୍ରରେ ଦଳଗତ ବିଶ୍ୱାସ ସୃଷ୍ଟି କରିବା ପାଇଁ ଦଳ ମୁଖ୍ୟମାନଙ୍କୁ ଅନୁଷ୍ଠାନର ଯେକୌଣସି ସ୍ତରର କର୍ମଚାରୀମାନଙ୍କ ସହିତ ଯୋଗାଯୋଗ ଓ ଆଲୋଚନା କରିବା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ, ସେମାନଙ୍କୁ ସ୍ପଷ୍ଟ ଓ ସଂକ୍ଷିପ୍ତ ହେବାକୁ ପଡ଼ିବ ଏବଂ କିଭଳି ଉତ୍ତମ ଆନ୍ତରିକ ସମ୍ପର୍କ ଗଠନ କରିବେ ତାହା କର୍ମଚାରୀମାନଙ୍କୁ ଶିଖାଇବାକୁ ପଡ଼ିବ। ସମସ୍ତଙ୍କୁ ନେଇ ଯେପରି ଚାଲିବାକୁ ପଡ଼ିବ ସେ ଦିଗରେ ଉପରିସ୍ଥ ଅଧିକାରୀମାନଙ୍କୁ ଧ୍ୟାନ ଦେବା ସହିତ ବୟସ-ଲିଙ୍ଗ-ଜାତି-ସଂସ୍କୃତି ନିର୍ବିଶେଷରେ ସମସ୍ତଙ୍କୁ ଉଚିତ୍ ନ୍ୟାୟ ଦେବାକୁ ହେବ। କର୍ମଚାରୀମାନେ ଯେପରି ବୃତ୍ତିଗତ ସହିତ ବ୍ୟକ୍ତିଗତ ଉନ୍ନତି ସାଧନ କରିପାରିବେ ସେଥିଲାଗି ଉପରିସ୍ଥ ଅଧିକାରୀମାନେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ। ଦୟା, ଭଦ୍ରତା, ସହାନୁଭୂତି କରୁଣା ଭଳି ଗୁଣଗୁଡ଼ିକୁ କର୍ମକ୍ଷେତ୍ରରେ ପ୍ରୋତ୍ସାହିତ କରିବା ସହିତ ସମ୍ବେଦନଶୀଳ ହେବା ମଧ୍ୟ ଅନୁଷ୍ଠାନ ମୁଖ୍ୟଙ୍କ କର୍ତ୍ତବ୍ୟ। ମୁଖ୍ୟମାନେ ଅଧସ୍ତନମାନଙ୍କ କର୍ତ୍ତବ୍ୟପରାୟଣତା ପ୍ରତି କୃତଜ୍ଞତା ଜ୍ଞାପନ, ପୁରସ୍କୃତ ଏବଂ ପ୍ରଶଂସା କରିବାରେ କାର୍ପଣ୍ୟ ପ୍ରଦର୍ଶନ କରନ୍ତୁ ନାହିଁ।

ଉପରିସ୍ଥ ଅଧିକାରୀମାନେ ଅଧସ୍ତନମାନଙ୍କର ନୂତନ କ୍ଷମତା ବିକାଶ କରିବାରେ ସାହାଯ୍ୟ କରନ୍ତୁ ଏବଂ ଆବଶ୍ୟକ ସମୟରେ ସେମାନଙ୍କୁ ସମର୍ଥନ କରି ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ଉପଲବ୍ଧ କରାଇବାକୁ ସକ୍ଷମ କରାନ୍ତୁ। ଯେତେବେଳେ ଲୋକମାନେ କାର୍ଯ୍ୟକ୍ଷେତ୍ରରେ ମାନସିକ ସୁରକ୍ଷା ପାଆନ୍ତି, ସେମାନେ ନିଜେ ଆରାମଦାୟକ ଅନୁଭବ କରନ୍ତି। ଏକ ସମ୍ମାନଜନକ ସଂଗଠନ ବିବିଧତା ଓ ସମାନତାକୁ ପ୍ରୋତ୍ସାହିତ କରେ, ଆଲୋଚନାକୁ ଉତ୍ସାହିତ କରେ ଏବଂ ସମସ୍ତ କର୍ମଚାରୀଙ୍କ ପାଇଁ ସଭ୍ୟତା ଉପରେ ଜୋର ଦିଏ। ଏହାକୁ ଅଧିକାରୀମାନେ ସ୍ମରଣକୁ ଆଣିବା ଦରକାର। ପ୍ରଭାବଶାଳୀ ଓ ଲକ୍ଷ୍ୟ-କୈନ୍ଦ୍ରିକ ପରିଚାଳକମାନେ କର୍ମଚାରୀମାନଙ୍କୁ ନିୟମିତ ଭାବରେ ଦକ୍ଷତା ଓ ନୂତନ ପ୍ରଯୁକ୍ତି ବିଦ୍ୟା ବିକାଶ ଉପରେ ଧ୍ୟାନ ଦେବା ନିମନ୍ତେ ଗୁରୁତ୍ୱ ଦେଇଥା'ନ୍ତି।

କର୍ମଚାରୀଙ୍କ ନିୟୋଜିତତାକୁ ବୃଦ୍ଧି କରିବାର ଅନ୍ୟ ଏକ ଉପାୟ ହେଉଛି କୌଣସି ପ୍ରକାରର ଭେଦଭାବକୁ ସହ୍ୟ କରିବା ନାହିଁ। ଆମର ମଙ୍ଗଳ ଓ ସଫଳତା ପାଇଁ ସମ୍ମାନ ଓ ଗର୍ବ ଉଭୟ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଆମେ ଅନ୍ୟମାନଙ୍କୁ ସମ୍ମାନ କରୁ ଏବଂ ପ୍ରତିବଦଳରେ ସମ୍ମାନ ଆଶା କରୁ, ତାହା ସକାରାତ୍ମକ ସମ୍ପର୍କ ଏବଂ ନିଜର ଭାବନାକୁ ବୃଦ୍ଧି କରିପାରେ। ଏକ କର୍ମକ୍ଷେତ୍ର ଯେଉଁଥିରେ ସମସ୍ତଙ୍କର ସମାନ ଅଂଶଗ୍ରହଣ ରହିଥାଏ, ତାହା ଅନନ୍ୟ ଚିନ୍ତାଧାରା ଏବଂ ସୃଜନଶୀଳତାର ଏକ ମିଶ୍ରଣ ହୋଇଥାଏ, ଯାହା ସର୍ବଦା ସଂଗଠନର କାର୍ଯ୍ୟଦକ୍ଷତା, ଉତ୍ପାଦକତା ଓ ସଂସ୍କୃତି ପାଇଁ ସର୍ବୋତ୍ତମ। ମର୍ଯ୍ୟାଦା ଓ ସମ୍ମାନଜନକ ବ୍ୟବହାର ସକାରାତ୍ମକ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ, ଯେଉଁଥିରେ କର୍ମଚାରୀମାନେ ପରିପୂର୍ଣ୍ଣ, ବିଶ୍ୱସ୍ତ, ନିୟୋଜିତ ଏବଂ ସେମାନଙ୍କର ସର୍ବୋତ୍ତମ କାର୍ଯ୍ୟ କରିବାକୁ ପ୍ରେରଣାପ୍ରାପ୍ତ ହୁଅନ୍ତି।

ମୋବାଇଲ: ୯୨୩୪୬୬୭୫୪୬

# ଭିତର ବେଢ଼ାରେ କ୍ଷେତ୍ରପାଳ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ପାର୍ବତୀ ପୂର୍ବଜନ୍ମରେ ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀ ଥିଲେ। ପିତାଙ୍କ ଇଚ୍ଛା ବିରୁଦ୍ଧରେ ସେ ଦେବଦେବ ମହାଦେବଙ୍କୁ ବିବାହ କରିଥିଲେ। ଥରେ ଶିବ ଓ ଦକ୍ଷ ପ୍ରଜାପତି ଦେବସଭାରେ ଉପସ୍ଥିତ ଥିବା ବେଳେ ଜଣେ ଜୋଇଁ ଶ୍ୱଶୁରଙ୍କୁ ଯେଉଁପ୍ରକାର ସମ୍ମାନ ଦେବା କଥା ଶିବ ତାହା କଲେ ନାହିଁ ବୋଲି ଦକ୍ଷ ଅଭିଯୋଗ କଲେ ଏବଂ ପ୍ରତିଶୋଧ ନେବା ପାଇଁ ଏକ ଯଜ୍ଞର ଆୟୋଜନ କରି ମହାଦେବଙ୍କୁ ଛାଡ଼ି ସମସ୍ତ ଦେବତାଙ୍କୁ ନିମନ୍ତ୍ରଣ କଲେ। ଏଥିରେ ସତୀ ମର୍ମାହତା ହେଲେ ଏବଂ ଏହାର କାରଣ ପଚାରିବା ପାଇଁ ମହାଦେବଙ୍କ ବାରଣ ସତ୍ତ୍ୱେ ପିତାଙ୍କ ଘରକୁ ବାହାରିଲେ। ଯଜ୍ଞ ସ୍ଥଳରେ ଦେବତା ଓ ମୁନିଋଷିମାନଙ୍କ ଉପସ୍ଥିତିରେ ସତୀଙ୍କ ଆଗରେ ଦକ୍ଷ ଶିବଙ୍କୁ ବହୁତ ନିନ୍ଦା କଲେ। ଏହା ଶୁଣି ସତୀ ଯଜ୍ଞାଗ୍ନିରେ ଝାସ ଦେଲେ। ଏ ଦୁଃସମ୍ବାଦ ଶୁଣି ଶିବ ତତ୍‌କ୍ଷଣାତ୍ ଯଜ୍ଞସ୍ଥଳକୁ ଯାଇ ଦକ୍ଷଙ୍କର ଶିରଚ୍ଛେଦ କଲେ। ତା'ପରେ ସତୀଙ୍କର ଶବକୁ କାନ୍ଧରେ ବହନ କରି ଦୁଃଖ ଓ କ୍ରୋଧରେ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସାରା ବ୍ରହ୍ମାଣ୍ଡ କମ୍ପିବାକୁ ଲାଗିଲା। ସୃଷ୍ଟି ପ୍ରଳୟ ହୋଇଯିବାର ଆଶଙ୍କାରେ ଦେବତାମାନେ ବିଷ୍ଣୁଙ୍କର ଶରଣାପନ୍ନ ହେଲେ। ବିଷ୍ଣୁ ସୁଦର୍ଶନ ଚକ୍ରରେ ସତୀଙ୍କ ଶରୀରକୁ ଖଣ୍ଡଖଣ୍ଡ କରିଦେଲେ। ସେହି ଶରୀରାଂଶ ଯେଉଁଠାରେ ପଡ଼ିଲା, ତାହା ଗୋଟିଏ ଗୋଟିଏ ଶକ୍ତିପୀଠ ହୋଇଗଲା। ଏହାପରେ ଶିବ ନୃତ୍ୟରୁ ବିରତ ହେଲେ ସିନା ତାଙ୍କର କ୍ରୋଧ ପ୍ରଶମିତ ହେଲା ନାହିଁ। ସେ ଘନଘନ ନିଃଶ୍ୱାସ ନେଇ ଚାରି ଦିଗକୁ କ୍ରୂରଲୋଚନରେ ଚାହୁଁଥିଲେ।

ସେ ସମୟରେ ବିଷ୍ଣୁ ଚିନ୍ତା କଲେ ଯେ ସେ ଅବସ୍ଥାରେ ଶିବ ସେଠାରେ ଅଧିକ ସମୟ ରହିବା ଉଚିତ ହେବ ନାହିଁ। ତେଣୁ ସେ ଶିବଙ୍କୁ ପୁରୁଷୋତ୍ତମ କ୍ଷେତ୍ରକୁ ନେଇଆସିଲେ। କ୍ଷେତ୍ରରେ ପହଞ୍ଚି ସେ ଶିବଙ୍କୁ ଆଶ୍ୱାସନା ଦେଲେ- 'ମହାଶୟ! ଦେବୀ ସତୀ ପର ଜନ୍ମରେ ହିମାଳୟଙ୍କ କନ୍ୟା ପାର୍ବତୀ ରୂପେ ଜନ୍ମ ନେଇ ଆପଣଙ୍କୁ ପତି ରୂପେ ବରଣ କରିବେ। ବର୍ତ୍ତମାନ ଆପଣ ନିତ୍ୟବୈକୁଣ୍ଠ ନୀଳାଚଳ ଧାମରେ ଅବସ୍ଥାନ କରନ୍ତୁ।' ନୀଳାଚଳ ଧାମର ସୌନ୍ଦର୍ଯ୍ୟ ଓ ସାଗର କୂଳରେ ଅବସ୍ଥିତି ଶିବଙ୍କର କ୍ରୋଧକୁ କିଛି ପରିମାଣରେ ପ୍ରଶମିତ କଲା। ପରମ ବିଷ୍ଣୁକ୍ଷେତ୍ର ନୀଳାଚଳରେ ଅବସ୍ଥାନ ପାଇଁ ସ୍ୱୟଂବିଷ୍ଣୁଙ୍କ ନିମନ୍ତ୍ରଣ ପାଇ ସେ ବହୁତ ଖୁସି ହୋଇ କହିଲେ- 'ମହାପ୍ରଭୁ! ଆପଣଙ୍କ ପ୍ରସ୍ତାବ ମୋର ସୌଭାଗ୍ୟ। କିନ୍ତୁ ଶିବଗଣ ଓ ଦ୍ୱାରପାଳଙ୍କ ବିନା ମୋର ଏଠାରେ ଅବସ୍ଥାନ ସମ୍ଭବ ହେବ ତ?'- 'ଆପଣଙ୍କ ମନ୍ଦିରରେ ରହି ଆପଣଙ୍କୁ ସାନିଧ ଦେବା ପାଇଁ ମୁଁ ମହାଲକ୍ଷ୍ମୀଙ୍କୁ ଅନୁରୋଧ କରିବି। ମୋର ଦ୍ୱାରପାଳ ଜୟ ଓ ବିଜୟ ଆପଣଙ୍କ ଦ୍ୱାରପାଳ ରୂପେ ନିଯୁକ୍ତ ହେବେ। ଶ୍ରୀକ୍ଷେତ୍ରରେ ଆପଣ ଅଷ୍ଟଶମ୍ଭୁ ଭିତରେ ଗଣନା ହେବେ।' - ବିଷ୍ଣୁ ଆଶ୍ୱାସନା ଦେଲେ। ମହାଦେବ କହିଲେ- 'ମହାପ୍ରଭୁ! ଆପଣ ପରମ ଦୟାଳୁ। ଆପଣଙ୍କ ଆଜ୍ଞାରେ ଶ୍ରୀମନ୍ଦିରରେ ଦେବତାମାନେ ଆପଣଙ୍କ ସେବାରେ ନିଯୁକ୍ତ ହୋଇ ନିଜକୁ କୃତାର୍ଥ ମନେ କରୁଛନ୍ତି। ମୋତେ ମଧ୍ୟ କିଛି ସେବାର ଅବସର ପ୍ରଦାନ କରିବା ହୁଅନ୍ତୁ।' ବିଷ୍ଣୁ 'ତଥାସ୍ତୁ' ସହିତ କହିଲେ- 'ଆପଣ ଏ କ୍ଷେତ୍ରର ରକ୍ଷକ ହେବେ। ଆପଣଙ୍କର ନାମ 'କ୍ଷେତ୍ରପାଳ ମହାଦେବ' ହେବ। ବର୍ଷର ନଅ ଦିନ ରଥଯାତ୍ରା ସମୟରେ ଆପଣ ମନ୍ଦିରର ସୁରକ୍ଷା ଦାୟିତ୍ୱରେ ରହିବେ। ମୋର ଭକ୍ତମାନେ ପ୍ରଥମେ ଆପଣଙ୍କ ଦର୍ଶନ କରି ଆପଣଙ୍କ ଅନୁମତିପ୍ରାପ୍ତ ହେଲେ ମୋର ଦର୍ଶନ କରିପାରିବେ।' ଏ ବିଷୟରେ ନୀଳାମ୍ବର ଦାସ 'ଗୁଣ୍ଡିଚା ମଙ୍ଗଳ'ରେ ବର୍ଣ୍ଣନା କରିଛନ୍ତି- 'ଏହି ନବଦିନ ନୀଳାଚଳ ହେବ ଶୂନ୍ୟ, ନ ଗମିବେ ସେ ଠାବକୁ ମୋ ଭକତ ଜନ / ସବୁ ଦେବଦେବୀମାନେ ରଥରେ ଆସିବେ, କ୍ଷେତ୍ରପାଳ ଭଇରବ ମାତ୍ର ଜଗିଥିବେ।'

ତା'ପରେ 'କ୍ଷେତ୍ରପାଳ ମହାଦେବ' ଭିତର ବେଢ଼ାର ଦକ୍ଷିଣ ପାର୍ଶ୍ୱରେ ଏକ ମନ୍ଦିରରେ ବିରାଜମାନ କରୁଛନ୍ତି। ତାଙ୍କ ମନ୍ଦିରର ତୋରଣରେ ମହାଲକ୍ଷ୍ମୀ ବିରାଜମାନ କରୁଛନ୍ତି ଏବଂ ଜୟ ବିଜୟ ଦ୍ୱାରପାଳ ଦାୟିତ୍ୱରେ ଅଛନ୍ତି। କିନ୍ତୁ ଶିବଙ୍କର କ୍ରୋଧ ଏ ପର୍ଯ୍ୟନ୍ତ ପ୍ରଶମିତ ହୋଇନାହିଁ। ତେଣୁ ତାଙ୍କର ଧ୍ୟାନମନ୍ତ୍ରରେ ସେ ଉଗ୍ର, ଭୀଷଣ ଓ କ୍ରୂରଲୋଚନ ଭାବେ ବର୍ଣ୍ଣିତ ହୋଇଛନ୍ତି- 'କ୍ଷେତ୍ରପାଳ ନମସ୍ତେସ୍ତୁ ଭୀଷଣଂ କ୍ରୂର ଲୋଚନଂ, ତ୍ରିଶୂଳଂ ପାନପାତ୍ରଂଚ ଦଧାନମୁଗ୍ର ଭୈରବମ୍ / କ୍ଷେତ୍ର ଦର୍ଶନଂ ମେ ଦେହି ପାପଘ୍ନ ଚଣ୍ଡ ବିକ୍ରମ, ମହାପାପହରମୁଗ୍ରଂ ନମାମି କ୍ଷେତ୍ରରକ୍ଷକମ୍।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେଡିର ଅଭିଯୋଗ

# ମନମୋହନ ସାମଲ ଦେଇଛନ୍ତି ମିଥ୍ୟା ସତ୍ୟପାଠ

- ୨ଟି ସତ୍ୟପାଠରେ ପରସ୍ପର ବିରୋଧୀ ତଥ୍ୟ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ଦଳ

**ଭୁବନେଶ୍ୱର,୩।୬(ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ରାଜ୍ୟ ବାର କାଉନସିଲ ଓ ନିର୍ବାଚନ କମିସନଙ୍କୁ ଦେଇଥିବା ଅଲଗା ଅଲଗା ସତ୍ୟପାଠରେ ମିଥ୍ୟା ତଥ୍ୟ ଦେଇଛନ୍ତି । ମଙ୍ଗଳବାର ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି । ଗୋଟିଏ ରାଷ୍ଟ୍ରୀୟ ଦଳର ସଭାପତି ଭାବରେ କାର୍ଯ୍ୟ କରି ଆସୁଥିବା ଶ୍ରୀ ସାମଲଙ୍କ ମିଥ୍ୟା ସତ୍ୟପାଠ ତାଙ୍କ ନୀତି ଓ ନୈତିକତା ଉପରେ ପ୍ରଶ୍ନ ସୃଷ୍ଟି କରିଛି ବୋଲି ବିଜେଡି କହିଛି ।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା ବିଜେପି ସଭାପତିଙ୍କ ମିଥ୍ୟା ସତ୍ୟପାଠର ଖୁଲାସା କରିଥିଲେ । ଅଭିଯୋଗ କରିଥିଲେ ଯେ ୨୦୧୫ ମସିହାରେ ଶ୍ରୀ ସାମଲ ରାଜ୍ୟ ବାର କାଉନସିଲ ପାଖରେ ଦାଖଲ କରିଥିବା ସତ୍ୟପାଠରେ ୧୯୮୬ ମସିହାରୁ ସେ ଚାନ୍ଦବାଲି କୋର୍ଟରେ ଓକିଲାତି କରୁଛନ୍ତି ବୋଲି ଦର୍ଶାଇଛନ୍ତି । ଏହି ସତ୍ୟପାଠରେ ଶ୍ରୀ ସାମଲ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟ ମନ୍ତ୍ରିମଣ୍ଡଳରେ ଖାଦ୍ୟ ଯୋଗାଣ ଓ ରାଜସ୍ୱ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ବୋଲି ସୂଚନା ଦେଇନଥିଲେ । ସେହିପରି ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ନିର୍ବାଚନ କମିସନଙ୍କ ପାଖରେ ଦାଖଲ କରିଥିବା ସତ୍ୟପାଠରେ ଶ୍ରୀ ସାମଲ ଓକିଲାତି କରୁଛନ୍ତି ବୋଲି ଉଲ୍ଲେଖ କରିନାହାନ୍ତି । ଏହି ସତ୍ୟପାଠରେ, ସମାଜସେବା ତାଙ୍କର ପେସା ବୋଲି ଉଲ୍ଲେଖ କରିଛନ୍ତି । ଏସଂପର୍କ ।ରେ ଅଭିଯୋଗ ପାଇଲା ପରେ ରାଜ୍ୟ ବାର କାଉନସିଲ ଦ୍ୱାରା ଶ୍ରୀ ସାମଲଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏହି ଦୁଇ ସତ୍ୟପାଠକୁ ନେଇ ଡ. ମହାନ୍ତି କହିଛନ୍ତି ଯେ ଶ୍ରୀ ସାମଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ୨ଟି ଅଲଗା ଅଲଗା ସତ୍ୟପାଠରେ ସେ ତଥ୍ୟ ଲୁଚାଇଛନ୍ତି । ଏହାଛଡ଼ା ଗୋଟିଏ ସତ୍ୟପାଠରେ ଦିଆଯାଇଥିବା ତଥ୍ୟ ଅନ୍ୟ ସତ୍ୟପାଠର ତଥ୍ୟର ବିରୋଧାଭାଷ କରୁଛି । ତେଣୁ ଜଣେ ବରିଷ୍ଠ ରାଜନେତା ଭାବେ ତାଙ୍କର ଏହି କାର୍ଯ୍ୟ ତାଙ୍କର ନୀତି ଓ ନୈତିକତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି । ଶ୍ରୀ ସାମଲ କାରଣ ଦର୍ଶାଅ ନୋଟିସର ଉତ୍ତର ରଖିବା ସହିତ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟୀକରଣ ଦିଅନ୍ତୁ । ଏହି ବେନିୟମ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଡ. ମହାନ୍ତି କହିଛନ୍ତି ।

# କେନ୍ଦ୍ରୀୟ ଡେପୁଟେସନରେ ଯିବେ ଆଶିଷ ଠାକରେ

**ଭୁବନେଶ୍ୱର,୩।୬(ସମିସ):** ରାଜସ୍ୱ ବୋର୍ଡର ସଚିବ ଭାବେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ଆଶିଷ ଠାକରେ କେନ୍ଦ୍ରୀୟ ଡେପୁଟେସନରେ ଯିବେ । ଆଶିଷ ଠାକରେଙ୍କୁ ଭିନ୍ନକ୍ଷମ ଓ ସଶକ୍ତୀକରଣର ମନ୍ତ୍ରଣାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଛନ୍ତି କେନ୍ଦ୍ର ସରକାର । ୨୦୧୧ ବ୍ୟାଚର ଓଡ଼ିଶା କ୍ୟାଡର ଆଇଏଏସ ଅଧିକାରୀ ୫ ବର୍ଷ ଯାଏ ଏହି ଦାୟିତ୍ୱରେ ରହିବେ ବୋଲି ମଙ୍ଗଳବାର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି । ୩ ସପ୍ତାହ ମଧ୍ୟରେ ସେ କାର୍ଯ୍ୟରେ ଯୋଗ ଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଲିଖିତ ପତ୍ରରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି । ପୂର୍ବରୁ କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର ଆଦି ଜିଲ୍ଲାର ଜିଲ୍ଲାପାଳ ଭାବେ ଆଶିଷ ଠାକରେ କାର୍ଯ୍ୟ କରିସାରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ...

ଏଥିପାଇଁ ପ୍ରଶାସନିକ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ ଘଟୁଛି । ବିଶେଷ ଭାବରେ ନୀତିଗତ ନିଷ୍ପତ୍ତି ସମ୍ବନ୍ଧୀୟ ଫାଇଲ ଗୁଡ଼ିକ ମନ୍ତ୍ରୀ, ବିଭାଗୀୟ ସଚିବ ଏବଂ ନିର୍ଦ୍ଦେଶକସ୍ତରରେ ଅନେକ ସମୟ ଧରି ପଡ଼ିରହୁଛି । ଯାହାଫଳରେ ଯୋଜନାଗୁଡ଼ିକ କାର୍ଯ୍ୟକ୍ରମ ହେବାରେ ବିଳମ୍ବ ଘଟୁଛି । ଏଥିପାଇଁ ବଜେଟରେ ପ୍ରାବଧାନ କରାଯାଇଥିବା ଅର୍ଥ ମଧ୍ୟ ସଠିକ୍ ସମୟରେ ଏବଂ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁନଥିବା ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି । ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିବା ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଓସ୍ୱାସ ମାଧ୍ୟମରେ ପ୍ରଚଳନ ହେଉଥିବା ଫାଇଲ ଗୁଡ଼ିକ ବିଭାଗୀୟ ସଚିବମାନେ କଡ଼ାକଡ଼ି ଭାବେ କ୍ରମାଗତ ନିରୀକ୍ଷଣ ଏବଂ ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏସବୁ ଫାଇଲ ଗୁଡ଼ିକ ଉପରେ ଯଥାଶୀଘ୍ର ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବମାନେ ସୁନିଶ୍ଚିତ କରିବେ । ଏହି ନିର୍ଦ୍ଦେଶନାମାକୁ ସମସ୍ତ ବିଭାଗୀୟ ସଚିବ, ନିର୍ଦ୍ଦେଶକ, ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବ ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଏପରି ନିର୍ଦ୍ଦେଶନାମା ପରେ ପ୍ରଶାସନିକ ସ୍ତରରେ ଚାଲିଥିବା ଅସଙ୍ଗତି ଏବଂ ବିଶୃଙ୍ଖଳା ସ୍ପଷ୍ଟ ହୋଇ ଯାଇଛି । ପ୍ରଶାସନିକ ଅଧିକାରୀମାନେ ଶୃଙ୍ଖଳିତ ହେବାକୁ ମୁଖ୍ୟମନ୍ତ୍ରୀ ବାରମ୍ବାର ବିଭିନ୍ନ କାର୍ଯ୍ୟକ୍ରମ, ସଭାରେ କହୁଛନ୍ତି । ଏହାସତ୍ତ୍ୱେ ସରକାରୀ ଫାଇଲ ପରିଚାଳନାରେ ବିଳମ୍ବ ହୋଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ କ୍ଷୋଭ ପରେ ମୁଖ୍ୟ ସଚିବ ମଧ୍ୟ ବିଭିନ୍ନ ବିଭାଗର ସଚିବ ଓ ଅଧିକାରୀଙ୍କ ଉପରେ ନିଜର ଅସନ୍ତୋଷ ଝାଡ଼ିଛନ୍ତି । ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନରେ ବିଳମ୍ବକୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି ଚରମବାଣୀ ଶୁଣାଇଛନ୍ତି । ମାତ୍ର କେଉଁସ୍ତରରେ ଓ କେଉଁ କାରଣରୁ ଫାଇଲ୍ ଅଟକି ରହୁଛି, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ବିଳମ୍ବିତ ହେଉଛି, ସେ ସମ୍ପର୍କରେ କେବେ ତର୍ଜମା କରାଯିବ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ ।

### ପାଇଖାନା ଟାଙ୍କିରେ...

ଚାଲିଥିଲା । ଏହି ଟାଙ୍କି ଉପରେ ଛାତ ବା ସ୍ଲାବ୍ ପଡ଼ିଥିଲା । ଏହି ସ୍ଲାବର ଫଲ୍ସ କାଢ଼ିବାକୁ ଆଜି ସକାଳେ ଦୁଇ ଜଣ ଶ୍ରମିକ ସନ୍ତୁ ଏବଂ ଅମିର ଟାଙ୍କି ଭିତରକୁ ପଶିଥିଲେ । ସେମାନେ ଫଲ୍ସ କାଢିବା ବେଳେ ତାଙ୍କ ଉପରେ ଫଲ୍ସ ଖସି ପଡ଼ିଥିଲା । ଫଳରେ ଦୁଇ ଜଣ ଟାଙ୍କି ଭିତରେ ଚାପି ହୋଇଯାଇଥିଲେ । ସେମାନଙ୍କୁ ଉଦ୍ଧାର କରିବାକୁ ଯାଇଥି।ଲେ ତ୍ରିଲୋଚନ ଓ ଲାଲୁ ରଣା । ସେମାନେ ଭିତରକୁ ପଶିବା ମାତ୍ରେ ଅଚେତ ହୋଇପଡ଼ିଥିଲେ । ସେମାନେ ବାହାରକୁ ନଆସିବାରୁ ଲୋକେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଦମକଳ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଘଟଣା ସ୍ଥଳରେ ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ମଧ୍ୟ ପହଞ୍ଚିଥିଲେ । ସମସ୍ତ ଚାରି ଜଣଙ୍କୁ ଉଦ୍ଧାର କରି ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ମୃତକ ୪ଜଣ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ଦେବାକୁ ଘୋଷଣା କରିଛନ୍ତି ।

### ଦାଗୀ ସଂସ୍ଥାକୁ...

ଅନୁରୂପ ଭାବରେ ଗତ ୧୦ ବର୍ଷ ମଧ୍ୟରେ ଅନ୍ୟୂନ ୨୦୦ କୋଟି ଟଙ୍କାର କାର୍ଯ୍ୟ କରିଥିବା ସଂସ୍ଥାକୁ ଏଥିପାଇଁ ଯୋଗ୍ୟ ବିବେଚିତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲେ ହେଁ ଏହାର ମୂଲ୍ୟାୟନ ପାଇଁ ଉଭୟ କ୍ଷେତ୍ରରେ ଭିନ୍ନଭିନ୍ନ ନମ୍ବର ପ୍ରଦାନ ସନ୍ଦେହ ସୃଷ୍ଟି କରିଛି । ଅନୁରୂପ ଭାବରେ ଟେଣ୍ଡରର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଟେକ୍‌ନିକାଲ ପ୍ରପୋଜାଲରେ ଠିକାସଂସ୍ଥାର 'ପ୍ରେଜେଣ୍ଟେସନ' ପାରାମିଟର ବା ସର୍ତ୍ତରେ ଅଫଲାଇନରେ ୩୫ ନମ୍ବର ଦିଆଯିବା ବ୍ୟବସ୍ଥା ଥିବାବେଳେ ଅନଲାଇନ୍‌ରେ ୪୫ ନମ୍ବର ପ୍ରଦାନ ପାଇଁ ବିଜ୍ଞପ୍ତିକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ଉଠାଇଛି । ଗୋଟିଏ ଟେଣ୍ଡର ପାଇଁ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଭିନ୍ନଭିନ୍ନ ସର୍ତ୍ତ ସମ୍ବଳିତ ବିଜ୍ଞପ୍ତି କାହିଁକି ପ୍ରକାଶ କରାଯାଇଛି ସେ ସମ୍ପର୍କରେ କୌଣସି ଉତ୍ତର ମିଳୁନାହିଁ ।

ଅନ୍ୟପକ୍ଷରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଏହି ପ୍ରସ୍ତାବିତ ପ୍ରକଳ୍ପର ଠିକା ସମ୍ପ୍ରତି ଏକ ଦାଗୀ ସଂସ୍ଥାକୁ ଦିଆଯାଇଥିବା ଏବେ ଅଭିଯୋଗ ହୋଇଛି । ଯେଉଁ ସଂସ୍ଥା ସବୁଠାରୁ କମ୍ ଅର୍ଥରାଶି ସହ ଆବେଦନ କରିଥିଲା ତାକୁ ବାଦ ଦେଇ ୨% ଅଧିକ ମୂଲ୍ୟରେ ଟେଣ୍ଡର ପକାଇଥିବା ଏକ ସଂସ୍ଥାକୁ ପ୍ରକଳ୍ପ କାର୍ଯ୍ୟ ପ୍ରଦାନ ପାଇଁ ମନୋନୀତ କରାଯାଇଛି । ପୂର୍ବରୁ ଏହି ସଂସ୍ଥା ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ୪ଟି ଛାତ୍ରାବାସ ନିର୍ମାଣ ପାଇଁ ଠିକା ନେଇଥିବାବେଳେ ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଥିଲା ଏବଂ ସଂପୃକ୍ତ ସଂସ୍ଥାର ଅଧିକାରୀମାନେ ନିମ୍ନମାନର କାର୍ଯ୍ୟ କରି ସରକାରୀ ପାଣ୍ଠି ଆତ୍ମସାତ କରିଥିବା ନେଇ ଗତ ୨୦୨୩ ସେପ୍ଟେମ୍ବର ୫ ତାରିଖରେ କଟକ ଭିଜିଲାନ୍ସ ଏସ୍‌ପି ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କୁ ଅବଗତ କରିଥିଲେ । ପୂର୍ବରୁ ଯେଉଁ ଠିକା ସଂସ୍ଥା ଓଡ଼ିଶାରେ ନିମ୍ନମାନର କାର୍ଯ୍ୟ କରି ନିନ୍ଦିତ ହୋଇଛି, ସେହି ସଂସ୍ଥାକୁ କିପରି ଏହି ପ୍ରକଳ୍ପରେ ସୁଯୋଗ ମିଳିଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି । ଏ ସମ୍ପର୍କରେ ସିଡ଼ିଏ ଉପାଧ୍ୟକ୍ଷ ତଥା ବୈଷୟିକ କମିଟି ସଦସ୍ୟ ଅନାମ ଚରଣ ପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲା । ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍ ଟେଣ୍ଡର ବିଜ୍ଞପ୍ତିରେ ବିଚ୍ୟୁତି, ପୂର୍ବରୁ ନିନ୍ଦିତ ହୋଇଥିବା ଠିକା ସଂସ୍ଥାକୁ ପ୍ରକଳ୍ପ ପ୍ରଦାନ ସମ୍ପର୍କରେ ତାଙ୍କର ମତାମତ ଲୋଡ଼ା ଯାଇଥିଲା । ସେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି ଓ ଏ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ତାଙ୍କର ମତ ଦେବେ ବୋଲି କହିଛନ୍ତି ।

### ଗୋଦାମ ମାଲିକ...

ବଣ୍ଡଲ ତାର, ୩୦୨ଟି ମେଗା ପ୍ରାଇମ୍ ପ୍ୟାକେଟ ଓ ୨ଟି ମୋବାଇଲ ଜବତ କରାଯାଇଛି ।

ଗତ ୧ ତାରିଖରେ ଉକ୍ତ ପେଟ୍ରୋଲ ପମ୍ପଠାରେ ଦୁଇଟି ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ଗାଡ଼ି ପାର୍କିଂ ହୋଇଥିବା ଇନ୍ସପେକ୍ଟର୍ ରାଜେନ୍ଦ୍ର ସ୍ୱାଇଁଙ୍କୁ ସୂଚନା ମିଳିଥିଲା । ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର୍ ରାଜେନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଇତିଶ୍ରୀ ବେହେରା ନିଜ ଟିମ୍ ସହ ସେଠାରେ ଚଢ଼ଉ କରିଥିଲେ । ଅଧିକ ଯାଞ୍ଚ ପରେ ଆବଶ୍ୟକ କାଗଜପତ୍ର ନଥିବା ଜଣାପଡ଼ିଥିଲା । ପରେ ୨ଟି ବିସ୍ଫୋରକ ବୋଝେଇ ଭ୍ୟାନ୍‌କୁ ଜବତ କରି ଥାନାକୁ ଆଣି ଅଧିକ ତଦନ୍ତ ଜାରି ରଖିଥିଲେ ।

ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ୩୦ରୁ ୪୦ଜଣ ସଶସ୍ତ୍ର ମାଓବାଦୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ଷ୍ଟୋନ କ୍ୱାରୀ ନିକଟରୁ ୫ଟନ୍ ବୋଝେଇ ଥିବା ଏକ ମିନି ଟ୍ରକ୍‌କୁ ଲୁଟ କରିଥିଲେ । ଏହି ଘଟଣା ଓଡ଼ିଶା ଓ ଝାଡ଼ଖଣ୍ଡ ଉଭୟ ରାଜ୍ୟ ପୁଲିସ୍ ପାଇଁ ଚିନ୍ତାର ବିଷୟ ପାଲଟିଥିଲା । ପରେ ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁସ୍ଥିତ ଇତମାରେ ଥିବା ଶ୍ରବଣ ଅଗ୍ରୱାଲଙ୍କ ଲାଇସେନ୍ସପ୍ରାପ୍ତ ବିସ୍ଫୋରକ ଗୋଦାମକୁ ସିଲ୍ କରାଯାଇଥିଲା । ଏହା ସତ୍ତ୍ୱେ ରବିବାର ଉକ୍ତ ଗୋଦାମର ବିପୁଳ ବିସ୍ଫୋରକ ଭର୍ତ୍ତି ଦୁଇଟି ଭ୍ୟାନ ଆସିବା ସମସ୍ତଙ୍କୁ ଚକିତ କରିଛି ।

ଅପରପକ୍ଷେ, ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ସରଣ୍ଡା ଜଙ୍ଗଲସ୍ଥିତ ବାଙ୍କୋ ଷ୍ଟୋନ୍ କ୍ୱାରୀ ନିକଟରୁ ଗତ ୨୭ ତାରିଖ ରାତିରେ ସଶସ୍ତ୍ର ମାଓବାଦୀଙ୍କ ଦ୍ୱାରା ଲୁଟ୍ ହୋଇଥିବା ୫ଟନ୍ ବିସ୍ଫୋରକ ସାମଗ୍ରୀ ମଧ୍ୟରୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଜରେଇକେଲା ଥାନା ଅନ୍ତର୍ଗତ ସରଣ୍ଡା ଜଙ୍ଗଲ ଭିତରେ ମାଟି ତଳୁ ଅଢ଼େଇ ଟନ୍‌ରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀ ଜବତ କରିଛନ୍ତି । ରାଉରକେଲା ପୁଲିସ ଦ୍ୱାରା କରାଯାଥିବା ଡ୍ରୋନ୍ ସର୍ଭେରୁ ହିଁ ପୁଲିସକୁ ଏହି ସଫଳତା ମିଳିଥିବା କୁହାଯାଉଛି । ସରଣ୍ଡା ଜଙ୍ଗଲ ଅନ୍ତର୍ଗତ ତିରିଲପୋଷି, ଥଲକୋବାଦ, ଜରେଇକେଲା ଅଞ୍ଚଳରେ ରାଉରକେଲା ପୁଲିସର ଏସ୍‌ଓଜି, ଡିଭିଏଫ୍ ସହ ଝାଡ଼ଖଣ୍ଡ ପୁଲିସ ସିଆର୍‌ପିଏଫ୍, କୋବ୍ରା ବାହିନୀ, ଝାଡ଼ଖଣ୍ଡ ଜାଗୁଆର ଆଦି ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ୍ ଏବଂ କମ୍ବିଂ ଅପରେସନ ଜାରି ରହିଥିବା ଜଣାପଡ଼ିଛି ।

### ପୁଣି ୧୫ ଟନ୍...

ପ୍ୟାକେଟ ଅର୍ଥାତ୍ ୧୫ ଟନ ବିସ୍ଫୋରକ ଏବଂ ୧୯୮ ଟି ପ୍ୟାକେଟ ରେ ୩ ଲକ୍ଷ ମିଟର ତାର ରହିଥିବା ସୂଚନା ମିଳିଛି । ଆଜି ବଡ଼ଗାଁସ୍ଥିତ ଇତମା ବାରୁଦ ଗୋଦାମଠାରେ ଏହି ବିସ୍ଫୋରକ ବୋଝେଇ ଟ୍ରକ ପହଞ୍ଚିବା ପରେ ଟ୍ରକର ଚାଳକ ଜୟ ସୁରେଶ ସବୁ ଗୋଦାମଗୃହ ସିଲ୍‌ଥିବା ଏବଂ କେହି କର୍ମଚାରୀ ସେଠାରେ ନଥିବା ଦେଖିବାକୁ ପାଇଥିଲା । ଏହି ଖବର ପାଇ ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ବଡଗାଁ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ କାଗଜପତ୍ର ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି । ଏ ବିଷୟରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ କହିଛନ୍ତି ଯେ ହାଇଦ୍ରାବାଦରୁ ଆସିଥିବା ୧୫ଟନ୍ ବିସ୍ଫୋରକ ସାମଗ୍ରୀର କାଗଜପତ୍ର ଯାଞ୍ଚ ଚାଲିଛି । ଏନେଇ ବଡ଼ଗାଁ ଥାନା ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି ।


Office of the Principal, GVHSS

**Salandi Higher Secondary School**

Uttarabahini, Po- Garadapur, Dist- Bhadrak, Pin- 756181

Email ID- salandi.principal@gmail.com, Mob- 9439444122

**WANTED GUEST FACULTY**

A Walk in interview shall be held on **Date 17.06.2025 (Tuesday)** for a **Guest Faculty in SPEFL at 10:00 am** in the office to engage for the session 2025-26. Eligible candidates may attend the interview with all original and Xerox copies of certificates. The undersigned reserves the right to cancel part or whole of the interview without assigning any reason thereof. No TA/DA is admissible for attending the interview.

**Qualification:–** MPEd. (Post Graduation in Physical Education from a recognised institution / University with at least 1 year work/teaching experience.)

**Sd/- Principal, GVHSS**
Salandi Higher Secondary School,
Uttarabahini, Bhadrak

**OFFICE OF THE SHRADHAPUR SERVICE CO-OPERATIVE SOCIETY LTD.**

At/Po - Shradhapur, P.S - Bhograi, Via - Fulabani, Dist. - Balasore - 756037

**RECRUITMENT TO THE POST OF ASSISTANT SECRETARY OF SHRADHAPUR SCS LTD.**

**APPOINTMENT NOTICE**

Advertisement No: 01 — Date: 02.06.2025

Applications are invited from eligible candidates for one post of Assistant Secretary of Shradhapur SCS Ltd., Shradhapur as per the following criteria:Scale of Pay: ₹4440/- to ₹7440/- with Grade Pay ₹1650/- per month (DA and other allowances admissible subject to financial condition of the Society)Eligibility: Candidates must belong to the area of operation of Shradhapur SCS Ltd. (including Shradhapur, Sarabani, Kanyanagari, Praharajpur, Napharai, Kismat Napharai, Khadibil, Palasia, Bichitrapur, Ranasingpur, Kanthibhauri, Badapahi, Phulabani, Hadigochhia, Chakanafarai, Chakasarabani, Krushnanagar). If no suitable candidate is found, the scope extends to Bhograi block and then to Balasore district.Qualification: Minimum +2 in any discipline. Computer knowledge is mandatory, and candidates must hold a diploma/degree in computer application. Preference will be given to those with additional qualifications (e.g., B.A., B.Com., M.A., M.Sc., M.B.A., etc.).Mode of Selection: Based on academic career on a 100-point scale, primarily considering marks in H.S.C./+2 exams. Extra points for higher qualifications. Age: Must be between 21 and 38 years as of 01.01.2025. Upper age relaxation: SC/ST/OBC/SEBC/Ex-Serviceman: 43 years Co-operative Society employees: 48 years Application Details: Form Availability: From 05.06.2025 at Shradhapur SCS office for ₹500/- Submission Deadline : By 19.06.2025, between 10:00 AM to 4:00 PM (working days only).

Note: The authority reserves the right to cancel any or all applications without assigning any reason.

**Sd/-President,**
**Shradhapur SCS-Cum-Chairman,**
**Appointment Committee**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit sl. no.39, dtd. 27.05.2025 in the court of the Executive Magistrate, Nandapur, I, Lalita Hinjarada have changed my dauther's name from Amrita Injarda to Amrita Hinjarada. Henceforth she will be known as **Amrita Hinjarada** instead of Amrita Injarda for all purposes.
Sd/- Lalita Hinjarada

**AFFIDAVIT**

I Salony Samantsinghar, age- 47 resident of Plot No- 94 Budheswari Colony, PO: Budheswari Colony, PS: Laxmisagar, Bhubaneswar, 751006, District: Khordha, Odisha, declare by this Affidavit No- 15 AA 381931 dated - 29/05/2025 that now onwards my minor son Shreyaan shall be known as **Shreyaan Bal** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Adhikari Barik, Plot No. 498, Vill/Po- Patrapada, PS- Khandagiri, Bhubaneswar, Dist.- Khordha hereby declare that Adhikari Barik (New Name) & Prafula Barik (Old name) is one and the same person i.e.. That I shall be known as Adhikari Barik all purposes.
Sd/- Adhikari Barik

**AFFIDAVIT**

By virtue of an affidavit sworn before the Executive Magistrate, Gop, CF No: 2237/2 dated 31/05/2025, I DIPAK BARIK, S/o Amareswar Barik resident of Village At - Sorabha, Po- Sorabha, Ps- Gop, Dist- Puri, Odisha Pin- 752107 declare that I have changed my minor daughter name from **Priti Pragnya Barik** to **Pritiprajna Barik**. Henceforth, she shall be known as **PRITIPRAJNA BARIK** for all purposes.
Sd- Dipak Barik

**AFFIDAVIT**

I Sri Ajay Kumar Sahu S/O Late Binod Bihari Sahu my residential address AT- Nadpur, PO- Nuagaon, P.S –Baisinga, Dist. –Mayurbhanj, Odisha, Pin- 757025. I swear this affidavit is to be produced before the Notary Public Betnoti Affidavit No. 02 date-27.10.2023. My daughter name wrongly type from Shuvalaxmi Sahu to Subhalaxmi Sahu . That, the correct name of my daughter is "Shuvalaxmi Sahu" for all future purpose.
(Ajay Kumar Sahu)

**AFFIDAVIT**

By virtue of an affidavit dtd- 03/06/2025, C.F No-02 before Executive Magistrate, Bhubaneswar, I Tuna Maharana, S/o- Prabhat Maharana, At- Nilachakra Nagar, Jaydev vihar, P.O-RRL, P.S-Nayapalli, Bhubaneswar, Dist- Khordha, Pin-751013. Wrong date of Birth- 20/02/2000. That now onwards, I shall be known as **SUBHAM MAHARANA** and The original date of Birth is **21/10/2006** for all future purposes.

**AFFIDAVIT**

By virtue of an affidavit in the court of the Executive Magistrate, Jajpur DTD 03.02.2025 no 938. That my son name is Janmejaya Kandi as recorded in HSC certificate and birth certificate and Mahesh Kumar Kandi as recorded in Aadhar card. Hence declared both Janmejay and Mahesh is one and same person and My son will be known as **Janmejay Kandi** in all purposes.
Sd/- Mahendra kandi

**AFFIDAVIT**

By virtue of an affidavit sl. no.5, dtd. 03.06.2025 in the court of the Executive Magistrate, Keonjhar,I, Rebati Naik have changed my minor son's name from Program Naik to Prittam Naik. Henceforth he will be known as Prittam Naik instead of Program Naik for all purposes.
Sd/- Rebati Naik

**AFFIDAVIT**

I, LAXMI MIRDHA, Resident of Bhalulata, PO: Indrapur, PS: Raiboga, DISTRICT: Sundergarh do hereby change my name from LAKSHAMANI GANJHU to LAXMI MIRDHA with immediate effect vide affidavit dated 18/03/2025 sworn before Executive Magistrate, Panposh.

**AFFIDAVIT**

I, Golap Sundari Sahu, W/o Prabhat Kumar Sahu, resident of At- Purunahatsahi, Ward no-06, Po- Baripada, Ps- Baripada Town, Dist- Mayurbhanj, Pin-757001, Odisha, declare by this dtd. 03/06/2025 affidavit no.2/12 that now onwards Arati Sahu shall be known as Golap Sundari Sahu for all future purposes.

**NOTICE**

By virtue of an affidavit sworn before notary public, Nimapara, dated 23/05/2025, I Jitendra kumar khojee, At- Kothakusanga, Po- Bakugram, Ps- Balanga, Pin- 752105 declare that, I have changed the name of my Daughter from Simran Khoji to Riya Khoji. Henceforth, She shall be known as Riya Khoji for all purposes.
**Jitendra kumar Khojee**

**NOTICE**

By virtue of an affidavit sworn before notary public, Nimapara, dated 23/05/2025, I Jitendra kumar khojee, At- Kothakusanga, Po- Bakugram, Ps- Balanga, Pin- 752105 declare that, I have changed the name of my son from Imran Khoji to Devraj Khoji. Henceforth, he shall be known as Devraj Khoji for all purposes.
**Jitendra kumar Khojee**

**NOTICE**

By virtue of an affidavit sworn before The Notary Public, Udala, Mayurbhanj, dated 03-06-2025, I, Shankha Hansdah, Address Village- Dahanibuda, PO.- Silaghati, PS.- Khunta, Dist- Mayurbhanj, Odisha, Pin- 757019 declare that I have changed my Daughter's name from Fulamani Hansdha to Fulamani Hansdah. Henceforth, she shall be known as **Fulamani Hansdah** for all purposes.
**Shankha Hansdah**

**Notice (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 27-05-2025 I, Panamani Hansdah, Address At- Gayalamara, P.O.- Gayalamara, P.S.- Khunta, Dist- Mayurbhanj, Odisha, Pin Code – 757104, declare that I have changed the name of my son from **Rituraj Hansdah** to **Sanat Bir Hansdah**. Henceforth he shall be known as **Sanat Bir Hansdah** for all purposes.
**Panamani Hansdah**

**ହଜି ଯାଇଥିବା କବଲା ପାଇଁ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ମୁଁ **ଶ୍ରୀ ପ୍ରହଲ୍ଲାଦ ବେହେରା,** ପିତା- ପ୍ରଫୁଲ୍ଲ ବେହେରା ଗ୍ରାମ- ଗୋପିନାଥପୁର ପୋ-ଆଙ୍ଗୁଲା, ଥାନା-ଅନୁଗୋଳ ଜି-ଅନୁଗୋଳ ତା ୧୫.୦୨.୨୦୨୫ ଦିନରେ ଅନୁଗୋଳ ବଜାର ଠାରୁ ଘରକୁ ଫେରିବା ବାଟରେ ମୋର ଦଲିଲ୍ ଯାହାର ନଂ-୧୦୦୧୧୬୦୧୬୩୪ ଏହି ଦଲିଲଟି ମୋର ନାମରେ (ପ୍ରହଲ୍ଲାଦ ବେହେରା) ଉତ୍କଳ ସାହୁ ୱେରେ ଦ୍ୱାରା ରେଜେଷ୍ଟ୍ରି ହୋଇଥିଲା । ଏହି ଦଲିଲଟି ରାସ୍ତାରେ କୌଣସି ସ୍ଥାନରେ ପଡ଼ିଯାଇଅଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ତେବେ ମୋତେ ନିମ୍ନଲିଖିତ ଠିକଣାରେ ଏହି ବିଜ୍ଞାପନ ବାହାରିବାର ୭ ଦିନ ଭିତରେ ଯୋଗାଯୋଗ କରି ମୋତେ ଉକ୍ତ ଦଲିଲକୁ ଫେରାଇବାର ବନ୍ଦୋବସ୍ତ କରିବାପାଇଁ ଅନୁରୋଧ। ଏହି ଦଲିଲଟିକୁ ଆମ୍ଭେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଅନୁଗୋଳ ଶାଖା ପାଖରେ ବନ୍ଧକ ରଖି ଋଣକରିବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ଏହି ବିଜ୍ଞାପନ ବାହାରିବାର ୭ ଦିନ ପରେ କୌଣସି ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଏ ତାହାହେଲେ ତାହାର କୌଣସି ମୂଲ୍ୟ ରହିବ ନାହିଁ ଏବଂ କୌଣସି ବ୍ୟକ୍ତି ଏହି ଦଲିଲକୁ ପାଇ ତାହାର ଦୁରୁପଯୋଗ କରିନ୍ତି ତେବେ ଆମ୍ଭେ କିମ୍ବା ବ୍ୟାଙ୍କ ତାହାପାଇଁ ଦାୟୀ ରହିବେ ନାହିଁ ଏବଂ ଏହା ଗୋଟିଏ ଦଣ୍ଡନୀୟ ଅପରାଧ ଅଟେ।

**ସମ୍ପତ୍ତିର ସୂଚୀ:**
ଜିଲ୍ଲା- ଅନୁଗୋଳ, ତହସିଲ-ଅନୁଗୋଳ, ମୌଜା-ଗୋପିନାଥପୁର, ଦଲିଲ ଅନୁଯାୟୀ ଖାତା ନଂ-୨୭୩, ପ୍ଲଟ୍ ନଂ-୧୬୭

**ଯୋଗାଯୋଗ ଠିକଣା-:**
ଅକ୍ଷୟ କୁମାର ବେହେରା (ଆଡଭୋକେଟ)
ମୋବାଇଲ୍ ନଂ-୭୦୦୮୯୩୭୬୭୮

**AFFIDAVIT**

I, Saroj Kumar Bhoi, aged about 42 years, S/o-chatranand Bhoi, resident of At- Kechh-obahal, Chichinda, Dist- Jharsuguda, Pin- 768216, Odisha declare by this affidavit No. 1123, dtd. 03/06/2025 that now onwards I shall be known as **SAROJ BHOI** for all future purposes.

**AFFIDAVIT**

I, Satchida Nanda Swain, aged about 72 years, S/o- Late Kulamani Swain, resident of At- Paschimakachha, Diha Sahi, Po- Bahugram, Ps- Jagatpur, Dist- Cuttack, Odisha, Pin- 754200, declare by this affidavit No. 1124, dtd. 03/06/2025, that now onwards I shall be known as **SACHIDANANDA SWAIN** for all future purposes.

**AFFIDAVIT**

I, Sourav Baksi, aged about 30 years, S/o- Pradipta Kumar Baksi, resident of ICICI Bank, Po- Sundargarh, PS- Town, Dist- Sundargarh, Pin-770001, Odisha declared by this affidavit No. 2254, dtd- 02/06/2025 that now onwards I shall be known as **SOURAV BAKSHI** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Titilagarh, dated- 27/02/2025. I, **Babi Padhan,** Address: At- Nanajhar, P.O. Manigaon, P.S. Titilagarh, Dist. Bolangir, (Odisha) declare that I have changed my name from **Baby Jani To Babi Padhan.** Henceforth, I shall be known as **Babi Padhan** for all purposes.
**BABI PADHAN**

**AFFIDAVIT**

I, Abhilipsa, aged about 44 years, W/o- Pradeep Kumar Sahoo, resident of At- Purusottampur, Po/Ps- Khaira, Dist- Balasore, PIN- 756048, Odisha declared by this affidavit No. 473, dtd- 30/05/2025 that now onwards I shall be known as **ABHILIPSA SAHOO** for all future purposes.

**AFFIDAVIT**

I, Bishnu Prasad Sahoo, aged about 71 years, S/o- Baidyanath Sahoo, resident of At- Purusottampur, Po/Ps- Khaira, Dist- Balasore, PIN- 756048, Odisha declared by this affidavit No. 474, dtd- 30/05/2025 that now onwards I shall be known as **BISHNU PADA SAHOO** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, affidavit No. 134, on dated 02/06/2025, I **Ashwini Kumar Narula,** S/o- Late Amar Nath Narula, resident of Plot No. 2132/5037, Lewis Road, Bhubaneswar, PIN- 751002, Dist- Khordha. I want to changed my name from **Ashwani Kumar Narula To Ashwini Kumar Narula.** Henceforth, I will be known as **Ashwini Kumar Narula** for all purposes.
**Ashwini Kumar Narula**

**AFFIDAVIT**

I, Mohammed Sabir Khan, S/o- Mohammed Salik Khan, resident of Suleipur, PO- Motiganj, Dist- Balasore, PIN- 756003, Odisha declared by this affidavit No. 1121, dtd- 03/06/2025 that now onwards I shall be known as **MD SABIR KHAN** for all future purposes.

**NOTICE**

It is hereby notice that Mr. Himansu Sekhar Mangaraj, partner of M/S Ishanakon Properties and Infrastructure Development bearing registration no. 1320202300047 and it's office address is At- Panasia, Po- F.C Plant, Dist- Jajpur, Pin- 755020, Odisha has been resigned and Mr. Sushanta Kumar Sahoo has joined as a new partner of the firm.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 02/06/2025. I, **Pandit Bag** (Applicant name), Son of Prabhakara Bag, permanent resident of At- Dunguriguda, P.O- Adabahal, P.S- Sindhekela, Dist- Bolangir, (Odisha), PIN- 767066 now residing at the same place affirm that I have changed my minor Son name from **Iswari Bag** (old name) To **Iswar Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Iswar Bag** (new name).
**PANDIT BAG**

# ଦେବ ଦମ୍ପତି ବିବାହ ସମ୍ପନ୍ନ

**ବନ୍ତ/ଆଗରପଡ଼ା, ୩।୬(ସମିସ):** ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତ ମଙ୍ଗୁଳି ଗ୍ରାମରେ ମଙ୍ଗଳେଶ୍ୱର ପୀଠରେ ଦେବ ଦମ୍ପତି ବିବାହ ସମ୍ପନ୍ନ ହୋଇଯାଇଛି। ଏହି ବିବାହ



ଉତ୍ସବରେ ପୁରୋହିତ ତଥା ମନ୍ଦିର ପୂଜକ ଅନନ୍ତ ଦାଶ ଓ ହରିହର ପାଣିଗ୍ରାହୀ ଲମ୍ବୋଦର ପତି ଭଗବାନ ପତି କାର୍ଯ୍ୟ ତୁଲାଇଥିଲେ। ବରପିତା ଲକ୍ଷ୍ମୀଧର ଜେନା ମାତା ଶାନ୍ତିଲତା ଜେନା କନ୍ୟା ପିତା ରଘୁନାଥ ଦାସ, ମାତା ଲକ୍ଷ୍ମୀପ୍ରିୟା ଦାସ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପ୍ରାରମ୍ଭରେ ବର ପକ୍ଷରୁ ବାଜା ବାଣ ରୋଷଣୀରେ ଗ୍ରାମ ବଜାର ପରିକ୍ରମା ପୂର୍ବକ ମନ୍ଦିରକୁ ଆସିଥିଲେ। ମଙ୍ଗଳପାକ, ବରା ନୁଗମାନ ଓ ପାଣିଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରାନୁଗମନ କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ସାମିଲ ଥିଲେ। ଉକ୍ତ ଦେବ ଦମ୍ପତି ବିବାହ ସମ୍ପନ୍ନ କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

# ଅନ୍ଧାରରେ ଅଧା ଆଗରପଡ଼ା

**ବନ୍ତ/ଆଗରପଡ଼ା, ୩।୬(ସମିସ):** ସୋମବାର ସକାଳ ୭ଟାରୁ ମଙ୍ଗଳବାର ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଆଗରପଡ଼ାସ୍ଥିତ କୁଆଁଶମଢ଼ିଆ ଛକ ଟ୍ରାନ୍ସଫର୍ମର ଉପରେ ନିର୍ଭର କରୁଥିବା ଉପଭୋକ୍ତାମାନେ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ହୋଇଥିଲେ ବୋଲି ଅଭିଯୋଗ ହେଉଛି। ଅନଭିଜ୍ଞ କର୍ମଚାରୀମାନେ ଦିନରାତି ଚେଷ୍ଟା କରି ମଧ୍ୟ ସମସ୍ୟା ଧରିବାରେ ବିଫଳ ହୋଇଥିଲେ। ଶେଷରେ ୩୩କେଭି ଲାଇନକୁ କାଟି କେବୁଲ ବଦଳାଇବା ପରେ ବିଦ୍ୟୁତ ସେବା ମିଳିଥିଲା। ଏହି ୩୩କେଭି ଲାଇନ କାଟିବା ଫଳରେ ସମଗ୍ର ଅଞ୍ଚଳବାସୀ ଏହି ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ପ୍ରବଳ ଗରମ ସହ ଗୁଳୁଗୁଳି ଅନୁଭୂତ ସମୟରେ ବିଦ୍ୟୁତ କଟିବା ଲୋକମାନଙ୍କ ପାଇଁ ଅସହ୍ୟ ହୋଇ ପଡ଼ିଥିଲା। ଏହି ଟ୍ରାନ୍ସଫର୍ମରରୁ ଅଧିକାଂଶ ବ୍ୟବସାୟୀମାନଙ୍କୁ ବିଦ୍ୟୁତ ସଂଯୋଗ ଦିଆ ଯାଇଛି।

# ମନରେଗା ଅଧିକାରୀଙ୍କୁ ୬ ମାସ ହେବ ମିଳୁନି ଦରମା

**ଦଶରଥପୁର, ୩।୬(ସମିସ):** ବ୍ଲକର ଉନ୍ନୟନମୂଳକ କାମ କରୁଥିବା ମନରେଗା ଅଧିକାରୀଙ୍କୁ ମିଳୁନି ଦରମା ଟଙ୍କା। ମାସେ ନୁହେଁ କି ଦୁଇମାସ ନୁହେଁ ଗତ ଜାନୁୟାରୀରୁ ୬ ମାସ ହେବ ସରକାର ଦେଉନାହାନ୍ତି ଟଙ୍କା। ଏଣୁ ଅଧିକାରୀଙ୍କ ପରିବାର ପୋଷଣ କରିବା ଖୁବ କଷ୍ଟକର ହୋଇପଡ଼ିଲାଣି। ସୂଚନାନୁଯାୟୀ, ମନରେଗା ବିଭାଗର ଏପିଓ, ଏସିପି, ମନରେଗା ଆସିଷ୍ଟାଣ୍ଟ ଓ ଡିଇଓ ଆଦି ଅଧିକାରୀଙ୍କୁ ମିଳୁନାହିଁ ଦରମା ଟଙ୍କା। ଖାଲି ଦଶରଥପୁର ବ୍ଲକ ନୁହେଁ ସମଗ୍ର ରାଜ୍ୟରେ ଏହି ଅଧିକାରୀମାନଙ୍କୁ ମିଳୁନାହିଁ ଦରମା। ଏଣୁ ଆସନ୍ତା ୮ ତାରିଖ ଦିନ ସଂଘ ପକ୍ଷରୁ ବୈଠକ ଡକାଯାଇଥିବା ବେଳେ ତୁରନ୍ତ ସରକାର ଏହାର ପ୍ରତିକାର ନକଲେ କାର୍ଯ୍ୟ ବନ୍ଦ କରାଯିବାର ଆଭାସ ମିଳୁଛି। ଫଳରେ ବ୍ଲକ ଅଞ୍ଚଳରେ ହେଉଥିବା ବହୁତ ଉନ୍ନୟନ ମୂଳକ କାର୍ଯ୍ୟ ଠପ ହୋଇଯିବ। ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ଶିକ୍ଷାବିତ୍ ସିଦ୍ଧେଶ୍ୱର ପଣ୍ଡାଙ୍କୁ ସମ୍ବର୍ଦ୍ଧନା



**ବନ୍ତ/ଆଗରପଡ଼ା, ୩।୬(ସମିସ):** ସିଳନ୍ଦୀ କାହ୍ନୁଚରଣ ବିଦ୍ୟାମନ୍ଦିର ସଂସ୍କୃତ ଶିକ୍ଷକ ସିଦ୍ଧେଶ୍ୱର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ସୁବାସ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରପଞ୍ଚ ଅଶୋକ ସାହୁ, ସୁରେନ୍ଦ୍ର ବିଶ୍ୱାଳ, ନାରାୟଣ ଦାସ, ସୁବାସ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସୌଭାଗ୍ୟ ଦାସ ସ୍ୱାଗତ ଭାଷଣ ଓ ଉମେଶ କର ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ପଟ୍ଟଚିତ୍ର ପ୍ରଦାନ

**ବନ୍ତ/ଆଗରପଡ଼ା, ୩।୬(ସମିସ):** ପୁରୁଷଣ୍ଡ ସ୍କୁଲ କଳାଶିକ୍ଷକ ପଦ୍ମନାଭ ସେଠୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଜଗନ୍ନାଥଙ୍କ ପଟ୍ଟଚିତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଭଦ୍ରକ ଗସ୍ତ ସମୟରେ ତାଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରୀ ସେଠୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା ମଧ୍ୟ କରିଥିଲେ। ଶ୍ରୀ ସେଠୀ ଟେରାକୋଟା ଶିଳ୍ପର ଲୋକାଦୃତ କରିବା ପାଇଁ ତାଙ୍କର ସଂଗ୍ରାମ ଅହରହ ଜାରି ରଖିଛନ୍ତି। ସେ ଜଣେ ଚିତ୍ରଶିଳ୍ପୀ ଭାବେ ଓଡ଼ିଶାର ବିଭିନ୍ନ ନାମକରା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।



## ସମୟ ଚକ୍ରରେ ହଜିବାକୁ ବସିଛି ଶୂନଗାଡ଼ି

# କାଗଜ କଲମରେ ସୀମିତ ବିଶ୍ୱ ସାଇକଲ ଦିବସ

**ବନ୍ତ/ଆଗରପଡ଼ା, ୩।୬(ସମିସ)**

ଆଧୁନିକ ଯୁଗରେ ଅନେକ ଯାନବାହାନ ସୃଷ୍ଟି ହେଲାଣି। ସେହିସବୁ ଭିତରେ ହଜିବାକୁ ବସିଲାଣି ବିନା ପେଟ୍ରୋଲରେ ଦିଲ୍ଲୀ ଠାରୁ ପଲ୍ଲୀ ଯାଏଁ ବୁଲି ଆସୁଥିବା ଏକମାତ୍ର ଯାନ ସାଇକଲ; ଯାହାକୁ ଓଡ଼ିଆରେ ଶୂନ ଗାଡ଼ି କୁହାଯାଇଥାଏ। ତେଣୁ ଏହି ଶୂନ ଗାଡ଼ି ବାବଦରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜୁନ ୩ ତାରିଖକୁ ବିଶ୍ୱ ସାଇକଲ ଦିବସ ଭାବରେ ପାଳନ କରାଯାଉଛି। ଚଳିତ ବିଶ୍ୱ ସାଇକର ଦିବସର ପ୍ରସଙ୍ଗ ହେଉଛି 'ସ୍ଥାୟୀ ଭବିଷ୍ୟତ ପାଇଁ ସାଇକେଲ ଚଲେଇବା'। ଭାରତରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଧ୍ୟ ସାଇକଲର ବ୍ୟବହାର ବୃଦ୍ଧି ପାଇଥିଲା। ଏହି ସାଇକଇ ସର୍ବପ୍ରଥମେ ୧୭୯୧ ମସିହାରେ ଫ୍ରାନ୍ସ ନାଗରିକ କୋମେଟ ମେଡ୍ରେ ଡ଼ି ସିଭରାଜ ନିର୍ମାଣ କରିଥିଲେ। ସମୟାନୁସାରେ ଏହାର ଲୁକ୍ସରେ ପରିବର୍ତ୍ତନ ଆସିଥିଲା ଏବଂ ବିଭିନ୍ନ ନିର୍ମାତାମାନେ ସାଇକଲକୁ ବିକଶିତ କରିବା ପାଇଁ ଅନେକ ପ୍ରଚେଷ୍ଟା ମଧ୍ୟ କରିଥିଲେ। ତେବେ ୧୮୬୯ ମସିହା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ମାନଙ୍କରେ ସାଇକଲ ଦେଖିବାକୁ ମିଳିଥିଲା। ପୂର୍ବରୁ ପ୍ରତ୍ୟେକ ଘରେ ଯାତାୟାତ କରିବା ପାଇଁ ଲୋକ ମାନେ ସାଇକେଲ ଉପରେ ନିର୍ଭରଶୀଳ ଥିଲେ ; କିନ୍ତୁ ସମୟ ଅନୁସାରେ ଲୋକମାନେ ଯାତାୟାତ କରିବା ପାଇଁ ସାଇକଲ ଉପରେ ଆଉ ନିର୍ଭର କରୁନାହାନ୍ତି। କେଉଁଠି କାଁ ଭାଁ ଲୋକେ ସାଇକଲ ବ୍ୟବହାର କରୁଛନ୍ତି। ଅଧ୍ୟୟନ ପାଇଁ ସ୍କୁଲ ଓ କଲେଜକୁ ଯିବା ପାଇଁ ଏହା ପିଲାଙ୍କ ମୁଖ୍ୟ ଅଙ୍ଗ ସାଜୁଥିବା ବେଳେ ବର୍ତ୍ତମାନ ସେମାନଙ୍କ ରୁଚିରେ ପରିବର୍ତ୍ତନ ଆସିଛି। ଯଦ୍ୱାରା ଏହା ପିଲାଙ୍କ ପାଇଁ ଅଲୋଡ଼ା ହୋଇପଡ଼ିଛି। ଆମ ଜେଜେବାପା ଜେଜେମାଙ୍କ ଅମଳରେ ବାହାଘର ବେଳେ ପୁଅ ମାନଙ୍କୁ ଯୌତୁକ ରେ ସାଇକଇ ଦିଆଯାଇଥୁଲା। କିନ୍ତୁ ସେ ସମୟ ଏବେ ଚାଲିଯାଇଛି। ଆଧୁନିକତ୍ୱର ପରିଭାଷା ମଧ୍ୟରେ ହଜିଯାଉଛି ଏହି ସାଇକଲ। ସାଇକେଲର ବ୍ୟବହାର ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥିବା ବେଳେ ବିଶ୍ୱର ୫ଟି ମୁଖ୍ୟ ବ୍ୟାୟାମ ମଧ୍ୟରୁ ସାଇକଲ ଚାଳନା ଅନ୍ୟତମ ହୋଇଥିବାରୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ କିଛି ଲୋକ ସାଇକେଲ ଚଲାଇଥିବା ଜଣାପଡ଼ିଛି। ସାମ୍ବାଦିକ ବିନୋଦ ଧଳ ସାମନ୍ତଙ୍କ କହିବା ଅନୁଯାୟୀ ତାଙ୍କ ପାଖରେ କାର, ବାଇକ ଆଦି ଥିବା ସତ୍ତ୍ୱେ ତାଙ୍କ ବାପା ବିଜୟ ଧଳ ସାମନ୍ତ ୭୪ ବର୍ଷ ବୟସରେ ମଧ୍ୟ ସାଇକଲକୁ ତାଙ୍କ ଗମନାଗମନର ମୁଖ୍ୟ ଅଙ୍ଗ ରୂପେ ବିବେଚନା କରିଥାନ୍ତି। ପ୍ରତିଦିନ ପାଖାପାଖି ୧୦ କିମି ସାଇକେଲ ଚଲାଇଥାନ୍ତି ସେ ଏବଂ ଏହି ବୟସରେ ମଧ୍ୟ ସେ ନିଜକୁ ସୁସ୍ଥ କରି ଗଢି ତୋଳିଛନ୍ତି। ତେଣୁ ବିଶ୍ୱର ଏକ ସ୍ଥାୟୀ ଭବିଷ୍ୟତ ଚିନ୍ତା କରି ସମସ୍ତେ ସାଇକଲକୁ ପୁଣି ବହୁଳ ଭାବରେ ବ୍ୟବହାର କରିବାକୁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



# ଗୋମାଫିଆଙ୍କ ଆକ୍ରମଣରେ ଜଣେ ଗୁରୁତର

**ଭଦ୍ରକ, ୩।୬(ସମିସ):** ତିହିଡ଼ି କଷଟି ଗାଁରେ ଗୋ-ଚାଲାଣକୁ ବିରୋଧ କରି ଗଣ୍ଡଗୋଳ ଘଟିଥିବା ବେଳେ ଗୋ-ମାଫିଆଙ୍କ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣଙ୍କ ହେଲେ ସନ୍ତୋଷ ପରିଡ଼ା। ଭୁବନେଶ୍ୱରର ଏକ ଘେରାଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଥିବା ବେଳେ ଉକ୍ତ ମାମଲାରେ ଛାନଭିନ ନେଇ ଗାଁରେ ଏସ୍‌ପି ଓ ଆଡିସିନାଲ ଏସ୍‌ପି, ଡିଆଇବି ଡିଏସ୍ପି ଅଂଶୁମାନ ଦ୍ୱିବେଦୀ ପହଞ୍ଚିଥିଲେ। ପୀଡ଼ିତ ପରିବାର ବର୍ଗଙ୍କୁ ଭେଟି ଏସ୍‌ପି ସାନ୍ତ୍ୱନା ଦେବାସହ ଘଟଣା ଉପରେ ତନଖି କରିଛନ୍ତି। ଏନେଇ ଜିଲ୍ଲା ପୁଲିସ ପ୍ରଶାସନ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରିଛି। କେହି ଜଣେ ବି ତ୍ରାହି ପାଇବେ ନାହିଁ ବୋଲି ଗ୍ରାମବାସୀଙ୍କୁ ଆରକ୍ଷୀ ଅଧିକ୍ଷକ ପ୍ରତିଶ୍ରୁତି ଦେଇଛନ୍ତି। ୩ ଦିନ ଭିତରେ ୪ ଜଣ ଗିରଫ ହୋଇଛନ୍ତି। ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ଲାଗି ଗାଁ ଲୋକେ ଦାବି ରଖିଛନ୍ତି। ମଙ୍ଗଳବାର ଲାଡେନ ଓ ମଞ୍ଜୁର ଅଲି ଖାଁଙ୍କୁ ପୁଲିସ ଗିରଫ କରିଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା



**ଧର୍ମଶାଳା, ୩।୬(ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ପାଢ଼ୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବ କୁମାର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ ଯୋଗଦେଇ ଶ୍ରୀମତୀ ପାଢ଼ୀଙ୍କର ଛାତ୍ରବତ୍ସଳତା, କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା ଏବଂ ତାଙ୍କର ଶିକ୍ଷାଦାନ ଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ବସୁଦେବ ବିଶ୍ୱାଳ, ସିଆର୍‌ସିସି ଦୟାନିଧି ବିଶ୍ୱାଳ, ନାରାୟଣଜୀଉ ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ମଲ୍ଲିକ, ହନୁମାନଜୀଉ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳିନୀକାନ୍ତ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିବାସିନୀ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଘନଶ୍ୟାମ ପୃଷ୍ଟି ଅତିଥି ପରିଚୟ ଓ ବଞ୍ଚୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ କିଶୋର ଜେନା ସଭା ପରିଚାଳନା କରିଥିଲେ। ଏଅବସରରେ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟୀ ପ୍ରଧାନଶିକ୍ଷୟିତ୍ରୀ ତାଙ୍କର ଚାକିରୀ ଜିବନର ସ୍ମୃତି ଓ ଅନୁଭୂତି ପ୍ରକାଶ କରିଥିଲେ। ନାରାୟଣଜୀଉ କ୍ଲଷ୍ଟର ଆନୁକୂଲ୍ୟରେ ସଭାରେ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ପ୍ରଧାନ ଶିକ୍ଷକ ବନମାଳି ମହାରଣା, ୱାର୍ଡ ସଭ୍ୟା ମମତା ବାରିକ, ଅଞ୍ଜନା ମହାନ୍ତି, ପ୍ରଭାକର ଦାଶ, ଶିକ୍ଷକ ପ୍ରମୋଦ ବରାଳ, ପ୍ରକାଶ ଚନ୍ଦ୍ର ନାଏକ, କମିଟି ସଭ୍ୟା ସରୋଜୀନି ଜେନା, ମମତା ସାହୁ, ମନୋରମା ବଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା, ଅତିରିକ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ ମମିତା ମହାନ୍ତି ଯୋଗଦେଇଥିଲେ। ସହକାରୀ ଶିକ୍ଷକ ରମେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ।

## ଗ୍ରାମବାସୀଙ୍କ ଦାବି ମାନିଲେ ଶିକ୍ଷା ଅଧିକାରୀ

# ବଦଳିଲେ ଶ୍ରୀମା ହାଇସ୍କୁଲର ପ୍ରଧାନଶିକ୍ଷକ

**ଦଶରଥପୁର, ୩।୬(ସମିସ):** ଦଶରଥପୁର ବ୍ଲକ ଚାଷଖଣ୍ଡ ପଞ୍ଚାୟତ କଁସାଳଢ଼ିଅ ସ୍ଥିତ ଶ୍ରୀମା ହାଇସ୍କୁଲର ପ୍ରଧାନଶିକ୍ଷକ ଅନାଦି ଚରଣ ଯେନାଙ୍କ ବଦଳି ହୋଇଛି। ଗ୍ରାମବାସୀଙ୍କ ଦାବିକୁ ଗ୍ରହଣ କରିଛି ଜିଲ୍ଲା ଶିକ୍ଷା ବିଭାଗ। ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁମୋଦନ କ୍ରମେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଧାନଶିକ୍ଷକ ଶ୍ରୀ ଯେନାଙ୍କୁ ଶ୍ରୀମା ହାଇସ୍କୁଲରୁ ଅପସାରଣ କରାଯାଇଛି। ଖାଙ୍କୁ ବରୀ ବ୍ଲକ ଅଧୀନ କଣ୍ଟିପୁରସ୍ଥିତ ରଙ୍ଗାଧର ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ ବଦଳି କରାଯାଇଥିବା ବେଳେ ତୁରନ୍ତ ଯୋଗଦେବାକୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ସୂଚନା ଥାଉକି ଶ୍ରୀମା ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଶ୍ରୀ ଯେନାଙ୍କ ନାମରେ ବିଭିନ୍ନ ଅଭିଯୋଗ ହୋଇଆସୁଥିବା ବେଳେ ସେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀଙ୍କ ସମେତ ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ଏବଂ ଗ୍ରାମବାସୀଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରୁଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ବିଭିନ୍ନ ବିବାଦୀୟ କାରଣରୁ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣରେ ଅବନତି ହେବାରୁ ବହୁ ଅବିଭାବକ ସେମାନଙ୍କ ପିଲାଙ୍କୁ ଏଠାରେ ପଢ଼ାଇବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଏହିକାରଣକୁ ନେଇ ଛାତ୍ରଛାତ୍ରୀ, ଅବିଭାବକ, ପରିଚାଳନା ସମିତି କାର୍ଯ୍ୟକର୍ତ୍ତା, ଗ୍ରାମବାସୀ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଦାବି କରିବା ସହିତ ଏକାଧିକବାର ପ୍ରଧାନଶିକ୍ଷକ ଶ୍ରୀ ଯେନାଙ୍କୁ ତୁରନ୍ତ ଅପସାରଣ କରିବା ଦାବି ନେଇ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ।

# କୃଷକ ପରାମର୍ଶ କର୍ମଶାଳା

**ବାରିକପୁର, ୩।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ଠାରେ ବିକଶିତ କୃଷି ସଂକଳ୍ପ ଯୋଜନା ଆନୁକୂଲ୍ୟରେ କୃଷକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ଅଧିକାରିଣୀ ଡ଼. ତନୁଜା ଏସ, ଜ୍ୟୋସ୍ନାରାଣୀ ମହାରଣା, ଭାନୁମତୀ ଧିନ୍ଦା, ଉଦ୍ୟାନକୃଷି ଅଧିକାରି କଲ୍ୟାଣ ପାଣିଗ୍ରାହୀ, ସହକାରୀ କୃଷି ଅଧିକାରୀ ସଞ୍ଜୀବ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଆଧୁନିକ ଚାଷ ପ୍ରଣାଳୀ ସମ୍ପର୍କରେ ଚାଷୀମାନଙ୍କୁ ଅଧିକାରୀ ବିଭିନ୍ନ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ନିରୂପମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ଗ୍ରାମ୍ୟ କୃଷି କର୍ମଚାରୀ ସ୍ମୃତି ରଞ୍ଜନ ରାଉତ, ଗୀତାଞ୍ଜଳି ପତୀ, ଶିବ ନାରାୟଣ ପାଣି, ଆଶିଷ ରାଉତ, ମମତା ମଞ୍ଜରୀ ସେଠୀ, ପ୍ରମୋଦ ନାୟକ, ମାନସ ଜେନା, ଅବିନାଶ ଜେନା, ତାରିଣୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ଜଣେ ମୃତ

**ରଗଡ଼ି, ୩।୬(ସମିସ):** କୋରେଇ ଥାନା ଅଞ୍ଚଳରେ ସୋମବାର ରାତିରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ଅନ୍ୟ ଏକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ୨୦ନଂ ଜାତୀୟ ରାଜପଥ ଅନ୍ଧାରୀ ଛକ ନିକଟ ଏକ ହୋଟେଲ ସାମ୍ନାରେ ଥିବା କାଟେଣୀରେ ସୋମବାର ରାତି ସାଢେ ୯ଟା ସମୟରେ ବାଇକରେ ଆସୁଥିବା ଜଣେ ଯୁବକ ଭାରସାମ୍ୟ ହରାଇ ଡିଭାଇଡ଼ରରେ ପିଟିହୋଇ ମୃତ୍ୟୁବରଣ କରିଛନ୍ତି। ଆମ୍ବୁଲାନ୍ସରେ ତାଙ୍କୁ ଯାଜପୁରରୋଡ କ୍ଷେତ୍ରୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ଲକ୍ଷ୍ମୀନଗର ଗ୍ରାମର ଶ୍ରୀଧର ସାହୁଙ୍କ ପୁଅ ଶ୍ରୀକାନ୍ତ ସାହୁ (୨୯)। ସେ କେନ୍ଦୁଝରେ ମୁକୁନ୍ଦପୁରପାଟଣାରୁ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ କୋରେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦିକୁ ପଠାଇଥିଲେ। ଏନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏସଆଇସି ଆର ହାଁସଦା ଘଟଣାର ତଦନ୍ତ କରୁଛନ୍ତି। ଅନ୍ୟ ଘଟଣାରେ ଅସନଝର ଓ ରଘୁପୁର ଗ୍ରାମ ମଝିରେ ଥିବା ଏକ ପୋଖରୀ ନିକଟରେ ମଙ୍ଗଳବାର ଦିନ ୧୧ଟା ସମୟରେ ବାଇକରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯିବାରୁ ରଣପୁର ଅଞ୍ଚଳର ଜନୈକ ଯୁବକ ଗୁରୁତର ହୋଇଥିଲେ।

# ଗ୍ରାମ୍ୟ ରାସ୍ତାରେ ଅବାଧ ଗୋଚାଲାଣ

**ବାରିକପୁର, ୩।୬(ସମିସ):** ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ବ୍ଲକ ଛତାବର ଟୋଲ ଗେଟ ସହିତ ଆଖୁଆପଦାଠାରେ ପୁଲିସ ବାରମ୍ବାର ତନଖି କରୁଥିବା ଯୋଗୁଁ ଅନେକ ବେଆଇନ ଗାଡି ଏବେ ବିଭିନ୍ନ ଗାଁ ରାସ୍ତା ଦେଇ ଛୁ ମାରୁଛନ୍ତି। ସେଥିମଧ୍ୟରୁ ପ୍ରାୟ ଅଧିକାଂଶ ବେଆଇନ ଗୋରୁ ବୋଝେଇ ପିକଅପ ରାଜପଥରେ ନଯାଇ ଗ୍ରାମ୍ୟ ରାସ୍ତା ଗୁଡିକରେ ଚଳପ୍ରଚଳ କରୁଛନ୍ତି। ଛତାବର ତଳିଘାଇ ରାସ୍ତା ସମେତ ତିନି ନମ୍ବର ହାଇଲେବଲ କେନାଲ ଦେଇ ଅନେକ ସମୟରେ ଗୋରୁ ବୋଝେଇ ଗାଡିଯାଉଛି। ଯାଜପୁର ଓ କଟକ ପଟୁ ପିକପ ଏବଂ ଟାଟା ଏସିରେ ଅତି ଅମାନୁଷିକ ଭାବେ ଗୋରୁ ବୋଝେଇ ହୋଇ ଆସୁଥିବା ବେଳେ ଗାଡି ଗୁଡିକ ଅନାୟାସରେ ଏହି ପଥଦେଇ ଭଦ୍ରକ ଏବଂ ବାଲେଶ୍ୱର ଅଭିମୁଖେ ଯାଉଛି। ବିଶେଷ କରି ଶନିବାର ଓ ମଙ୍ଗଳବାରରେ ଗୋରୁ ଚାଲାଣ ଅଧିକ ହେଉଛି। ଉକ୍ତ ରାସ୍ତାକୁ ଛାଡ଼ି ଦେଲେ ଆଖୁଆପଦାଠାରୁ ମଞ୍ଜୁରୀ ରୋଡ ଯାଏଁ ଲମ୍ବିଥିବା ବୈତରଣୀ ନଦୀ ବନ୍ଧ ରାସ୍ତାରେ ମଧ୍ୟ ବେଆଇନ ଗୋରୁ ବୋଝେଇ ଗାଡି ଚଳାଚଳ କରୁଛି। ମାଳଦା ମଣୀନାଥପୁର ପୂର୍ତ୍ତ ରାସ୍ତା, କଣ୍ଟି କୋରିଗାଁ ଗ୍ରାମ୍ୟ ଉନ୍ନୟନ ରାସ୍ତା, ସରସଦା ଧାମନଗର କେନାଲ ରାସ୍ତା, ଆନନ୍ଦପୁର ଦାଣ୍ଡକୂଳ ରାସ୍ତା ଦେଇ ଅନେକ ଗୋରୁ ଗାଡି ଯାତାୟାତ କରୁଛି। ପୁଲିସ କେବଳ ରାଜପଥ ଉପରେ ନଜର ରଖୁଥିବାରୁ ଗୋଚାଲଣକାରୀ ଚତୁରତାର ସହିତ ଗାଁ ରାସ୍ତା ଦେଇ ପାରହେଉଛନ୍ତି।

# ଆଗରପଡ଼ା ଠାକୁର ରାଜାଙ୍କ ଶ୍ରାଦ୍ଧବାର୍ଷିକୀ

**ବନ୍ତ/ଆଗରପଡ଼ା, ୩।୬(ସମିସ):** ଆଗରପଡ଼ା ଶ୍ରୀଜଗନ୍ନାଥ ମନ୍ଦିର ତତ୍ତ୍ୱାବଧାରକ ଓ ଠାକୁର ରାଜା ଭାବେ ପରିଚିତ ସ୍ୱର୍ଗତ କିଶୋରୀ ମୋହନ ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ତାଙ୍କର ସ୍ମୃତିଚାରଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଭୁବନେଶ୍ୱର ନେତାଜୀ ଲାୟନ୍ସ କ୍ଲବ ସଭାପତି ହୃଦୟରଞ୍ଜନ ସିହ୍ନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଯୁବନେତା ସତ୍ୟସାଧନ ବେଜ, ଭଦ୍ରକ ବାର ଆସୋସିଏସନ ସଭାପତି ଆଡ଼ଭୋକେଟ ସନ୍ତୋଷ ଆଚାର୍ଯ୍ୟ, ପ୍ରାକ୍ତନ ସଭାପତି ବିଷ୍ଣୁ ମୋହନ ମହାପାତ୍ର, ସମାଜସେବୀ ଅଶୋକ ନାୟକ, ସରପଞ୍ଚ ଶୁଭଦ୍ରା ସିଂହ ପ୍ରମୁଖ ଯୋଗ ଦେଇଥିଲେ। ସୁପ୍ରିମକୋର୍ଟ ଆଡ଼ଭୋକେଟ ଜଗତମୋହନ ସିଂହ, ଇଣ୍ଟରନେସନାଲ ହ୍ୟୁମାନ ରାଇଟ୍ସ ଫୋରମ ଓ୍ୱମେନ୍ସ ଯୁଗ୍ମ ସମ୍ପାଦିକା ସଂଯୁକ୍ତା ସିଂହ, ଇଂ ଅନନ୍ତ ମୋହନ ସିଂହ, ପ୍ରଦୀପ ମୋହନ ସିଂହ, ନିତ୍ୟାନନ୍ଦ ବଳ, ପ୍ରଭାତୀ ସିହ୍ନା, ନୀଳମ ବଳ ପ୍ରମୁଖ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥିଲେ।

# କଲବଲ କରୁଛି ଜ୍ୟେଷ୍ଠ ତାତି



**ବାରିକପୁର, ୩।୫(ସମିସ)**

ଲଘୁଚାପ ସହିତ ମୌସୁମୀ ହଠାତ୍ ଉଭାନ ହୋଇ ଯାଇଥିବା ବେଳେ ସବୁ ଆଡେ ଏବେ ଜ୍ୟେଷ୍ଠ ତାତି କଲବଲ କରୁଛି। ଦିନ ୧୦ଟା ପରେ ଘରୁ ପଦାକୁ ବାହାରିବା କଷ୍ଟକର ହୋଇପଡୁଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ତିନି ଚାରି ଦିନ ହେବ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରବଳ ଖରାସାଙ୍ଗକୁ ଅସହ୍ୟ ତାପମାତ୍ରାରେ ଲୋକମାନେ ସିଝି ଯାଉଛନ୍ତି। ଏବେ ଗାଁ ଗହଳିଠାରୁ ସହର ଯାଏ ସବୁଠି ପକ୍କା ରାସ୍ତା ଲମ୍ବିଥିବା ହେତୁ ଜଳବାୟୁ ପରିବର୍ତ୍ତନ ପୂର୍ବକ ତାପମାତ୍ରା ବୃଦ୍ଧି ପାଉଥିବା କୁହାଯାଇଛି। ଦିନ ୧୦ଟା ଏଗାରଟା ପରେ ବ୍ଲକର ଜାତୀୟ ରାଜପଥ ସମେତ ବିଭିନ୍ନ ଗାଁଗଣ୍ଡା ରାସ୍ତା ଦେଇ ଯାନବାହାନ ଚଳାଚଳ ହ୍ରାସ ପାଉଥିବା ଦେଖାଯାଇଛି। ଏହାଛଡା ଛକ ବଜାର ମଧ୍ୟ ଶୂନଶାନ ହେଉଛି। ଖରା ଓ ଗୁଳିଗୁଳି ଯୋଗୁଁ ବିଭିନ୍ନ ସରକାରୀ ଦପ୍ତର ଓ ବ୍ୟାଙ୍କ ଗୁଡ଼ିକରେ ମଧ୍ୟ ଆଗନ୍ତୁକ ଜନସାଧାରଣ ମାନଙ୍କ ସଂଖ୍ୟା କମ୍ ରହୁଛି। ଭଣ୍ଡାରିପୋଖରୀ ସମେତ ମାଳଦା, ମଞ୍ଜୁରୀ ରୋଡ, ଆଖୁଆପଦା, ବାରିକପୁର, ଧାମନଗର ଛକ, ସରସଦା ପ୍ରମୁଖ ବଜାର ଅପରାହ୍ଣ ଯାଏଁ ଖାଁ ଖାଁ ଲାଗୁଛି।

# ପଞ୍ଚାୟତ ସଭାଗୃହ ଉଦ୍‌ଘାଟିତ

**ବାରିକପୁର, ୩।୬ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ସଭାଗୃହ ଉଦଘାଟିତ ହୋଇଯାଇଛି। ଏହାକୁ ସରପଞ୍ଚ ଅମୂଲ୍ୟ କୁମାର ନାୟକ ଉଦଘାଟନ କରିଥିଲେ। ଚତୁର୍ଦ୍ଦଶ ଆର୍ଥିକ ଅନୁଦାନ ଜରିଆରେ ଏହା ନିର୍ମିତ ହୋଇଥିବା ବେଳେ ଏହାଦ୍ୱାରା ପଞ୍ଚାୟତର ବୈଠକ ଗୃହ ସମସ୍ୟା ଦୂର ହୋଇଛି। ଉଦଘାଟନୀ ଉତ୍ସବରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ମିଶ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେନ୍ଦ୍ର ରାଉତ, ନାଏବ ସରପଞ୍ଚ ରେବତୀ ପଣ୍ଡା, ସମାଜ ସେବୀ ତପନ କୁମାର ପାତ୍ର, ଦୀପକ ପାଣିଗ୍ରାହୀ, ଏଡିଓ ଦୀପ୍ତିମୟୀ ବେହେରା ଯୋଗ ଦେଇଥିଲେ। ଏହାଛଡା ସାମାଜିକ କର୍ମୀ ବିଜୟ ଖିଲାର, ଅଜିତ୍ ଦାସ, ବଦ୍ରୀ ନାରାୟଣ ପଣ୍ଡା, ଅଶୋକ ପଣ୍ଡାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଏଥିରେ ଉପସ୍ଥିତ ଥିଲେ।

# ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

**ଅସୁରାଳି, ୩।୬(ସମିସ):** ଧାମନଗର ବ୍ଲକର ପାଳସାହି ପଞ୍ଚାୟତ କାର୍ଯ୍ୟାଳୟ ଓ ବେତାଳିଗାଁ ପଞ୍ଚାୟତ ଅଫିସ୍‌ରେ ନୂତନ ସଂଗଠିତ ହୋଇଥିବା ସେବା ସଙ୍ଗଠନ ଆନୁକୂଲ୍ୟରେ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଜ ଓଡ଼ିଶାର ଏକ ପାରମ୍ପରିକ ପର୍ବ ଓ ରାଜ୍ୟର ଗଣପର୍ବ। ଏହି ପର୍ବ ତିନିଦିନ ଧରି ପାଳନ କରାଯାଇଥାଏ। ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ। ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ। ମାଟି ମା' ହୁଏ ରଜସ୍ୱଳା। କୃଷିପ୍ରଧାନ ଦେଶ ଭାବେ ଖ୍ୟାତି ଲାଭ କରିଥିବା ଆମଦେଶରେ ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ। ମା'ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ଅଛି। ପହିଲି ରଜରେ ଆରମ୍ଭ ହୁଏ ପ୍ରସ୍ତୁତି ପର୍ବ। ୩ଦିନ ଧରି ଧରଣୀ ମାତାକୁ ବିଶ୍ରାମ ଦିଆଯାଏ, ଯେଉଁଥିଇଁ ଭୂ ଖନନ ବାରଣ କରାଯାଇଥାଏ। ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ। କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାରସଂହିତାକୁ ବିଧିଭାବେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ। ଓଡ଼ିଆ ପରମ୍ପରାକୁ ବଜାୟ ରଖିବା ତଥା ଓଡ଼ିଆ ପ୍ରଥାର ପ୍ରସାର ନିମନ୍ତେ ସାମାଜିକ କର୍ମୀ ପଣ୍ଡିତ ପଞ୍ଚାନନ ମିଶ୍ର, ସୁଶାନ୍ତ ନାୟକ, ଅନ୍ତର୍ଯ୍ୟାମୀ ଦାସ, ଆଲୋକ କୁମାର ରାଉତ ପ୍ରମୁଖ ପ୍ରମୁଖ ଉପସ୍ଥିତ ରହି ରଜ ମହୋତ୍ସବ ଉପରେ ଆଲୋଚନା କରାଯାଇଥିଲା।



# ଖାଲି ହୋଇଯିବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

ବାଲେଶ୍ୱର, ୩।୬ (ସମିସ)



**▶ ୭ରେ ମେଡିକାଲ କଲେଜକୁ ଉଠିଯିବ ପେଡିଆଟ୍ରିକ ଓ ଗାଇନିକ୍ ବିଭାଗ**
**▶ ୧୧ ପୂର୍ବରୁ ସମସ୍ତ ବିଭାଗ ସ୍ଥାନାନ୍ତର ନିଷ୍ପତ୍ତି**

ସାମାନ୍ୟ ପ୍ଲାଷ୍ଟରଠୁ ଆରମ୍ଭ କରି ଅଲଟ୍ରାସାଉଣ୍ଡ, ଏକ୍ସରେ ଏବଂ ଡ୍ରେସିଂ ପାଇଁ ହଇରାଣ ହେଉଛନ୍ତି ଲୋକେ। ସବୁ ମେଡିକାଲ କଲେଜରେ ହେଉଛି। ଅନ୍ୟପଟେ ମେଡିକାଲ କଲେଜରେ ରୋଗୀ ରହିଲେ ରକ୍ତ ଦେବାକୁ, ପୋଷ୍ଟମର୍ଟମ, ସ୍କାନ୍ ପାଇଁ ଆସିବେ ଏଠାକୁ ଆସିବାକୁ ପଡୁଛି। ଲୋକ ସହରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଅନେକ ନିର୍ଭରଶୀଳ ଅଛନ୍ତି। ମାତ୍ର ବର୍ତ୍ତମାନ ଏହା ଅଚଳାବସ୍ଥା ହେବାକୁ ବସିଲାଣି। କାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସମସ୍ତ ବିଭାଗ ଧୀରେ ଧୀରେ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର ହେବାରେ ଲାଗିଛି। ଉଦଘାଟନ ସମୟରେ ଯାହା ଯେମିତି ବିଭାଗ ସ୍ଥାନାନ୍ତର ହୋଇଥିଲା। ବାକି ସମସ୍ତ ବିଭାଗ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାଲୁ ରହିଥିଲା। ମାତ୍ର ଏବେ ଗୋଟିଏ ପରେ ଗୋଟିଏ ବିଭାଗ ରେମୁଣା କ୍ୟାମ୍ପସକୁ ଚାଲିଗଲାଣି। ଆସନ୍ତା ୭ରେ ବାକି ଥିବା ଆଉ ଦୁଇଟି ଯଥା ପେଡିଆଟ୍ରିକ ଓ ଗାଇନିକ୍ ବିଭାଗ ଉଠିଯିବ ବୋଲି ସୂଚନା ମିଳିଛି। ଏବେ ବିଭାଗ ସହ ପଦ ପଦବୀ ବି ଖାଲି ହୋଇଯିବ। କେମିତି ଚାଲିବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସେ ନେଇ ଚିନ୍ତାରେ କର୍ତ୍ତୃପକ୍ଷ। ଏ ବାବଦରେ ଜିଲ୍ଲାପାଳଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କିଛି ଦିନ ତଳେ ଚକ୍ଷୁ ବିଭାଗ ସହ ଇଏନଟି ବିଭାଗ ରେମୁଣା ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର ହୋଇସାରିଛି। ଫଳରେ ବହୁ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସି ନିରାଶ ହେଉଥିବା ଦେଖିବାକୁ ମିଳୁଛି। ଆସନ୍ତା ୧୧ ତାରିଖ ପୂର୍ବରୁ ସମସ୍ତ ବିଭାଗ ରେମୁଣା ସ୍ଥାନାନ୍ତର ହେବା ନେଇ ନିଷ୍ପତ୍ତି ହୋଇଛି। ସେଥିପାଇଁ ଆସନ୍ତା ୭ରେ ପେଡିଆଟ୍ରିକ ଓ ଗାଇନିକ୍ ବିଭାଗ ସ୍ଥାନାନ୍ତର ହେବ ବୋଲି ସୂଚନା ମିଳିଛି। ଏହାପରେ ଖାଲି ହୋଇଯିବ ମୁଖ୍ୟ ଚିକିତ୍ସାଳୟ ପରିସର। ଏବେଠୁ ଖାଁ ଖାଁ ହେବାକୁ ଲାଗିଲାଣି। ତେବେ ହଠାତ୍ ଏପରି ବିନା ସୂଚନାରେ ସମସ୍ତ ବିଭାଗ ସ୍ଥାନାନ୍ତର ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବାବଦରେ ସିଡିଏମଓ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ କହିଛନ୍ତି, ସବୁ ବିଭାଗ ରେମୁଣା ମେଡିକାଲ କଲେଜ ଓ ହସ୍‌ପିଟାଲ କ୍ୟାମ୍ପସକୁ ଉଠିଯିବା ପରେ କେମିତି ସୂଚାରୁରୂପେ ଚାଲିବ ସେ ନେଇ ଚେଷ୍ଟା ଚାଲିଛି। ବିଭିନ୍ନ ବିଭାଗରୁ ଡାକ୍ତର, ନର୍ସ ଏବଂ କର୍ମଚାରୀ ହଠାତ୍ ଅଭାବ ହୋଇଛି। ଫଳରେ ଅସୁବିଧା ହେଉଛି। ତେଣୁ ଆମେ ଯୋଜନା କରି ହସ୍ପିଟାଲ୍ ଚଲାଇବୁ। ଡ୍ୟୁଟି ସମୟ ଅଲଗା ରଖିବୁ କ'ଣ ଆଲୋଚନା କରିବୁ। ବର୍ତ୍ତମାନ ଦୁଇଟି ବିଭାଗ ଯଥା ପେଡିଆଟ୍ରିକ ଏବଂ ଗାଇନିକ ବିଭାଗ ରେମୁଣାକୁ ଉଠିନାହିଁ। ତାହା ପ୍ରାୟତଃ ୭ ତାରିଖ ଉଠିଯିବ ବୋଲି କୁହାଯାଉଛି। ତାହା ଉଠିବା ପରେ ଆମେ ନିଷ୍ପତ୍ତି ନେଇ ଆଗକୁ କାମ କରିବୁ। କାରଣ ବିଭାଗ ଉଠିଗଲେ ଡାକ୍ତର, ନର୍ସ, ସଫେଇ କର୍ମଚାରୀ, ସୁରକ୍ଷା କର୍ମୀ ପ୍ରମୁଖ ଖାଲି ହୋଇଯିବେ। ଫଳରେ ଆମକୁ ପରିଚାଳନା କରିବାରେ ଟିକେ ସମସ୍ୟା ହେବ। କିନ୍ତୁ ଆମେ ଚେଷ୍ଟା କରିବୁ।

## ଚାରିସୂତ୍ରୀ ବିଶିଷ୍ଟ ବାର୍ଷିକ ଅଭିଯାନ ନିମନ୍ତେ ବୈଠକ



**ବାଲେଶ୍ୱର, ୩।୬ (ସମିସ):** 'ଆମ ସଂକଳ୍ପ-ନିଶା ନୁହେଁ, ଜୀବନ' ଏକ ଚାରି ସୂତ୍ରୀ ଅଭିଯାନ ନିମନ୍ତେ ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ସ୍ୱକାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନରେ ୩୧ମଇଠାରୁ ଓଡ଼ିଶାକୁ ମାଦକ ଦ୍ରବ୍ୟର ବ୍ୟବହାର, ଗଞ୍ଜେଇ, ଅଫିମ, ଚରସ୍, ବ୍ରାଉନ ସୁଗର ଓ କୋକେନ୍ ଭଳି ଘାତକ ଦ୍ରବ୍ୟ ଆଦିର ଅପବ୍ୟବହାର କବଳରୁ ମୁକ୍ତି ପାଇଁ ଚାରି ସୂତ୍ରୀ ବା ପର୍ଯ୍ୟାୟ ବିଶିଷ୍ଟ ବାର୍ଷିକ ଅଭିଯାନ ଆରମ୍ଭ ହୋଇଛି। ଯେଉଁଥିରେ ଅବକାରୀ ବିଭାଗ ଚିଠି ସଂଖ୍ୟା ୩୧୬୬ ଅନୁସାରେ ଅନେକ ପଦକ୍ଷେପ ଲାଗି ନିଷ୍ପତ୍ତି ନିଆଯାଇଛି। ବିକେଏସଏସ, ଜେଡକେ ଏସଏସ ଓ ଏନକେଏସଏସ ତାଲିକାଭୁକ୍ତ କଳାକାରଙ୍କ ଦ୍ୱାରା ପାଲା, ଦାସ କାଠିଆ ଆଦି ଜରିଆରେ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟମାନଙ୍କରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀ, ଏସଏଚଜି ଡିଏସଡବ୍ଲୁଙ୍କୁ ସଚେତନତା ମୂଳକ କାର୍ଯ୍ୟକ୍ରମ, ଏସିଏଫଙ୍କୁ ବୃକ୍ଷରୋପଣ, ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ମାରାଥନ ଓ ଯୋଗ ଶିବିର ଆୟୋଜନ ନିମନ୍ତେ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ଶେଷରେ ନୋଡାଲ ଅଧିକାରୀ ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କୁ କାର୍ଯ୍ୟ ସମ୍ପାଦନ କରିବାକୁ ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

## ଜିଲ୍ଲା ଶିକ୍ଷା ବଞ୍ଚାଅ ଚାପ୍ଟର ପକ୍ଷରୁ ସ୍ମାରକପତ୍ର ପ୍ରଦାନ



**ବାଲେଶ୍ୱର, ୩।୬ (ସମିସ):** ସମ୍ପ୍ରତି ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ରେଶନାଲାଇଜେସନ ନୀତି ଲାଗୁ କରି ଅଧ୍ୟାପକ, ପ୍ରାଧ୍ୟାପକ, ସହକାରୀ ପ୍ରଫେସର, ପ୍ରଫେସର ସହିତ ଶିକ୍ଷା କର୍ମଚାରୀ ସଂଖ୍ୟା କମାଇବା ଏବଂ ବହୁ କୋର୍ସ ଉଚ୍ଛେଦ ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ ଭିତ୍ତିରେ ଉଦ୍ୟମ କରୁଛନ୍ତି। ସେଥିପାଇଁ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ୨୨୨୫୯ ମାଧ୍ୟମରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କଠାରୁ ମତାମତ ମାଗିଛନ୍ତି। ଏହି ପରିପ୍ରେକ୍ଷୀରେ ସାରା ଭାରତ ଶିକ୍ଷା ବଞ୍ଚାଓ କମିଟିର ନିଷ୍ପତ୍ତି ଅନୁସାରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କୁ ରେଶନାଲାଇଜେସନ ବିରୁଦ୍ଧରେ ମତାମତ ଦେବାକୁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ଆଜି ବାଲେଶ୍ୱର ଜିଲ୍ଲା ଶିକ୍ଷା ବଞ୍ଚାଓ ଚାପ୍ଟର ତରଫରୁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ପ୍ରଦାନ କରାଯାଇଛି। କୁଳପତି ଅନୁପସ୍ଥିତ ଥିବାରୁ ତାଙ୍କର ବ୍ୟକ୍ତିଗତ ସଚିବଙ୍କୁ ପ୍ରଦାନ କରାଯାଇ କୁଳପତିଙ୍କୁ ସ୍ମାରକ ପତ୍ର ସମ୍ପର୍କରେ ଫୋନରେ ଅବଗତ କରାଯାଇଥିଲା। ସ୍ମାରକ ପତ୍ରରେ ଉଦବେଗ ପ୍ରକାଶ କରି କୁହାଯାଇଛି ଯେ, ସ୍କୁଲ ସ୍ତରରେ ରେଶନାଲାଇଜେସନ ଲାଗୁ କରି ରାଜ୍ୟରେ ପ୍ରାୟ ୧୪ ହଜାରରୁ ପ୍ରାଥମିକ ସ୍କୁଲଗୁଡ଼ିକୁ କ୍ଲୋଜର ଓ ମର୍ଜର ନୀତିରେ ବନ୍ଦ କରିଦେଲେ। ଗୋଟିଏ ପଟରେ ସ୍କୁଲ କଲେଜ ବିଶ୍ୱବିଦ୍ୟାଳୟରେ ଲକ୍ଷ ଲକ୍ଷ ଶିକ୍ଷକ ଅଣ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ରାସଲାନାଇଜେସନ ଦ୍ୱାରା ଆହୁରି ପଦ ଉଚ୍ଛେଦ ହେବ। ଏହି ପଲିସି ଲାଗୁ କରି ସ୍କୁଲ ବନ୍ଦ ଓ ମିଶ୍ରଣ ଭଳି ବହୁ ଉଚ୍ଚ ଶିକ୍ଷା ଅନୁଷ୍ଠାନ ବନ୍ଦ ହେବ ଏଥିରେ ସନ୍ଦେହ କରିବାର କିଛି ନାହିଁ। ତେଣୁ ଏଭଳି ଶିକ୍ଷା ମାରଣ ନୀତିକୁ ବିରୋଧ କରିବା ଉଚିତ ବୋଲି ଶିକ୍ଷା ବଞ୍ଚାଓ କମିଟିର କର୍ମକର୍ତ୍ତା କହିଛନ୍ତି। ଶିକ୍ଷା ବଞ୍ଚାଓ କମିଟିର ରାଜ୍ୟ କମିଟି ସଦସ୍ୟ କ୍ରିଷ୍ଣାରାଣୀ ସାହୁ ଓ ଭୋଳାନାଥ ବେହେରା, ବିଷ୍ଣୁପଦ ଦାସ, ନୃସିଂହ ଚରଣ ନାୟକ, ଶିବ ଶଙ୍କର ମଲ୍ଲିକ, ପ୍ରଶାନ୍ତ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ବାଲେଶ୍ୱର, ୩।୬(ସମିସ):** ସହରସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମଠାରେ ଚାଲିଥିବା ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ୮ରୁ ୧୬ ବର୍ଷର ଶିକ୍ଷାର୍ଥୀମାନଙ୍କୁ ଗତ ଜୁନ ୧ ତାରିଖରେ ଖୋ ଖୋ, ବ୍ୟାଡମିଣ୍ଟନ ଏବଂ ଟେବୁଲ୍ ଟେନିସ ଖେଳାଳିଙ୍କ ପ୍ରଶିକ୍ଷଣ ଶେଷ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଶ୍ରୀ ନାୟକ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଜୀବନର ଉଜ୍ଜ୍ୱଳ କାମନା କରିବା ସହିତ କ୍ରୀଡାକୁ ପାଥେୟ କରି ନିଜ ନିଜର ପ୍ରତିଭା, ଦକ୍ଷତା ବଳରେ ନିଜ ଅଞ୍ଚଳ, ଜିଲ୍ଲା, ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିବା ପାଇଁ ଉତ୍ସାହିତ ଏବଂ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ଏବଂ କାର୍ଯ୍ୟକାରୀ ସଭାପତି, ଟେବୁଲ୍ ଟେନିସ ସମ୍ପାଦକ ଏବଂ ଟିପିଏନଓଡିଏଲର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର, ୧୭୦ଜଣ ଶିକ୍ଷାର୍ଥୀ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଏହି ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିତ ସମସ୍ତ ଶିକ୍ଷାର୍ଥୀଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବାଲ୍ମିକୀ ମୁନି ସମାଜ ପକ୍ଷରୁ ଦାବିପତ୍ର

**ବାଲେଶ୍ୱର,୩।୬(ସମିସ):** ବିଭିନ୍ନ ଦାବି ନେଇ ବାଲ୍ମିକୀ ମୁନୀ ସମାଜ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାରଗାଁ, ଗରଡା, ଖେରଣା, ଦଳଶୁସା ଓ ଶୁସା ଗ୍ରାମର ସମସ୍ତ ଗ୍ରାମବାସୀ ଆଜକୁ ୫୦ବର୍ଷରୁ ଅଧିକ ହେବ ସାରଗାଁ ଗ୍ରାମର ବିଷେଇ ପଦା ନିକଟରେ ବାର୍ଷିକ ମୁନି ମେଳା ଅନୁଷ୍ଠିତ ହୋଇ ଆସୁଛି। ମାତ୍ର ମୁନି ଠାକୁରଙ୍କ ନାମରେ ଗରଡା ମୌଜାରେ ୧୨ଡେସିମିଲ ଜମି ଶ୍ରୀ ବାଲ୍ମିକୀ ମୁନୀ ବିଜେ ସାରଗାଁ ମାର୍ଫତ ରେକର୍ଡ ରହିଛି। ଉକ୍ତ ସମ୍ପତ୍ତିରୁ ଯାହା ଶସ୍ୟ ଉତ୍ପାଦନ ହୁଏ ତାହା ବାର୍ଷିକ ମୁନି କମିଟିକୁ ନିଆଯାଇ ମୁନି ମେଳାର ବାର୍ଷିକ ଉତ୍ସବରେ ଖର୍ଚ୍ଚ କରାଯାଏ। ବର୍ତ୍ତମାନ ଉକ୍ତ ସମ୍ପତିକୁ ସେମାନଙ୍କର ବଂଶଜମାନେ ମୁନି କମିଟିର ସଦସ୍ୟମାନଙ୍କୁ ନ ଜଣାଇ ଜବରଦସ୍ତ ରାସ୍ତା ପକାଇ ବିକ୍ରି କରିବାକୁ ଚାହୁଁଛନ୍ତି। ଏଣୁ ଉକ୍ତ ଠାକୁର ସମ୍ପତ୍ତିକୁ ରକ୍ଷଣା ବେକ୍ଷଣା କରିବା ସଙ୍ଗେ ସଙ୍ଗେ ସେଇ ଜାଗା ଉପରେ ପଡିଥିବା ବେଆଇନ ରାସ୍ତାକୁ ବନ୍ଦ କରାଯାଇ ଠାକୁର ସମ୍ପତ୍ତିକୁ ରକ୍ଷଣା ବେକ୍ଷଣା କରାଗଲେ ଗ୍ରାମବାସୀ ଉପକୃତ ହେବେ ବୋଲି ଗ୍ରାମର ଦିବକାର ସ, ଗଣେଶ ଚନ୍ଦ୍ର ଦାସ, ଗୋବର୍ଦ୍ଧନ ଦାସ ଦାବି କରିଛନ୍ତି।

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ

# ପାସ୍ ହାର ୮୨.୧ ପ୍ରତିଶତ, ସୁଜଳ ଶୁଭ୍ରଜିତ୍ ଶ୍ରେଷ୍ଠ ସ୍ନାତକ



**ବାଲେଶ୍ୱର, ୩।୬ (ସମିସ):** ଚଳିତବର୍ଷ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶିତ ହୋଇଛି। ଏବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟରେ ସମୁଦାୟ ୧୧୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୯୧୬ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଅନର୍ସ ଡିଷ୍ଟିଂସନ୍ ସହିତ ପ୍ରଥମ ଶ୍ରେଣୀରେ ୪୮୦ ଜଣ, କେବଳ ପ୍ରଥମ ଶ୍ରେଣୀରେ ୨୨୭ ଜଣ, ଅନର୍ସ ଡିଷ୍ଟିଂସନ୍ ସହିତ ଦ୍ୱିତୀୟ ଶ୍ରେଣୀରେ ୧୫ଜଣ, କେବଳ ଦ୍ୱିତୀୟ ଶ୍ରେଣୀରେ ୧୯୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମୁଦାୟ ଛାତ୍ରଛାତ୍ରୀଙ୍କ ପାସ୍ ହାର ଶତକଡ଼ା ୮୨.୧ ରହିଛି। ସେହିପରି କଳା ବିଭାଗରେ ପାସ୍ ହାର ୮୦.୪% ହୋଇଥିଲା ବେଳେ ବିଜ୍ଞାନ ବିଭାଗରେ ପାସ୍ ହାର ୮୮.୩% ଓ ବାଣିଜ୍ୟ ବିଭାଗରେ ପାସ୍ ହାର ୮୦.୩ % ହୋଇଛି। ଭୂତତ୍ତ୍ୱ ବିଭାଗର ଛାତ୍ର ସୁଜଳ ଶୁଭ୍ରଜିତ୍ ଶ୍ରେଷ୍ଠ ସ୍ନାତକ ଭାବରେ ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ଅର୍ଥନୀତି ବିଭାଗରେ ସ୍ମୃତି ଦାସ, ଶିକ୍ଷା ବିଭାଗରେ ଚର୍ଚ୍ଚିତା ବେହେରା, ଇଂରାଜୀ ବିଭାଗରେ ସ୍ୱାଗତିକା ରଥ, ଇତିହାସ ବିଭାଗରେ ପ୍ରଦୀପ ଭୋଇ, ଓଡ଼ିଆ ବିଭାଗରେ ସରସ୍ୱତୀ ପଲ୍ଲାଇ, ଦର୍ଶନ ବିଭାଗରେ କାହ୍ନ ତ୍ରିପାଠୀ, ସଂସ୍କୃତରେ ଆୟୁଷୀ ପରିଡ଼ା, ରାଜନୀତି ବିଜ୍ଞାନ ବିଭାଗରେ ଶ୍ରୁତିପ୍ରଜ୍ଞା ମଲ୍ଲିକ, ହିନ୍ଦୀ ବିଭାଗରେ କାବେରୀ କବି, ମନସ୍ତତ୍ତ୍ୱ ବିଭାଗରେ ମାହେଶ୍ୱରୀ ଦାସ, ସମାଜତତ୍ତ୍ୱ ବିଭାଗରେ ଦେବୀସ୍ମିତା ଦାସ, ଉର୍ଦ୍ଦୁ ବିଭାଗରେ ଅନିସା ଫାତେମା, ନୃତତ୍ତ୍ୱ ବିଭାଗରେ ପ୍ରଜ୍ଞା ପାରମିତା ଦାଶ ଏବଂ ଭୂଗୋଳ ବିଭାଗରେ ସୁଲଗ୍ନା ପାଣିଗ୍ରାହୀ ସ୍ନାତକ କଳା ଅନ୍ତର୍ଗତ ଉପଯୁକ୍ତ ବିଭିନ୍ନ ବିଷୟର ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଉଦ୍ଭିଦ ବିଜ୍ଞାନରେ ବିଶ୍ୱଜିତ ଷେଣ୍ଠ, ରସାୟନ ବିଜ୍ଞାନରେ ପ୍ରଣୟ ସୌରଭ ଘୋଷ, କମ୍ପ୍ୟୁଟର ବିଜ୍ଞାନରେ ବିଘ୍ନେଶ ଦାସ, ଗଣିତରେ ଶୁଭଶ୍ରୀ ପଣ୍ଡା, ପଦାର୍ଥ ବିଜ୍ଞାନରେ ସୌମ୍ୟା ଶୁଭଦର୍ଶିନୀ ସାହୁ, ପ୍ରାଣୀ ବିଜ୍ଞାନରେ ତନ୍ମୟ କର ଏବଂ ଭୂତତ୍ତ୍ୱ ବିଜ୍ଞାନରେ ସୁଜଳ ଶୁଭ୍ରଜିତ ସ୍ନାତକ ବିଜ୍ଞାନ ଅନ୍ତର୍ଗତ ଉପଯୁକ୍ତ ବିଷୟକ ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଛନ୍ତି। ସେହିପରି ସ୍ନାତକ ବାଣିଜ୍ୟ ଅନର୍ସ ପରୀକ୍ଷାରେ ଦର୍ଶନ ମହାନ୍ତି ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବି.ବି.ଏ. ବିଭାଗରେ ସମୁଦାୟ ୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୩୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି ଓ ଛାତ୍ରୀ ଆକାଂକ୍ଷା ପ୍ରଧାନ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଇଣ୍ଟିଗ୍ରେଟେଡ୍ ବି.ଏଡ. କଳା ଓ ବିଜ୍ଞାନ ପରୀକ୍ଷାଫଳ ମଧ୍ୟ ପ୍ରକାଶିତ ହୋଇଛି। ଏବର୍ଷ କଳା ଓ ବିଜ୍ଞାନରେ ସମୁଦାୟ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ତନ୍ମଧ୍ୟରୁ ୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ପାସ୍ ହାର ଶତକଡ଼ା ୮୪.୮ ରହିଛି। ସ୍ନାତକ କଳା ଭାଷା ବିଭାଗ ଅନ୍ତର୍ଗତ ଅନର୍ସ ପରୀକ୍ଷାରେ ଓଡ଼ିଆ ବିଭାଗର ସାବିତ୍ରୀ ଗିରି ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଥିଲା ବେଳେ ସାମାଜିକ ବିଜ୍ଞାନ ଅନ୍ତର୍ଗତ ଭୂଗୋଳ ବିଭାଗର ଜ୍ୟୋତିର୍ମୟୀ ନନ୍ଦି ଏବଂ ଜୈବିକ ବିଜ୍ଞାନ ଅନ୍ତର୍ଗତ ପ୍ରାଣୀ ବିଜ୍ଞାନ ବିଭାଗର ଶ୍ରଦ୍ଧା ସୁମନ ଗାଁଣ ଏବଂ ଭୌତିକ ବିଜ୍ଞାନ ଅନ୍ତର୍ଗତ ପଦାର୍ଥ ବିଜ୍ଞାନ ବିଭାଗର ଅନ୍ୱେଷା ବର୍ଦ୍ଧନ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବୋଲି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ସୂଚନା ଦେଇଛନ୍ତି।

## ବୋଇତବାଙ୍କରେ ସ୍ୱାସ୍ଥ୍ୟସେବା ଶିବିର



**ବାଲେଶ୍ୱର, ୩।୬ (ସମିସ):** ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ଅନ୍ତର୍ଗତ ବୋଇତବାଙ୍କଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଇମାମି ପେପର ମିଲ୍ସ ଓ ଉତ୍କଳମଣି ଯୁବକ ସଂଘ ସହାୟତାରେ ଏହି ଶିବିରରେ ଡା. ଜିତେନ୍ଦ୍ର ମହାରଣା ଓ ଡା. ପ୍ରଦୀପ ଜେନା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ବର୍ଗର ୧୦୦ରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥିଲେ। ରୋଗୀମାନଙ୍କ ବ୍ଲଡପ୍ରେସର, ଏକ୍‌ଜିମା, ଡାଇବେଟିକ୍, ସ୍ତ୍ରୀରୋଗ, ବାତରୋଗ, ଅସ୍ଥିରୋଗ, ଶ୍ୱାସ ରୋଗ ପ୍ରଭୃତିର ଚିକିତ୍ସା କରାଯିବା ସହ ଔଷଧ ଦିଆଯାଇଥିଲା। ଯୁବକ ସଂଘର ସଭାପତି ଚିରଞ୍ଜିବୀ ପାଣିଗ୍ରାହୀ, ତପନ କମିଳା, ମୃତ୍ୟୁଞ୍ଜୟ ପଣ୍ଡା, ଆନନ୍ଦସାଇ ରଥ, ସୁମନ ସିଂ ଓ ବିବେକାନନ୍ଦ ମହାଳିକ ପ୍ରମୁଖ ଶିବିରକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ



**ବାଲେଶ୍ୱର, ୩।୬(ସମିସ):** ସାହିତ୍ୟିକମାନେ ସମାଜରେ ଅଘଟଣ, ଅସଙ୍ଗତି ଦୂର କରିପାରିବେ। ଉତ୍କୃଷ୍ଟ ଲେଖା ଲେଖିବା ନେଇ ଲେଖକମାନେ ସଚେତନ ହେବା ଆବଶ୍ୟକ। 'ଅପରାହ୍ନ' ପକ୍ଷରୁ ବାଲେଶ୍ୱରର ଗାନ୍ଧୀସ୍ମୃତି ଭବନରେ ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଓ କବିତା କୁମ୍ଭର ଦ୍ୱିତୀୟ ଦିବସରେ ଉଦ୍‌ଘାଟକ ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସମ୍ପାଦକ ବଂଶୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସାମ୍ବାଦିକ କିଶୋର ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଲେଶ୍ୱରରେ ଏଭଳି ସାରସ୍ୱତ ଆୟୋଜନକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କବି ରକ୍ଷକ ନାୟକ, କବି ଅଭୟ ଦାସ, କବି ରଞ୍ଜନ ବାଗ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ଶ୍ରୀଲିପ୍ସା ପ୍ରିଣ୍ଟ ମିଡିଆ ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କବିତା ପାଠ, ପୁସ୍ତକ ଉନ୍ମୋଚନ, ସମ୍ମାନ ପ୍ରଦାନ କରାଯାଇଥିଲା।

**ବାଲେଶ୍ୱରରେ ପାରଦ ଉପର ମୁହାଁ**

# ଦିନ ୧୧ଟାରୁ ସହର ରାସ୍ତାଘାଟ ଶୂନ୍‌ଶାନ

ବାଲେଶ୍ୱର, ୩।୬ (ସମିସ)




ବାଲେଶ୍ୱରରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ବାଲେଶ୍ୱର ସବୁଠାରୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ସକାଳ ୮ଟା ୩୦ରେ ୩୪.୮ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଥିବାବେଳେ ଅପରାହ୍ନ ୫ଟା ସୁଦ୍ଧା ୩୯.୦୫ଡିଗ୍ରୀ ସେଲସିୟସରେ ପହଞ୍ଚିଥିଲା। ଦିନ ୧୧ଟା ପରଠୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ୨୦୨୪ମସିହାରେ ଜିଲ୍ଲାରେ ଏପ୍ରିଲ ୩୦ତାରିଖରେ ସର୍ବାଧିକ ୪୬ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ୨୦୨୩ ଏପ୍ରିଲ ୨୦ରେ ୪୧.୧ଡିଗ୍ରୀ, ୨୦୨୨ମସିହା ମେ ମାସରେ ୪୦.୪ ଡିଗ୍ରୀ ଏବଂ ୨୦୨୧ମସିହା ମାର୍ଚ୍ଚ ମାସ ୩୧ତାରିଖରେ ୪୩ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିଲା ବୋଲି ପାଣିପାଗ ବିଭାଗର ବାଲେଶ୍ୱର ଅଧିକାରୀ ମୋହନ ଦାସ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଏହି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇ ୪୦ରୁ ୪୧ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହେବାର ସମ୍ଭାବନା ରହିଛି । ଖରା ତାତି ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲୋକେ ପଦାକୁ କମ୍ ବାହାରୁଛନ୍ତି। ଏହି ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତିମାନ କରାଯାଉଛି। ଅଂଶୁଘାତ ରୋକିବା ପାଇଁ ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ଲୋକମାନଙ୍କୁ ସତର୍କ ରହିବା ସହ ଖରାକୁ ଅଧିକ ନ ବାହାରିବା ପାଇଁ ପରାମର୍ଶ ମଧ୍ୟ ଦିଆଯାଉଛି। ଏହାଛଡା କୌଣସି ସ୍ଥାନରୁ ଅଂଶୁଘାତର ସୂଚନା ମିଳିଲେ ତୁରନ୍ତ ସେମାନଙ୍କୁ ଚିକିତ୍ସା କରାଯିବା ନେଇ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ସଜାଗ ରହିଛନ୍ତି। ଜିଲ୍ଲା ଜରୁରୀ ଅଧିକାରୀ ସାଇକୃଷ୍ଣ ଜେନା କହିଛନ୍ତି ଯେ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲାସ୍ତରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି।

■ ରଥଖଳାରୁ...

## ଚାଲିଛି ଚକ ଥାକ



ପୁରୀ,୩।୬(ସମିସ): ଆଉ ୨୩ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ରଥଖଳା। ମହାପ୍ରଭୁଙ୍କ ପ୍ରତି ସମର୍ପଣ ମନୋଭାବ ରଖି କାମ କରୁଛନ୍ତି ରଥ ନିର୍ମାଣକାରୀ ସେବକ। ବିଧି ମୁତାବକ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ମଙ୍ଗଳବାର ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ଚକ ଥାକ ସହ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହୋଇଛି। ତାଳଧ୍ୱଜ ଏବଂ ଦେବଦଳନ ଚକ ଥାକ କାର୍ଯ୍ୟ ଶେଷ ହୋଇଥିବାବେଳେ ନନ୍ଦିଘୋଷ ରଥର ଏହି କାର୍ଯ୍ୟ ଜାରି ରହିଛି। ରଥଯାତ୍ରା ପୂର୍ବଦିନ ରଥଗୁଡ଼ିକ ବିନା ବାଧାରେ ଯେପରି ନିଜ ନିଜ ସ୍ଥାନରେ ସିଂହଦ୍ୱାରଠାରେ ପହଞ୍ଚିପାରିବ ସେଥିପାଇଁ ଦିଗ ନିର୍ଣ୍ଣୟ କରାଯାଇ ଚକ, ଅଖଗୁଡ଼ିକୁ ସେଟିଂ କରାଯାଇଥାଏ। ଏଥିସହ ରଥ ନିର୍ମାଣ ସମୟରେ ଚକଗୁଡ଼ିକ ନିଜ ସ୍ଥାନରୁ ନ ଗଡ଼ିବା ପାଇଁ ପ୍ରତ୍ୟେକ ଚକରେ ମେଣ୍ଢି ଲଗାଯାଉଛି। ସେହିପରି ୫ଟି ଲେଖାଏଁ ପୋଲ ଗଯଳ କାମ ସରିଥିବାବେଳେ ତିନିରଥର ଜଗତପୃଷ୍ଠ ଶ୍ରେଣୀ ୪ଟି ଲେଖାଏଁ ଶେଷ ହୋଇ ଗୋଟିଏ ଲେଖାଏଁ ବାକି ରହିଛି। ଦେବଦଳନ ରଥର ୨ଟି ଓ ତାଳଧ୍ୱଜ ରଥର ଗୋଟିଏ ଧୂଳିଦଣ୍ଡା ଶେଷ ହୋଇଥିବାବେଳେ ନନ୍ଦିଘୋଷ ରଥର ୨ଟି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାରମାନେ ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ କରୁଛନ୍ତି। ମୁହାଁଟିରେ ଡାଳିଲତା ଶେଷ ପର୍ଯ୍ୟାୟରେ। ରଥଚାଳିରେ ରୂପକାର ସେବକ ତିନିରଥର ଦୁଆର ପାଇଁ ନାଟଗୋଡ଼ରେ ରାହୁରୂପ ଖୋଦେଇ ସହ ସିଂହାସନ ମୁହାଁଟିରେ ଖୋଦେଇ ଚିତ୍ରର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଦଣ୍ଡା କଣ୍ଟା, ଗଯଳ କଣ୍ଟା, ଗରଗରା କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ତିଆରି କରୁଛନ୍ତି।

### ଗାଡ଼ି ଚେକିଂରେ ପୁଲିସକୁ ଅଧିକ କ୍ଷମତା

# ବସ୍ ମାଲିକ ସଂଘର ବିରୋଧ, ନିଷ୍ପତ୍ତିର ପୁନର୍ବିଚାର ଦାବି

ଭୁବନେଶ୍ୱର,୩।୬(ସମିସ): ଯାନବାହାନ ଯାଞ୍ଚରେ ରାଜ୍ୟ ସରକାର ପୁଲିସକୁ ଅଖଣ୍ଡ କ୍ଷମତା ଦେବାକୁ ଯୋଜନା କରିଛନ୍ତି। ପୂର୍ବ କ୍ଷମତା ସହ ଏମ୍‌ଭି ଆକ୍ଟରେ ପୁଲିସକୁ ଆହୁରି କ୍ଷମତାଶାଳୀ କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ତୀବ୍ର ବିରୋଧ କରିଛି। ସରକାରଙ୍କ ଏହି ପଦକ୍ଷେପ ସମସ୍ୟା ସୃଷ୍ଟି କରିବ ବୋଲି ଉଲ୍ଲେଖ କରି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବସ୍‌ମାଲିକ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛି।

ମୋଟର ଯାନ ପରିବହନ ଆଇନ ୧୯୮୮ ଅନୁଯାୟୀ ପୁଲିସକୁ ହେଲମେଟ୍, ସିଟ୍ ବେଲ୍ଟ, ଟ୍ରିପଲ ରାଇଡର୍, ଭୁଲ୍ ସାଇଡ୍ ଡ୍ରାଇଭିଂ, ମଦ୍ୟପାନ କରି ଗାଡ଼ି ଚାଳନା ଇତ୍ୟାଦି ମୋଟରଯାନର ଯାଞ୍ଚ ପାଇଁ କିଛି କ୍ଷମତା ଦିଆଯାଇଥିଲା। ମାତ୍ର ରାଜ୍ୟ ସରକାର ମୋଟରଯାନର ଯାଞ୍ଚ ପାଇଁ ପୁଲିସ ବିଭାଗକୁ ଅଧିକ ଅତିରିକ୍ତ କ୍ଷମତା ପ୍ରଦାନ କରିବାକୁ ଯୋଜନା ସରକାର ଓ ପରିବହନକାରୀ ସଂସ୍ଥା ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ଅତୀତରେ ପୁଲିସକୁ ଏପରି ଦାୟିତ୍ୱ ଦିଆଯାଇଥିଲା; ମାତ୍ର ପୁଲିସ୍ ଏହାର ଅପବ୍ୟବହାର କରିଥିଲା ଓ ଦୁର୍ନୀତି ବୃଦ୍ଧି ପାଇଥିଲା। ଫଳସ୍ୱରୂପ ପୂର୍ବ ସରକାର ପୁଲିସ ବିଭାଗକୁ ଦିଆଯାଇଥିବା କ୍ଷମତା ପ୍ରତ୍ୟାହାର କରିଥିଲେ। ସମ୍ପ୍ରତି ରାଜ୍ୟରେ ଅପରାଧ ହ୍ରାସ କ୍ଷେତ୍ରରେ ପୁଲିସ ସଫଳ ହୋଇପାରିନାହିଁ। ଏହାସହ ସେମାନଙ୍କୁ ପରିବହନ ବିଭାଗର ଦାୟିତ୍ୱ ପ୍ରଦାନ କରାଗଲେ ଅପରାଧ ନିୟନ୍ତ୍ରଣ ହୋଇପାରିବ ନାହିଁ ଓ ଅନ୍ୟପକ୍ଷରେ କ୍ଷମତାର ଅପବ୍ୟବହାର କରି ପୁଲିସ ଅଧିକ ଦୁର୍ନୀତି କରିବାର ଆଶଙ୍କା ରହିଛି।

ସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଚଳାଚଳ କରୁଥିବା ମୋଟରଯାନ ଯାଞ୍ଚ ପାଇଁ ପୂର୍ବ ସରକାର "ଓଡ଼ିଶା ମୋଟରଯାନ ପ୍ରବର୍ତ୍ତନ ବିଭାଗ' ନାମରେ ଏକ ପୃଥକ୍ ଶାଖା ସୃଷ୍ଟି କରିଥିଲେ। ଯଦି ପୁଲିସକୁ ଅଧିକ କ୍ଷମତା ନ୍ୟସ୍ତ କରାଯାଏ, ତେବେ ଦୁର୍ନୀତି ବଢ଼ିବ ଓ ସାଧାରଣ ଲୋକମାନେ ଶୋଷଣର ଶିକାର ହେବେ। ଫଳରେ ସରକାର ମଧ ସାଧାରଣରେ ବଦନାମ କରିବ। ବିଭିନ୍ନ ସାଧାରଣ ସଭାରେ ପୁଲିସର ନକାରାତ୍ମକ ମନୋଭାବ ବିଷୟରେ ମୁଖ୍ୟମନ୍ତ୍ରୀ ନିଜେ ଚିନ୍ତାପ୍ରକଟ କରିଛନ୍ତି। ଏବେ ବି ଗାଡ଼ି ମାଲିକମାନଙ୍କୁ ପୁଲିସ ବିଭାଗ ଦ୍ୱାରା ଅନାବଶ୍ୟକ ଇ-ଚାଲାଣକୁ ମାଧ୍ୟମ କରି ହଇରାଣ କରାଯାଉଛି। ସମ୍ପ୍ରତି ଭୁବନେଶ୍ୱରରେ ପୁଲିସ୍ ଘରୋଇ ବସ୍ ମାଲିକଙ୍କ ବସ୍ ବିରୋଧରେ ମନଇଚ୍ଛା ୫୦୦ରୁ ଅଧିକ ଇ-ଚାଲାଣ କାଟିଛି। ଏହା ପରିବହନ ସଂସ୍ଥା ଦ୍ୱାରା ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ କ୍ରୋଧ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଗାଡ଼ି ଯାଞ୍ଚ କ୍ଷମତା ପୁଲିସକୁ ପ୍ରଦାନ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

### ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣା

## ଜିଲ୍ଲା ପ୍ରଶାସନିକ ଅଧିକାରୀ ମହାସଂଘର ଦୃଢ଼ ପ୍ରତିବାଦ



ବାରିପଦା, ୩।୬(ସମିସ): କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ବାଲିମାଫିଆଙ୍କ ମରଣାନ୍ତକ ଆକ୍ରମଣ ଘଟଣାର ଦୃଢ଼ ପ୍ରତିବାଦ କରିଛି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନିକ ଅଧିକାରୀ ମହାସଂଘ। ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଈଶ୍ୱର ନାଏକ ଏବଂ କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ବହୁ ଓଡ଼ିଶା ପ୍ରଶାସନିକ ଅଧିକାରୀ ଓ ରାଜସ୍ୱ ସେବା ଅଧିକାରୀ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ପ୍ରତିବାଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାସହ ଲଘୁ ଖଣିଜ ଚୋରି ରୋକିବା ପାଇଁ ଦୀର୍ଘସ୍ଥାୟୀ କାର୍ଯ୍ୟାବଳୀ ପ୍ରସ୍ତୁତି କରିବାକୁ ଆବେଦନ କରିଛନ୍ତି। ଅପରପକ୍ଷେ, ଗତକାଲିର ଘଟଣାରେ ପୁଲିସ୍ ଆଜି ୩ଜଣ ବାଲିମାଫିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ସୋମବାର ଚୋରା ବାଲି ଗାଡ଼ି ଧରିବାକୁ ଯାଇ ଅତିରିକ୍ତ ତହସିଲଦାର ଶ୍ରୀ ମାଝୀ ମାଫିଆଙ୍କ ଆକ୍ରମଣର ଶିକାର ହୋଇଥିଲେ। ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ବାଲିମାଫିଆ ସଂଘବଦ୍ଧ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଗାଡ଼ିକୁ ଭାଙ୍ଗି ଚୂରମାର୍ କରିଦେଇଥିଲେ। ଏହି ଘଟଣା କପ୍ତିପଦା ଥାନା ସମ୍ମୁଖରେ ଘଟିଥିଲା।

ପ୍ରକାଶଥାଉକି, ସମଗ୍ର ଜିଲ୍ଲାରେ ବିଭିନ୍ନ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ଚୋରାଚାଲାଣ ପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ଖଣି ଅଧିକାରୀଙ୍କୁ ଆକ୍ରମଣ ପାଇଁ ବିଭାଗ ପକ୍ଷରୁ ତତ୍ପରତା କମିଥିବା ବେଳେ ପୁଲିସର ନିରବତା ପାଇଁ ରାଜସ୍ୱ ବିଭାଗ ଅଧିକାରୀ ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି।

## କଳାବ୍ୟାଜ୍ ପିନ୍ଧିଲେ ତହସିଲ କର୍ମଚାରୀ




କପ୍ତିପଦା, ୩।୬ (ସମିସ): କପ୍ତିପଦା ଅତିରିକ୍ତ ତହସିଲଦାର ଶ୍ରୀ ମାଝୀଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ ଜଣାଇ ମଙ୍ଗଳବାର ତହସିଲର ସମସ୍ତ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ତହସିଲ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କର୍ମଚାରୀମାନଙ୍କ ସହ ତହସିଲଦାର ମଧ୍ୟ ସାମିଲ ଥିଲେ। ଅତିରିକ୍ତ ତହସିଲଦାରଙ୍କୁ ମାଫିଆମାନେ ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି। ଗତକାଲିର ଘଟଣାକୁ ନେଇ ତହସିଲର ସମସ୍ତ କର୍ମଚାରୀ, ରାଜସ୍ୱ ନିରୀକ୍ଷକ ଭୟଭୀତ ଅବସ୍ଥାରେ ଅଛନ୍ତି। ତେଣୁ ପୁଲିସ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନକଲେ, ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ସମସ୍ତ ତହସିଲ ପକ୍ଷରୁ ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ, ସମସ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଛି। ଆଜି ଅପରାହ୍ଣ ସୁଦ୍ଧା ୩ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୯ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରିଣୀ ବବିତା ପୁହାଣ କହିଛନ୍ତି।

## ମହିଳା ଆୟୋଗରେ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ ଉପରେ ଗୁରୁତ୍ୱାରୋପ

କଟକ, ୩।୬ (ସମିସ): ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁ ଆଇନ ସେବା ଭବନଠାରେ ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହ ମହିଳା ଓ ଶିଶୁମାନଙ୍କ ଆଇନଗତ ସମସ୍ୟାର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ସନ୍ଦର୍ଭରେ ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ପ୍ରମୁଖ ଶାସନ ସଚିବ ବିଚାରପତିଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କିଭଳି ଭାବେ ଅଭିଯୋଗ ପତ୍ରଗୁଡ଼ିକର ଉପଯୁକ୍ତ ସମାଧାନ କରାଯାଇପାରିବ ଏବଂ ଯୌନ ଅତ୍ୟାଚାର, ଯୌତୁକ ଜନିତ ତଥା ମହିଳା ସମ୍ବନ୍ଧୀୟ ଅପରାଧର ପୀଡ଼ିତାମାନଙ୍କୁ ସମୟାନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରାଯିବ ତାହା ଅବଗତ କରାଇଥିଲେ। ଏ ସଂକ୍ରାନ୍ତରେ ପ୍ରଥମେ ଏତଲା ରୁଜୁ ହେବା ସମ୍ପର୍କରେ ଜଷ୍ଟିସ ସାହୁ ଗୁରୁତ୍ୱରୋପ କରିଥିଲେ। ଏତଦ୍‌ବ୍ୟତୀତ ସେ ପୀଡିତାମାନଙ୍କୁ ଆଇନ ସେବା ଅନୁଷ୍ଠାନମାନଙ୍କ ଦ୍ୱାରା ଅନୁକମ୍ପାରାଶି ତଥା ଉପଯୁକ୍ତ ଅଧିବକ୍ତା ଯୋଗାଇଦେବା ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ମହିଳା ଆୟୋଗଠାରେ ଏକ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ କରିବା ଏବଂ ଅଭିଯୋଗ-ପ୍ରକ୍ରିୟା ପୀଡିତା ତଥା ବିପକ୍ଷବ୍ୟକ୍ତିଙ୍କୁ ପୁଲିସ୍ ମାଧ୍ୟମରେ ସୂଚନା ଦେବାକୁ ଜଷ୍ଟିସ ସାହୁ ପରାମର୍ଶ ପ୍ରଦାନ କରିଥିଲେ।

# ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୨୫ • ପାଉଣ୍ଡ ୧୧୫.୩୬
- ୟୁରୋ ୯୭.୨୩ • ୟେନ୍ ୦.୫୯


### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୦,୮୦୦ (ନୂଆଦିଲ୍ଲୀ)
- ରୁପା : ୧୦୦,୦୦୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୩୭.୦୦
- ନିଫ୍ଟି ୨୪,୫୪୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଓଇସିଡି ରିପୋର୍ଟ

## ଟ୍ରମ୍ପଙ୍କ ଶୁଳ୍କ ନିଷ୍ପତ୍ତି ଆମେରିକାକୁ ବୁଡ଼ାଇବ

ୱାଶିଂଟନ୍,୩।୬(ଏଜେନ୍ସି): ବିଶ୍ୱର ସର୍ବବୃହତ ଅର୍ଥନୀତି ଆମେରିକା ଚଳିତବର୍ଷ ବର୍ଷ ଏକ ବଡ଼ ମାନ୍ଦାବସ୍ଥା ଆଡକୁ ମୁହାଁଇଛି। ଆର୍ଥିକ ସହଯୋଗ ଏବଂ ବିକାଶ ସଂଗଠନ (ଓଇସିଡି) ପକ୍ଷରୁ ମଙ୍ଗଳବାର ଏକ ରିପୋର୍ଟରେ ଏହା କୁହାଯାଇଛି। ଆମେରିକାର ଜିଡିପି ଅଭିବୃଦ୍ଧି ୨୦୨୫ରେ ୨.୮% ରୁ ୧.୬% କୁ ହ୍ରାସ ପାଇବ ଏବଂ ୨୦୨୬ ରେ ଏହା ଆହୁରି ୧.୫% କୁ ଖସିଆସିବ। ରିପୋର୍ଟ ଅନୁଯାୟୀ, ଏହାର ସବୁଠାରୁ ବଡ଼ କାରଣ ହେଉଛି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଏବଂ ତାଙ୍କ ଦ୍ୱାରା ବିଭିନ୍ନ ଦେଶ ଉପରେ ଲାଗୁ କରାଯାଇଥିବା ଭାରୀ ଶୁଳ୍କ।

ଓଇସିଡି ଅନୁଯାୟୀ, ଟ୍ରମ୍ପ ଆମଦାନୀ ଉପରେ ହାରାହାରି ଶୁଳ୍କ ହାର ୨.୫% ରୁ ୧୫.୪% କୁ ବୃଦ୍ଧି କରିଛନ୍ତି, ଯାହା ୧୯୩୮ ପରଠାରୁ ସର୍ବାଧିକ। ଏଥିଯୋଗୁ କେବଳ ଆମେରିକୀୟ ଲୋକଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁନାହିଁ, ବରଂ ଏହା ଆମଦାନୀ ହୋଇଥିବା କଞ୍ଚାମାଲ ଉପରେ ନିର୍ଭରଶୀଳ କମ୍ପାନୀଗୁଡ଼ିକର ଖର୍ଚ୍ଚ ମଧ ବୃଦ୍ଧି କରିଛି। ଟ୍ରମ୍ପ ପ୍ରାୟ ପ୍ରତ୍ୟେକ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ୧୦% ଶୁଳ୍କ ଲାଗୁ କରିଛନ୍ତି ଏବଂ ଇସ୍ପାତ, ଆଲୁମିନିୟମ ଏବଂ ଅଟୋମୋବାଇଲ୍ ଭଳି କ୍ଷେତ୍ର ଉପରେ ସ୍ୱତନ୍ତ୍ର ଶୁଳ୍କ ମଧ ଲଗାଇଛନ୍ତି। କେବଳ ଏତିକି ନୁହେଁ, ସେ ଇସ୍ପାତ ଏବଂ ଆଲୁମିନିୟମ ଉପରେ ଶୁଳ୍କ ୫୦% ବୃଦ୍ଧି କରିବାକୁ ମଧ ଧମକ ଦେଇଛନ୍ତି। ଏହି ଅନିଶ୍ଚିତତା ବ୍ୟବସାୟୀ ଏବଂ ଗ୍ରାହକଙ୍କ ଆତ୍ମବିଶ୍ୱାସକୁ ଦୋହଲାଇ ଦେଇଛି। ଏ ସମ୍ପର୍କରେ ଓଇସିଡି ମୁଖ୍ୟ ଅର୍ଥନୀତିଜ୍ଞ ଆଲଭାରୋ ପେରେରା କହିଛନ୍ତି ଯେ ବାଣିଜ୍ୟ ପ୍ରତିବନ୍ଧକ ଏବଂ ନୀତି ଅନିଶ୍ଚିତତା ବିଶ୍ୱ ବାଣିଜ୍ୟ ଏବଂ ନିବେଶକୁ କ୍ଷତି ପହଞ୍ଚାଇଛି। ଗତ ସପ୍ତାହରେ, ନ୍ୟୁୟର୍କର ଏକ କୋର୍ଟ ଟ୍ରମ୍ପଙ୍କ ଅଧିକାଂଶ ଶୁଳ୍କକୁ ବେଆଇନ କହି ବନ୍ଦ କରିଦେଇଥିଲେ, କିନ୍ତୁ ଆପିଲ୍ କୋର୍ଟ ଏହି ଶୁଳ୍କକୁ ବଳବତ୍ତର ରଖିବାକୁ ଅନୁମତି ଦେଇଛନ୍ତି, ଯାହା ଅନିଶ୍ଚିତତାକୁ ଆହୁରି ବୃଦ୍ଧି କରିଛି।



### ଶୁଭିଲାଣି ମାନ୍ଦାବସ୍ଥାର ପଦଧ୍ୱନୀ

### ଜିଡିପି ଅଭିବୃଦ୍ଧି ୨% ତଳେ ରହିବ

ବିଶ୍ୱ ଅର୍ଥନୀତି ମଧ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧର ପ୍ରଭାବର ସମ୍ମୁଖୀନ ହେଉଛି। ଓଇସିଡି ଆକଳନ କରିଛି ଯେ ବିଶ୍ୱ ଅଭିବୃଦ୍ଧି ୨୦୨୪ ରେ ୩.୩% ରୁ ୨୦୨୫ ରେ ୨.୯% କୁ ହ୍ରାସ ପାଇବ ଏବଂ ୨୦୨୬ରେ ସମାନ ରହିବ। ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ଚୀନ୍ ୨୦୨୫ରେ ୪.୭% ଏବଂ ୨୦୨୬ ରେ ୪.୩% ଅଭିବୃଦ୍ଧି ପାଇବ, ଯାହା ଗତ ବର୍ଷ ୫% ଥିଲା। ଟ୍ରମ୍ପଙ୍କ ଶୁଳ୍କ ଚୀନ୍ ରପ୍ତାନିକାରୀଙ୍କୁ କ୍ଷତି ପହଞ୍ଚାଇବ, ଯଦିଓ ବେଜିଂ ସୁଧ ହାର ହ୍ରାସ ଏବଂ କାରଖାନାଗୁଡ଼ିକୁ ଉନ୍ନତ କରି କିଛି ଆଶ୍ୱସ୍ତି ଦେବାକୁ ଚେଷ୍ଟା କରିଛି। ଅନ୍ୟପକ୍ଷରେ, ୟୁରୋ ମୁଦ୍ରା ବ୍ୟବହାର କରୁଥିବା ୨୦ ୟୁରୋପୀୟ ଦେଶ ୨୦୨୫ ରେ ୧% ଏବଂ ୨୦୨୬ ରେ ୧.୨% ଅଭିବୃଦ୍ଧି ପାଇପାରିବେ, ଯାହା ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ଦ୍ୱାରା ସହାୟତା ପାଇବ।

## କୁର୍ଲାରେ ଗୋଦାମ ଘର ଲିଜ୍‌ରେ ନେଲା ଟେସ୍‌ଲା

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଭାରତରେ କାର୍ ବକ୍ରି କରିବାକୁ ଆଗ୍ରହୀ ଏଲନ୍ ମସ୍କଙ୍କ କମ୍ପାନୀ ଟେସ୍‌ଲା ସବୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏଥିପାଇଁ କମ୍ପାନୀ ମୁମ୍ବାଇର କୁର୍ଲା ଅଞ୍ଚଳର ଲୋଧା ଲଜିଷ୍ଟିକ୍ ପାର୍କରେ ୨୪,୫୬୫ ବର୍ଗଫୁଟ ଗୋଦାମ ସ୍ଥାନକୁ ପାଞ୍ଚ ବର୍ଷ ପାଇଁ ଲିଜ୍ ନେଇଛି ଏଲନ ମସ୍କଙ୍କ ଟେସ୍‌ଲା କମ୍ପାନୀ। ତଥ୍ୟ ଅନୁଯାୟୀ ମସ୍କଙ୍କ ଟେସଲା ଇଣ୍ଡିଆ ମୋଟର ଆଣ୍ଡ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ଏହି ଜାଗାକୁ ମୋଟ ୨୪.୩୮ କୋଟି ଭଡ଼ାରେ ଲିଜ୍ ନେଇଛି। ଦଲିଲଗୁଡ଼ିରୁ ମିଳିଥିବା ତଥ୍ୟ ଅନୁସାରେ, ଲିଜ୍ ନେଇଥିବା ସ୍ଥାନରେ ଦୁଇଟି ଭୂତଳ ମହଲା ୟୁନିଟ୍(ଗ୍ରାଉଣ୍ଡ ଫ୍ଲୋର୍) ରହିଛି ଯାହାର ମୋଟ କାର୍ପେଟ ଏରିଆ ୧୯ ,୦୦୦ ବର୍ଗଫୁଟରୁ ଅଧିକ। ଏବଂ ଚାର୍ଜେବୁଲ ଏରିଆ ୨୪,୦୦୦ ବର୍ଗଫୁଟରୁ ଅଧିକ। ପ୍ରଥମ ବର୍ଷ ପାଇଁ ପ୍ରାରମ୍ଭିକ ମାସିକ ଭଡା ୩୭.୫୩ ଲକ୍ଷରୁ ଅଧିକ, ବାର୍ଷିକ ୫% ବୃଦ୍ଧି ସହିତ, ପାଞ୍ଚ ବର୍ଷର ଲିଜ୍ ଅବଧିରେ ମୋଟ ଭଡା ୨୪ କୋଟିରୁ ଅଧିକ ହୋଇଛି।

## ସେନ୍‌ସେକ୍ସ ୬୩୬ ପଏଣ୍ଟ ଖସିଲା

ମୁମ୍ବଇ,୩।୬(ଏଜେନ୍ସି): ଘରୋଇସେୟାର ବଜାର ମଙ୍ଗଳବାର ଲଗାତାର ତୃତୀୟ ଦିନ ପାଇଁ ଲାଲ୍ ସଂକେତରେ ବନ୍ଦ ହୋଇଛି। କାରବାର ଶେଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବିଏସ୍‌ଇ ସେନ୍‌ସେକ୍ସରେ ୬୩୬.୨୪ ପଏଣ୍ଟ ବା ୦.୭୮ ପ୍ରତିଶତ ହ୍ରାସ ପାଇ ୮୦,୭୩୭.୫୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଏନ୍‌ଏସ୍‌ଇ ନିଫ୍ଟିରେ ୧୭୪.୧୦ ପଏଣ୍ଟ ବା ୦.୭୦ ପ୍ରତିଶତ ହ୍ରାସ ପାଇ ୨୪,୫୪୨.୫୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

# ସ୍ମାର୍ଟ ବଜାର ଆକର୍ଷଣୀୟ ରଜ ଅଫର ଆରମ୍ଭ




ଭୁବନେଶ୍ୱର,୩।୬(ସମିସ) : ରଜ ପର୍ବ ପାଳନ କରିବା ପାଇଁ ରିଲାଏନ୍ସ ରିଟେଲର ଏକ ଅଗ୍ରଣୀ ଖୁଚୁରା ଗନ୍ତବ୍ୟସ୍ଥଳୀ ସ୍ମାର୍ଟ ବଜାର ପକ୍ଷରୁ ଏକାଧିକ ପାର୍ବଣ ଅଫର ଓ ଇନ୍-ଷ୍ଟୋର ଏନ୍‌ଗେଜମେଣ୍ଟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଉତ୍ସବଗୁଡିକ ଭୁବନେଶ୍ୱରସ୍ଥିତ ସ୍ମାର୍ଟ ବଜାର ଷ୍ଟୋରରେ ଏକ ସ୍ୱତନ୍ତ୍ର ଇଭେଣ୍ଟ ସହିତ ଆରମ୍ଭ ହୋଇଛି, ଯେଉଁଥିରେ କମ୍ପାନୀର ସୁପରମାର୍କେଟ୍‌ସ ଆଣ୍ଡ ହାଇପରମାର୍କେଟ୍‌ସ ବିଭାଗର ଚିଫ ମାର୍କେଟିଂ ଅଫିସର ସୁରଭି ସେନଙ୍କ ସମେତ ଲୋକପ୍ରିୟ ସେଲିବ୍ରିଟି ଅତିଥି ଲିପ୍ସା ମିଶ୍ର ଆଚାର୍ଯ୍ୟ ଓ ରିୟା ଦେ' ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅତିଥିମାନେ ମିଳିତ ଭାବେ ପାର୍ବଣ ଅଫରଗୁଡିକୁ ଉନ୍ମୋଚନ କରିଥିଲେ ଓ ରଜ କାର୍ଯ୍ୟକଳାପ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଯୋଗ ଦେଇ ରିଲାଏନ୍ସ ରିଟେଲ ଲିମିଟେଡ- ଭାଲ୍ୟୁ ଫର୍ମାଟର ମୁଖ୍ୟ ପରିଚାଳନା ଅଧିକାରୀ କାମଦେବ ମହାନ୍ତି ରଜ ପର୍ବର ମହତ୍ୱ ସମ୍ପର୍କରେ କହିଥିଲେ। ସ୍ମାର୍ଟ ବଜାରରେ ରଜ ପର୍ବ ସ୍ୱତନ୍ତ୍ର ଅଫରଗୁଡ଼ିକ ମଧ୍ୟରେ ୯୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର ଫ୍ୟାଶନ ଉତ୍ପାଦ କ୍ରୟ କରି କେବଳ ୯୯ ଟଙ୍କାରେ ଏକ ଡିଜାଇନର ସଫି ବ୍ୟାଗ୍ ରହିଛି। ୯୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର ସପିଂ କରନ୍ତୁ ଏବଂ କେବଳ ୫୯୯ ଟଙ୍କାରେ ଏକ ଫିଲିପ୍ସ ହେୟାର ଡ୍ରାୟର ମିଳିବ। ୪୯୯ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ଲେଡିସ୍ କୁର୍ତ୍ତା ଉପରେ ୨୦%ର ଫ୍ଲାଟ ରିଆତି ଉପଲବ୍ଧ। ସୁଗର ପପ୍ କସ୍‌ମେଟିକ୍ସ ଉପରେ ସ୍ୱତନ୍ତ୍ର ଡିଲ ସହିତ ଫେଷ୍ଟିଭ ଗ୍ଲୋ ରହିଛି। ଏଥିସହ ନେଲପଲିସ୍ ଓ କାଜଲ ଭଳି ନିଶ୍ଚିତ ଉତ୍ପାଦଗୁଡିକୁ ସ୍ୱତନ୍ତ୍ର ମୂଲ୍ୟରେ ମିଳୁଛି। ଏହି ଅବସରରେ ଲୁଜ ସୁଗାର ୪୪.୫୦ ଟଙ୍କା / କେଜି, ଲୁଜ ଏଚଏମଟି କୋଲମ ରାଇସ ୫୧ ଟଙ୍କ/ କେଜି, ଲୁଜ ତୁର ଡାଲ ଇକୋନୋମି ୯୯ଟଙ୍କା/ କେଜି, ଗୁଡ ଲାଇଫ ଜିରା ସାର ରାଇସ ୪୦ ଟଙ୍କା/ କେଜି (୨୬କେଜ ପ୍ୟାକ- ସର୍ତ୍ତାବଳୀ ଲାଗୁ)ରେ ପାଇପାରିବେ।

## କ୍ରମ୍ପଟନ୍‌ର ଆକର୍ଷଣୀୟ ମାର୍ଭେଲ୍ ସାଇଲେଣ୍ଟ ପ୍ରୋ ଫ୍ଲୁଇଡୋ ସିରିଜ୍

ନୂଆଦିଲ୍ଲୀ,୩।୬(ଏଜେନ୍ସି): ବିଶ୍ୱ ଇଣ୍ଟେରିୟର ଦିବସ ଅବସରରେ କ୍ରମ୍ପଟନ୍ ଗ୍ରିଭ୍ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ସାଇଲେଣ୍ଟ ପ୍ରୋ ଫ୍ଲୁଇଡୋ ୱେଭ୍ ଶୁଭାରମ୍ଭ କରିଛି। ଏହାର ନୂତନ ଉଦ୍ଭାବନ ଯାହା ଭବିଷ୍ୟତ ଉପଯୋଗୀ ଡିଜାଇନ୍ ସହିତ ଉଚ୍ଚ କାର୍ଯ୍ୟଦକ୍ଷତାକୁ ମିଶ୍ରଣ କରେ। ଏହି ଶୁଭାରମ୍ଭ ସହିତ, କ୍ରମ୍ପଟନ୍ ସିଲିଂ ଫ୍ୟାନ ଏକ ନୂତନ ଯୁଗକୁ ଚିହ୍ନିତ କରିଛି,ଯେଉଁଠାରେ ଫର୍ମ କାର୍ଯ୍ୟଦକ୍ଷତା ସହିତ ମେଳ ଖାଏ ଏବଂ ଡିଜାଇନ୍ କାର୍ଯ୍ୟଦକ୍ଷତା ସହିତ ସମନ୍ୱିତ ହୁଏ।କ୍ରମ୍ପଟନ୍ ଏକ କାର୍ଯ୍ୟକ୍ଷମ ଉତ୍ପାଦକୁ କାରିଗରୀ କୌଶଳ ସହିତ ପ୍ରସ୍ତୁତ କରିଛି। ଏହାକୁ ଏକ ଡିଜାଇନ୍ ମାଷ୍ଟରପିସରେ ପରିଣତ କରି ଘର ଡିଜାଇନ୍ ପାଇଁ ଆବଶ୍ୟକୀୟ ଜିନିଷଗୁଡ଼ିକୁ ପୁନଃପରିଭାଷିତ କରୁଛି। ଆଜିର ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଷ୍ଟାଇଲକୁ ପ୍ରତିଫଳିତ କରୁଥିବା ଘର ଡିଜାଇନ୍ କରିବାରେ ଗଭୀର ଭାବରେ ନିବେଶ କରିବାକୁ ଚାହାଁନ୍ତି, ପ୍ରାୟତଃ ସର୍ବନିମ୍ନ ଏବଂ ସମସାମୟିକ ସୌନ୍ଦର୍ଯ୍ୟକୁ ପସନ୍ଦ କରନ୍ତି। ସେମାନେ ଏକ ସମନ୍ୱିତ ଏବଂ ଦୃଶ୍ୟମାନ ଆନନ୍ଦଦାୟକ ସ୍ଥାନ ବଜାୟ ରଖିବା ପାଇଁ ସାଜସଜ୍ଜାର ପ୍ରତ୍ୟେକ ଉପାଦାନକୁ ସଂଗ୍ରହ କରନ୍ତି।

### ଆମେରିକା ବାଣିଜ୍ୟ ସଚିବଙ୍କ ସୂଚନା

## ଭାରତ- ଆମେରିକା ବାଣିଜ୍ୟ ଆଲୋଚନା ଖୁବ୍‌ଶୀଘ୍ର

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଟ୍ରମ୍ପ୍‌ଙ୍କ ଶୁଳ୍କ ଲାଗୁ ପରେ ଖୁବଶୀଘ୍ର ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ହୋଇପାରେ। ଏହି ଆଲୋଚନା ଦ୍ୱାରା ଉଭୟ ଦେଶଙ୍କୁ ଫାଇଦା ହେବ। ମଙ୍ଗଳବାର ଓ୍ୱାଶିଂଟନରେ ୟୁଏସ-ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରସିପ ଫୋରମ (ୟୁଏସ୍‌ଆଇଏସ୍‌ପିଏଫ୍)ର ଲିଡରସିପ୍ ସମିଟ୍‌ରେ ଆମେରିକାର ବାଣିଜ୍ୟ ସଚିବ ହାଓ୍ୱର୍ଡ ଲୁଟନିକ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜୁଲାଇ ସୁଦ୍ଧା ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ହେବ। କାରଣ ଦୁଇ ଦେଶ ଏଭଳି ବାଟ ବାହାର କରିଛନ୍ତି ଯାହା ଉଭୟଙ୍କ ପାଇଁ ଫାଇଦା ହେବ। ଏହା ପୂର୍ବରୁ ସୋମବାର ମଧ୍ୟ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ କହିଥିଲେ ଯେ, ଦୁଇ ଦେଶ ପରସ୍ପରର ବାଣିଜ୍ୟକୁ ପ୍ରାଥମିକତା ଦେବାକୁ ଚାହୁଁଛନ୍ତି। ଆଉ ଏଥିପାଇଁ ଦୁଇ ଦେଶ ଲଗାତାର ଭାବେ ଆଲୋଚନା ଜାରି ରଖିଛନ୍ତି। ଏହା ପୂର୍ବରୁ ଏପ୍ରିଲରେ ଭାରତ ଗସ୍ତରେ ଆସିଥିବାବେଳେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ କହିଥିଲେ ଯେ, ଆମେରିକା ଏବଂ ଭାରତ ବାଣିଜ୍ୟ ଆଲୋଚନା ପାଇଁ ସର୍ତ୍ତକୁ ଫାଇନାଲ କରିଛନ୍ତି। ତେବେ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜୁଲାଇ ୮ ପୂର୍ବରୁ ଦୁଇ ଦେଶ ଏକ ଅନ୍ତରୀଣ ବୁଝାମଣା ଉପରେ ସହମତ ହୋଇପାରନ୍ତି। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଉପରେ ୨୬% ଟାରିଫ୍ ଲଗାଇବା ଘୋଷଣା ପରଠାରୁ ଦୁଇ ଦେଶ ବାଣିଜ୍ୟ ଆଲୋଚନା ଉପରେ କଥାବାର୍ତ୍ତା ଜାରି ରଖିଛନ୍ତି। ଆମେରିକାର ଟାରିଫ୍ ଭାରତ ଉପରେ ଜୁଲାଇ ୮ରୁ ଲାଗୁ ହେବ।

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିପାରେ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିପାରେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ। ନିବେଶ ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାନ ଧର୍ମ କରନ୍ତୁ।


**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ। ମାନସମ୍ମାନ ବୃଦ୍ଧି ପାଇବ।

**ମୀନ:** ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

## ଆଜିର ଇତିହାସ

- ୧୯୧୯ - ଆମେରିକାର ନୌସେନା କୋଷ୍ଟାରିକା ଉପରେ ଆକ୍ରମଣ କଲା।
- ୧୯୫୯ - ସି.ରାଜଗୋପାଳଚାରୀ ସ୍ୱତନ୍ତ୍ର ପାର୍ଟି ନିର୍ମାଣ ପାଇଁ ଘୋଷଣା କଲେ।
- ୧୯୮୨- ଇସ୍ରାଏଲ୍ ଦକ୍ଷିଣ ଲେବାନନ୍ ଉପରେ ଆକ୍ରମଣ କଲା।
- ୨୦୧୫- ଘାନାର ଏକ ପେଟ୍ରୋଲ୍ ପମ୍ପରେ ଅଗ୍ନିକାଣ୍ଡ ଯୋଗୁଁ ୨୦୦ରୁ ଅଧିକ ଲୋକ ମୃତ।

# ଜୁନ୍ ୨୭ରେ ‘ନିକିତା ରୟ’



ହରର୍ ଓ ରୋମାଣ୍ଟିକ ପରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଏବେ ଏକ ଥ୍ରୀଲର୍ ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଫିଲ୍ମର ଟାଇଟଲ୍ ରହିଛି ‘ନିକିତା ରୟ’। ଏହି ଫିଲ୍ମ ମେ’ ୩୦ରେ ସିନେମା ହଲ୍‌ରେ ରିଲିଜ୍ ହେବାର ଥିଲା। ହେଲେ ବର୍ତ୍ତମାନ ଫିଲ୍ମର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇଛି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ସୋନାକ୍ଷୀଙ୍କ ଭାଇ କୁଶ୍ ସିହ୍ନା ଅଛନ୍ତି। ଏହା ଏକ ସାଇକୋଲଜିକାଲ ସସ୍‌ପେନ୍ସ ଥ୍ରିଲର୍ ସିନେମା ହେବ। ଏଥିରେ ସୋନାକ୍ଷୀ ନିକିତା ଚରିତ୍ରରେ ନଜର ଆସିବେ। ସୋନାକ୍ଷୀଙ୍କ ବ୍ୟତୀତ ପରେଶ ରାୱଲ, ଅର୍ଜୁନ ରାମପାଲ ଏବଂ ସୁହେଲ ନାୟର ଏହି ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ସମ୍ପର୍କରେ ଅପ୍ରେଲ ମାସରେ ଘୋଷଣା କରାଯାଇଥିଲା ଏବଂ ଏହା ମେ’ ୩୦ରେ ଆସିବ ବୋଲି କୁହାଯାଇଥିଲା। କିନ୍ତୁ ଏବେ ଏହାର ମୁକ୍ତିଲାଭ ଦିନକୁ ଘୁଞ୍ଚାଇ ଦିଆଯାଇଛି। ସୋନାକ୍ଷୀ ଏକ ପୋଷ୍ଟ ମାଧ୍ୟମରେ ଫିଲ୍ମର ନୂଆ ମୁକ୍ତିଲାଭ ଦିନ ବିଷୟରେ ଘୋଷଣା କରିଛନ୍ତି। ସେ ଫିଲ୍ମର ଏକ ପୋଷ୍ଟର ସେୟାର୍ କରି ଲେଖିଛନ୍ତି- ‘ଆପଣଙ୍କ କ୍ୟାଲେଣ୍ଡରରେ ନୋଟ୍ କରି ଦିଅନ୍ତୁ। ରୋମାଞ୍ଚକ ଥ୍ରିଲର୍ ‘ନିକିତା ରୟ’ର ନୂଆ ଡେଟ୍ ସାମ୍ନାକୁ ଆସିଛି। ଜୁନ୍ ୨୭ରେ ଥିଏଟରରେ ଏହାକୁ ଦେଖନ୍ତୁ।’ ତେବେ ସୋନାକ୍ଷୀଙ୍କ ଏହି ପୋଷ୍ଟ ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି’। ‘ନିକିତା ରୟ’ ବାଦ୍ ସୋନାକ୍ଷୀ ‘ଜଟାଧାରା’ ଫିଲ୍ମ ମାଧ୍ୟମରେ ଟଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଭେଙ୍କଟ କଲ୍ୟାଣଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସୁଧୀର ବାବୁ ମୁଖ୍ୟ ଭୂମିକାରେ ନଜର ଆସିବେ।

# ତିନି ରାତି ନ ଶୋଇଲେ ବୃଦ୍ଧି ପାଏ ହୃଦ୍‌ଘାତ ଆଶଙ୍କା

ଆଜିକାଲି ଲୋକେ ଘଣ୍ଟା ଘଣ୍ଟା ଧରି ମୋବାଇଲରେ ବ୍ୟସ୍ତ ରହିବା ଯୋଗୁଁ ରାତିରେ ବିଳମ୍ବରେ ଶୋଉଥିବାର ଦେଖାଯାଇଛି। ଲଗାତାର ତିନି ରାତି ଠିକ୍‌ରେ ନ ଶୋଇବା ଦ୍ୱାରା ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ବିଶେଷକରି ହୃଦ୍‌ଘାତ ଆଶଙ୍କା ଅଧିକ ବୃଦ୍ଧି ପାଏ। ସୁନିଦ୍ରା କେବଳ ଥକ୍କାପଣ ଦୂର କରି ନ ଥାଏ, ଏହା ହୃତ୍‌ପିଣ୍ଡକୁ ମଧ୍ୟ ମଜଭୁତ କରିଥାଏ। ସ୍ୱିଡେନର ଉପସାଲା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଗବେଷଣା କରିଛନ୍ତି। ସେମାନେ ଜାଣିବାକୁ ପାଇଛନ୍ତି ଯେ, କିଛି ରାତିର ସ୍ୱଳ୍ପ ନିଦ୍ରା ବି ହୃଦୟ ପାଇଁ କ୍ଷତିକାରକ ହୋଇପାରେ। ନିଦ ପୂରା ନ ହେବା ଦ୍ୱାରା ଶରୀରରେ ଇମ୍ଫ୍ଲାମେସନ ବୃଦ୍ଧି ପାଏ। ଏହା ହିଁ ହୃଦ୍‌ରୋଗର କାରଣ ହୋଇଥାଏ। ସେହିପରି ଏହି ଗବେଷଣା ଲାଗି ୧୬ ଜଣ ସୁସ୍ଥ ଯୁବକଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ଓଜନ ସାମାନ୍ୟ ଥିବା ବେଳେ ନିଦ୍ରାଭ୍ୟାସ ବି ଠିକ୍ ଥିଲା। ସମସ୍ତଙ୍କୁ ଦୁଇଥର ନିଦ ଗବେଷଣାଗାରାରେ ରଖାଯାଇଥିଲା। ଥରୁଟିଏ ସେମାନଙ୍କୁ ତିନିରାତି ଭଲ ନିଦ୍ରା ପ୍ରଦାନ କରାଯାଇଥିଲା। ତା’ସହ ଦ୍ୱିତୀୟ ଥର ସେମାନଙ୍କୁ କେବଳ ୪ ଘଣ୍ଟା ଶୋଇବାକୁ ଦିଆଯାଇ ଥିଲା। ଦୁଇ ଥର ସେମାନଙ୍କ ଖାଦ୍ୟ ଓ ଗତିବିଧିକୁ ନିୟନ୍ତ୍ରଣାଧୀନ କରାଯାଇ ଥିଲା। ଏହାସହ ପ୍ରତିଦିନ ବ୍ୟାୟାମ କରିବା ପରେ ସକାଳେ ଓ ସଂଧ୍ୟାବେଳେ ସେମାନଙ୍କ ରକ୍ତ ନମୁନା ପରୀକ୍ଷା କରାଯାଉଥିଲା। ବୈଜ୍ଞାନିକମାନେ ସେମାନଙ୍କ ରକ୍ତରେ ଥିବା ପାଖାପାଖି ୯୦ ପ୍ରକାର ପ୍ରୋଟିନ୍‌ର ଯାଞ୍ଚ କରିଥିଲେ। ଯେତେବେଳେ ନିଦ ପୂରା ହୋଇ ନ ଥିଲା, ସେତେବେଳେ କିଛି ପ୍ରୋଟିନ୍‌ର ମାତ୍ରା ଏଭଳି ଭାବେ ବୃଦ୍ଧି ପାଇଥିଲା ଯେ, ଯାହାକି ହୃଦ୍‌ରୋଗ ସହିତ ଜଡ଼ିତ ଥିଲା। ସେହିପରି ବୈଜ୍ଞାନିକମାନେ କହିଛନ୍ତି, କମ୍ ନିଦ ସହିତ ବ୍ୟାୟାମ କରାଗଲେ, ଏହା ହୃଦୟ ମାଂସପେଶୀ ଉପରେ ଅଧିକ ପ୍ରଭାବ ପକାଇପାରେ। ଅନ୍ୟପଟେ ମହିଳା, ବୟସ୍କ ବ୍ୟକ୍ତି ବିଶେଷ, ହୃଦ୍‌ରୋଗୀ ଏବଂ ଅଲଗା ଅଲଗା ନିଦ ପ୍ୟାଟର୍ଣ୍ଣ ଯୁକ୍ତ ଲୋକଙ୍କ ଉପରେ ଏହାର ପ୍ରଭାବ କିଭଳି ଭିନ୍ନ ହୋଇପାରେ ଏନେଇ ଅଧିକ ଗବେଷଣାର ଆବଶ୍ୟକତା ଥିବା ସେମାନେ କହିଛନ୍ତି।



# କ୍ୟାମେରା ଜଗିଛି ଫସଲ

ସୁରକ୍ଷା ଦୃଷ୍ଟିରୁ ପଞ୍ଚତାରକା ହୋଟେଲ, ମନ୍ଦିର, ଦୋକାନ ତଥା ଘରମାନଙ୍କରେ ସିସିଟିଭି କ୍ୟାମେରା ଲଗାଯାଇଥାଏ। ଅଧୁନା ଅମାନିଆଙ୍କୁ ସାବାଡ଼ କରିବାକୁ ମଧ୍ୟ ଟ୍ରାଫିକ୍ ପୋଷ୍ଟ କିମ୍ବା ସଡ଼କରେ ସିସିଟିଭି କ୍ୟାମେରା ଲାଗୁଛି। ହେଲେ ଏବେ କଲରା ଚୋରି ରୋକିବାକୁ କ୍ଷେତରେ ସିସିଟିଭି କ୍ୟାମେରା ଲଗାଇ ଚର୍ଚ୍ଚାରେ ରହିଛନ୍ତି ବିହାର, ନଟୱା ଗାଁ’ର କୃଷକ ଭେଷ ନାରାୟଣ ସିଂହ। ସେ କଲରା ଚାଷକୁ ସୁରକ୍ଷା ଦେବା ସହ ଏହାର ଦେଖାରଖା କରିବାକୁ ସିସିଟିଭି କ୍ୟାମେରା ଏବଂ ସାଇରନ୍ ଲଗାଇଛନ୍ତି। ଏଥିପାଇଁ ସେ କ୍ଷେତରେ ଏକ ଲୁହା ଖୁଣ୍ଟରେ ଏକ ଘୂର୍ଣ୍ଣାୟମାନ କ୍ୟାମେରା ଲଗାଇଛନ୍ତି। ଯଦି ଜମି ମଧ୍ୟକୁ କୌଣସି ଭାରି ବସ୍ତୁ କିମ୍ବା କୌଣସି ବ୍ୟକ୍ତି ପ୍ରବେଶ କରନ୍ତି ତଥା ଗଛକୁ ଛୁଇଁବାକୁ ଚେଷ୍ଟା କରନ୍ତି ତେବେ କ୍ୟାମେରା ନିକଟରେ ଲାଗିଥିବା ସାଇରନ୍ ଜୋରରେ ଶବ୍ଦ କରିଥାଏ। ଜମି ନିକଟରୁ ନାରାୟଣ ସିଂହଙ୍କ ଘରର ଦୂରତା ଅଳ୍ପ ହୋଇଥିବାରୁ ସାଇରନ୍ ଶବ୍ଦ ତାଙ୍କ ଘର ଯାଏ ଶୁଣାଯାଇଥାଏ। ଏହି କ୍ୟାମେରା ଯୋଗୁଁ ତାଙ୍କ ଜମି ମଧ୍ୟକୁ ଚୋର କି ପଶୁପକ୍ଷୀ ପଶୁ ନ ଥିବା ଭେଷ ନାରାୟଣ କହିଛନ୍ତି। ସେହିପରି ଏହି ଚାଷୀ ଜଣକ ସିସିଟିଭି କ୍ୟାମେରା ଲଗାଇଥିବାରୁ ଜମିରେ ମୋଟର




ପମ୍ପ ଏବଂ ଅନ୍ୟ କୃଷି ଉପକରଣକୁ ସେଠାରେ ରଖି ଘରକୁ ଯାଇପାରୁଛନ୍ତି। ଭେଷ ନାରାୟଣଙ୍କ କହିବାନୁସାରେ, ‘ତାଙ୍କର ଚାଷ ଜମିଟି ନଦୀ କୂଳରେ ଅବସ୍ଥିତ। ଏଠାରେ ଅଧିକାଂଶ ନୀଳଗାଈ ଏବଂ ପ୍ରାଣୀମାନେ ଫସଲକୁ ନଷ୍ଟ କରିଦିଅନ୍ତି। ହେଲେ ଏବେ ଜଙ୍ଗଲୀ ପ୍ରାଣୀ ଫସଲକୁ ପ୍ରବେଶ କରିବା ମାତ୍ରେ ସାଇରନ୍ ବାଜିବା ଆରମ୍ଭ କରିଦେଉଛି। ସାଇରନ୍ ଶବ୍ଦରେ ପ୍ରାଣୀମାନେ ଜମିରୁ ଭୟରେ ଦୌଡ଼ି ପଳାଉଛନ୍ତି।’ ଭେଷ ନାରାୟଣ ୧୦,୦୦୦ରୁ ଅଧିକ ଟଙ୍କା ଖର୍ଚ୍ଚ କରି ଏପ୍ରକାର ସୁବିଧାର ଲାଭ ଉଠାଇଥିବା କୁହନ୍ତି।

## ସମ୍ଭାବନା



# ଜେନ୍ ଜେଡ୍‌ଙ୍କ ସହ ଯୋଡ଼ି ହେବାର କୌଶଳ

**ଆଜିକାଲି କାର୍ଯ୍ୟାଳୟରେ ଜେନ୍ ଜେଡ୍‌ଙ୍କ ସହ ତାଳମେଳ ରକ୍ଷା କରିବା ଖୁବ୍ ଜରୁରି। ସେମାନେ ସ୍ମାର୍ଟ, ଟେକ୍ନିକାଲ ଏବଂ ମୁକ୍ତ ଚିନ୍ତାଧାରାର ହୋଇଥାନ୍ତି। ତେଣୁ ସେମାନଙ୍କ ସହ ସହଜରେ ଯୋଡ଼ି ହେବା ଅନେକଙ୍କ ପକ୍ଷେ ସେତେଟା ସହଜ ନୁହେଁ।**



- ଜେନ୍ ଜେଡ୍ ଟେକ୍ନୋଲୋଜି ସହିତ ବଡ଼ ହେଉଛନ୍ତି। ସେମାନଙ୍କ ସହ କଥା ହେବା ଏବଂ କାମ କରିବା ବେଳେ ଇନଷ୍ଟାଣ୍ଟ ମେସେଜିଂ ଆପ୍, କୋଲାବରେସନ ଟୁଲ, ଭିଡିଓ କଲ୍ ଅଧିକ ବ୍ୟବହାର କରନ୍ତୁ।
- ସେମାନଙ୍କୁ ଲମ୍ବା ମିଟିଂ ଏବଂ ବୁଲେଇ ବଙ୍କେଇ କଥା କହିବା ପସନ୍ଦ ନୁହେଁ। ସେମାନଙ୍କ ସହ ସିଧା ଓ ସ୍ପଷ୍ଟ ଭାବେ କଥାବାର୍ତ୍ତା କରନ୍ତୁ।
- କ୍ୟାରିୟରରେ ଆଗକୁ ବଢ଼ିବା ଏବଂ ନୂଆ କିଛି ଶିଖିବା ଲାଗି ସେମାନେ ଲଗାତାର ଫିଡ୍‌ବ୍ୟାକ୍ ଚାହାନ୍ତି। ତେଣୁ କାମ ଉପରେ ତୁରନ୍ତ ମତାମତ ଲୋଡ଼ନ୍ତି।
- ଜେନ୍ ଜେଡ୍‌ଙ୍କୁ ୱାର୍କଲାଇଫ୍ ବାଲାନ୍ସ ଖୁବ୍ ପସନ୍ଦ। କେବଳ କାମ କରିବା ଚାହିଁ ନ ଥାନ୍ତି, ବରଂ କାମ କ’ଣ ଏବଂ ସେମାନେ କେଉଁ ବଡ଼ ଲକ୍ଷ୍ୟରେ ଯୋଗଦାନ ଦେବାକୁ ଯାଉଛନ୍ତି ସେକଥା ଉପରେ ଗୁରୁତ୍ୱ ଦିଅନ୍ତି।
- ନୂଆ ଜ୍ଞାନ କୌଶଳ ଶିଖିବା ପାଇଁ ଟ୍ରେନିଂ, ୱାର୍କସପ୍ ଏବଂ ମେଣ୍ଟରସିପ୍‌ର ଅବସର ପ୍ରଦାନ କରନ୍ତୁ।
- ମିଟିଂ ତଥା ପ୍ରୋଜେକ୍ଟ ଉପରେ ସେମାନଙ୍କ ମତାମତ ନିଅନ୍ତୁ।
- ମାନସିକ ସ୍ୱାସ୍ଥ୍ୟ ପ୍ରତି ସେମାନେ ଅଧିକ ସଚେତନ। ସେମାନଙ୍କୁ ସପୋର୍ଟିଭ ପରିବେଶ ପ୍ରଦାନ କରନ୍ତୁ।

# ଏକ ସମ୍ମାନଜନକ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା



ଡାକ୍ତର ଅଶୋକ କୁମାର ମହାନ୍ତି

ଏକ ସମ୍ମାନଜନକ କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କୁ ନ୍ୟାୟପୂର୍ଣ୍ଣ, ମର୍ଯ୍ୟାଦା ଓ ସମ୍ମାନର ସହିତ ବ୍ୟବହାର ପ୍ରଦର୍ଶନ କରାଯାଏ। ଏହାସହ ସଠିକ୍ ଯୋଗାଯୋଗ, ସହଯୋଗ ଏବଂ ଗଠନମୂଳକ ଭାବରେ ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ସହିତ ସ୍ୱୀକୃତି ପ୍ରଦାନ କରାଯାଏ।



**କର୍ମକ୍ଷେତ୍ରର ପରିବେଶ**

- ଏହା ଏପରି ଏକ ସ୍ଥାନ, ଯେଉଁଠାରେ କର୍ମଚାରୀମାନେ ନିରାପଦ ଅନୁଭବ କରିବା ସହ ଉତ୍ପୀଡ଼ନ, ଭେଦଭାବ ଏବଂ ହିଂସାରୁ ନିଜକୁ ସୁରକ୍ଷିତ ମଣନ୍ତି।
- ଏହା କର୍ମଚାରୀଙ୍କ କଲ୍ୟାଣ, ଉତ୍ପାଦକତା ଏବଂ ସାମଗ୍ରିକ ସାଂଗଠନିକ ସଫଳତା ପାଇଁ ଅତ୍ୟାବଶ୍ୟକ।
- କର୍ମଚାରୀମାନେ ନିଜ ମତାମତ ଖୋଲାଖୋଲି ଭାବରେ ପ୍ରକାଶ କରିବାରେ ସହଜ ଅନୁଭବ କରନ୍ତି।
- ବିବାଦଗୁଡ଼ିକର ତୁରନ୍ତ ଏବଂ ନ୍ୟାୟସଙ୍ଗତ ଓ ନିରପେକ୍ଷ ସମାଧାନ କରାଯାଏ।
- କର୍ମଚାରୀଙ୍କୁ ଦାୟିତ୍ୱ ବହନ କରିବାର କ୍ଷମତା ଦିଆଯିବା ସହିତ କାର୍ଯ୍ୟ ପାଇଁ ମଧ୍ୟ ଦାୟୀ ରଖାଯାଏ।
- କର୍ମଚାରୀମାନଙ୍କୁ କର୍ମକ୍ଷେତ୍ରର ସମ୍ମାନ ରକ୍ଷା କରିବା ପାଇଁ ନିୟମିତ ମତାମତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥାଏ।
- ଏକ ସମ୍ମାନଜନକ କର୍ମକ୍ଷେତ୍ର ଶ୍ରେଷ୍ଠ ପ୍ରତିଭାମାନଙ୍କୁ ଆକର୍ଷିତ କରେ ଏବଂ ସଂଗଠନର ଖ୍ୟାତି ବୃଦ୍ଧି କରେ।
- ସକାରାତ୍ମକ କାର୍ଯ୍ୟ ପରିବେଶ କର୍ମଚାରୀମାନଙ୍କୁ ସୁସ୍ଥ ରଖିବାରେ ସହାୟକ ହୁଏ।

**ଦଳ ମୁଖ୍ୟଙ୍କ ଭୂମିକା**

- ସଂଗଠନର ଯେକୌଣସି ବ୍ୟକ୍ତିଙ୍କ ସହିତ ଆଲୋଚନା କରିବା ସମୟରେ ସଂଯମତା ରକ୍ଷା କରନ୍ତୁ।
- ଆପଣଙ୍କଠାରୁ ଭିନ୍ନ ସହକର୍ମୀମାନଙ୍କ (ବୟସ, ଲିଙ୍ଗ, ଜାତି, ସଂସ୍କୃତି ଇତ୍ୟାଦି) ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରନ୍ତୁ।
- ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧି ପାଇଁ ଉତ୍ସାହିତ କରନ୍ତୁ ଏବଂ ଯେତେସମ୍ଭବ ସହକର୍ମୀଙ୍କୁ ସେମାନଙ୍କ କାର୍ଯ୍ୟରେ ସହଯୋଗ କରନ୍ତୁ।
- ଦୟା, ସହାନୁଭୂତି ଏବଂ କରୁଣାକୁ ପ୍ରୋତ୍ସାହିତ କରି ସହକର୍ମୀଙ୍କୁ ମତାମତ ପ୍ରକାଶ କରିବାରେ ଉତ୍ସାହିତ କରନ୍ତୁ।
- ଅନ୍ୟମାନଙ୍କର ସଫଳତାକୁ ପ୍ରଶଂସା କରନ୍ତୁ, ଉତ୍କର୍ଷତାକୁ ଚିହ୍ନନ୍ତୁ ଏବଂ ପୁରସ୍କୃତ କରନ୍ତୁ।
- ଦଳର ସଦସ୍ୟଙ୍କ ସମସ୍ୟା ସମାଧାନ କରି ନୂତନ କ୍ଷମତା ବିକାଶ କରିବାରେ ସାହାଯ୍ୟ କରନ୍ତୁ।
- ଏକ ବିଶ୍ୱାସ ଭିତ୍ତିକ ସଂସ୍କୃତିକୁ ପ୍ରୋତ୍ସାହିତ କରନ୍ତୁ।

ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରୀ
ମୋବାଇଲ: ୯୨୩୪୬୬୭୫୪୬

# ଘରେ ତିଆରି ଅଫିସ୍ ପରିବେଶ

**ଅନେକ ଲୋକଙ୍କୁ ଘରେ ରହି ଅଫିସ୍ କାମ କରିବାକୁ ପଡ଼ିଥାଏ। ତେବେ ଆରାମରେ କାମ କରିବା ପାଇଁ ଘରେ ବି ୱାର୍କସ୍ପେସ୍ ରହିବା ଜରୁରି। ତେବେ କିଛି ଟିପ୍ସକୁ ଆପଣାଇ ଘରେ ମଧ୍ୟ ସୁନ୍ଦର ୱାର୍କସ୍ପେସ୍ ତିଆରି କରି ଘରେ ଅଫିସ୍ ପରିବେଶ ମିଳିବ।**

- ଘରେ ଏଭଳି ସ୍ଥାନ ଚୟନ କରନ୍ତୁ, ଯେଉଁଠି କାମ କରିବାରେ କୌଣସି ଅସୁବିଧା ହେବ ନାହିଁ। ବେଡ୍‌ରୁମ୍‌ର ଏକ କୋଣ, ଅଲଗା କୋଠରି କିମ୍ବା ଲିଭିଂ ରୁମ୍‌ର ଏକ ଶାନ୍ତ ସ୍ଥାନ ଏ ଲାଗି ବାଛିପାରିବେ।
- ଘରର ଅଫିସ୍ ପରିବେଶକୁ ସଫାସୁତୁରା ରଖନ୍ତୁ। ଜିନିଷ ସବୁକୁ ଏଣେତେଣେ ନ ଫିଙ୍ଗି ବ୍ୟବସ୍ଥିତ ଢଙ୍ଗରେ ରଖନ୍ତୁ। ଏହା ଦ୍ୱାରା ମସ୍ତିଷ୍କ ଶାନ୍ତ ରହେ ଏବଂ କାମ କରିବାରେ ଆଗ୍ରହ ରହେ।
- ଘରେ ଆରାମରେ ବସି କାମ କରିପାରିବା ପାଇଁ ଉପଯୁକ୍ତ ଚେୟାର୍, ଟେବୁଲ ରଖନ୍ତୁ। ଏହା ଦ୍ୱାରା ଦୀର୍ଘ ସମୟ ବସି କାମ କରିବା ସହଜ ହୁଏ।
- କାମରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ଠିକ୍



ଆଲୋକ ଜରୁରି। ଏ ଲାଗି ଡେସ୍କ ଲ୍ୟାମ୍ପ ବ୍ୟବହାର କରିପାରିବେ। ଏହା ଦ୍ୱାରା ଆଖି ଉପରେ କାମ ଚାପ ପଡ଼େ ଏବଂ ଦୀର୍ଘ ସମୟ ବସି କାମ କରିବା ସହଜ ହୁଏ।
- ଘରେ ଅଫିସ୍ କାମ କରିବା ସମୟରେ କଲମ, ନୋଟବୁକ୍, ଚାର୍ଜର ଭଳି ଜରୁରି ଜିନିଷ ପାଖରେ ରଖନ୍ତୁ। ଏହା ଦ୍ୱାରା ବାରମ୍ବାର ଉଠିବାକୁ ପଡ଼ିବନି ଏବଂ କାମ ଶୀଘ୍ର ହୋଇଯିବ।
- ଘରର ୱାର୍କସ୍ପେସ୍‌ରେ ନିଜ ପସନ୍ଦର ଜିନିଷ ରଖନ୍ତୁ। ଗଛ, ଫଟୋ ତଥା ମୋଟିଭେସନାଲ କୋଟ୍ ରଖନ୍ତୁ। ଏହାଦ୍ୱାରା ଖୁସି ଅନୁଭବ କରିବେ।

# ୟୁଟ୍ୟୁବ୍ ସର୍ଟସ୍‌ରେ ‘ଗୁଗଲ୍ ଲେନ୍ସ’ ଫିଚର୍

ଗୁଗଲ୍ ଏବେ ୟୁଟ୍ୟୁବ୍ ସର୍ଟସ୍‌ରେ ‘ଗୁଗଲ୍ ଲେନ୍ସ’ ଫିଚର୍ ଯୋଡ଼ିବ। ତେବେ ବ୍ୟବହାରକାରୀ ସର୍ଟ ଭିଡିଓରେ ଦେଖୁଥିବା ଯେକୌଣସି ବିଶେଷ ସ୍ଥାନ ବାବଦରେ ତଥ୍ୟ ଖୋଜିବାର ସୁବିଧା ଏହି ନୂଆ ଫିଚର୍ ପ୍ରଦାନ କରିବ। ଏହି ଲେନ୍ସ ଫିଚର ମାଧ୍ୟମରେ ସର୍ଟସ୍ ଦେଖୁଥିବା ବ୍ୟବହାରକାରୀ ଭିଡିଓରେ ଦେଖା ଯାଉଥିବା ଜିନିଷକୁ ଶୀଘ୍ର ଚିହ୍ନଟ ଏବଂ ବୁଝିବା ଦିଗରେ ସାହାଯ୍ୟ କରିବ। ସେହିପରି ଭିଡିଓକୁ ପଜ୍ କରିବା ଲାଗି ଲେନ୍ସ ବଟନରେ ଟ୍ୟାପ୍ କରିବାକୁ ହେବ। ଏହାପରେ କୌଣସି ବସ୍ତୁକୁ ଟ୍ୟାପ୍ କରିବା ଦ୍ୱାରା ସେ ବାବଦରେ ତଥ୍ୟ ମିଳିଥାଏ। ଏହାପରେ ଗୁଗଲ ସେହି ଜିନିଷ ସହିତ ମେଳ ଖାଉଥିବା ଭିଜୁଆଲ ରେଜଲ୍ଟ ଦେଖାଏ। ତେବେ ଆଗାମୀ ଦିନରେ ଏହି ଫିଚର୍ ୟୁଟ୍ୟୁବ୍ ମୋବାଇଲ ଆପ୍‌ର ବିଟା ପରୀକ୍ଷଣ




ଭାବେ ଆରମ୍ଭ କରାଯିବ। ସେହିପରି ଯେତେବେଳେ ଏହି ସୁବିଧା କୌଣସି ବ୍ୟବହାରକାରୀଙ୍କ ଆକାଉଣ୍ଟରେ ସକ୍ରିୟ ହେବ, ଭିଡିଓ ପଜ୍ କରିକି ଲେନ୍ସ ବଟନ୍‌କୁ ବ୍ୟବହାର କରିପାରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ କୌଣସି ବିଜ୍ଞାପନ କିମ୍ବା ସପିଂ ଲିଙ୍କ ରହିବ ନାହିଁ।

## ଫ୍ରେଞ୍ଚ ଓପନ୍

# ସାବାଲେଙ୍କା-ସ୍ୱିଆଟେକ୍ ସେମି ଲଢ଼େଇ



ପ୍ୟାରିସ, ୩।୬ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା ଓ ୩ଥରର ଡିଫେଣ୍ଡିଂ ଚାମ୍ପିଅନ ପୋଲାଣ୍ଡର ଇଗା ସ୍ୱିଆଟେକ୍‌ଙ୍କ ମଧ୍ୟରେ ଚଳିତ ଫ୍ରେଞ୍ଚ ଓପନ୍‌ର ସେମିଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ମହିଳା ଏକକ କ୍ୱାର୍ଟର ଫାଇନାଲ ଲଢ଼େଇରେ ବେଲାରୁଷର ସାବାଲେଙ୍କା ୭-୬ (୭/୩), ୬-୩ ସେଟରେ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ଝେଙ୍ଗ୍ କ୍ୱିନୱିନଙ୍କୁ ହରାଇ ଅଗ୍ରଗତି କରିଥିଲେ। ଯଦି ସାବାଲେଙ୍କା ଏଠାରେ ଚାମ୍ପିଅନ ହୁଅନ୍ତି ତେବେ ପ୍ରଥମଥର ଫ୍ରେଞ୍ଚ ଓପନ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିବେ। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ସ୍ୱିଆଟେକ ୬-୧, ୭-୫ ସିଧାସଳଖ ସେଟ୍‌ରେ ୟୁକ୍ରେନର ଏଲିନା ଭିଟୋଲିନାକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ସାବାଲେଙ୍କା ଓ ସ୍ୱିଆଟେକ୍‌ଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ସୋମବାର ରାତିରେ ଅନୁଷ୍ଠିତ ପୁରୁଷ ଏକକ ମୁକାବିଲାରେ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ଓ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ବିକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସିନ୍ନର ୬-୧, ୬-୩, ୬-୪ ସେଟ୍‌ରେ ରୁଷିଆର ଆନ୍ଦ୍ରେ ରୁବଲେଭଙ୍କୁ ଓ ବଲ୍‌ବିକ ବ୍ରିଟେନର ଜାକ୍ ଡ୍ରାପରଙ୍କୁ ପ୍ରିକ୍ୱାର୍ଟରରେ ପରାସ୍ତ କରିଥିଲେ।

# ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଜୁଲାଇ ୫ରେ

ନୂଆଦିଲ୍ଲୀ,୩।୬ (ଏଜେନ୍ସି): ଭାରତରେ ନୀରଜ ଚୋପ୍ରା କ୍ଲାସିକ୍ ଅନ୍ତର୍ଜାତୀୟ ଜାଭେଲିନ୍ ପ୍ରତିଯୋଗିତା ଜୁଲାଇ ୫ରେ ଅନୁଷ୍ଠିତ ହେବ। ଏହି ଇଭେଣ୍ଟର ଆୟୋଜକ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯିବା ସହ ପୂର୍ବରୁ ବେଙ୍ଗାଲୁରୁର ଶ୍ରୀ କାନ୍ତିରାଭା ଷ୍ଟାଡିୟମ୍‌ରେ ଏହା ଆୟୋଜିତ ହେବ। ପୂର୍ବରୁ ମେ ୨୪ରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା। ପାକିସ୍ତାନ ଉପରେ ଭାରତ ଆକ୍ରମଣ କରିବା ଯୋଗୁଁ ଏହି ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଥିଲା। ଭାରତରେ ହେବାକୁ ଥିବା ପ୍ରଥମ ଅନ୍ତର୍ଜାତୀୟ ଜାଭେଲିନ୍ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳିମାନେ ଭାଗନେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଦୁଇଥରର ବିଶ୍ୱ ଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ, ୨୦୧୬ ଅଲିମ୍ପିକ୍ ସ୍ୱର୍ଣ୍ଣବିଜେତା ଜର୍ମାନୀର ଥୋମାସ ରୋହଲର, ୨୦୧୫ ବିଶ୍ୱଚାମ୍ପିଅନ କେନିଆର ଜୁଲିୟସ ୟେଗୋ ଓ ଭାରତର ଓଡ଼ିଆ ପ୍ରତିଯୋଗୀ କିଶୋର ଜେନା ଏଥିରେ ଅଂଶଗ୍ରହଣ କରିବାକୁ ସ୍ୱୀକୃତି ଦେଇଛନ୍ତି। ଇଭେଣ୍ଟ ତାରିଖ ପରିବର୍ତ୍ତନ ହେବାଯୋଗୁଁ ଅନେକ ଖେଳାଳି ମଧ୍ୟ ଏଥିରୁ ଓହରିଯାଇଛନ୍ତି।

## ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟ

# ପଏଣ୍ଟ ଟେବଲ ଶୀର୍ଷରେ ଗୁକେଶ

କୋପେନ ହେଗେନ, ୩।୬ (ଏଜେନ୍ସି): ଏଠାରେ ଚାଲିଥିବା ନରୱେ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ବିଶ୍ୱ ଚାମ୍ପିଅନ ଭାରତର ଡି ଗୁକେଶ ପଏଣ୍ଟ ଟେବଲର ଶୀର୍ଷସ୍ଥାନରେ ପହଞ୍ଚିଛନ୍ତି। ଗତକାଲି ସୋମବାର ଅନୁଷ୍ଠିତ ୬ଷ୍ଠ ରାଉଣ୍ଡରେ ସେ ବିଶ୍ୱର ଶ୍ରେଷ୍ଠ ଖେଳାଳି ମ୍ୟାଗ୍ନସ କାର୍ଲସେନ ଓ ୭ମ ରାଉଣ୍ଡରେ ଅର୍ଜୁନ ଏରିଗାଏସୀଙ୍କୁ ପରାସ୍ତ କରି ଗୁକେଶ ଏହି ସଫଳତା ପାଇଛନ୍ତି। ଉଭୟ ଖେଳାଳିଙ୍କୁ ଗୁକେଶ କ୍ଲାସିକ୍ ଚେସ୍‌ରେ ପ୍ରଥମଥର ହରାଇବାରେ ସମର୍ଥ ହୋଇଥିଲେ। ୧୯ ବର୍ଷୀୟ ବିଶ୍ୱ ଚାମ୍ପିଅନ ଗୁକେଶ ୭ମ ରାଉଣ୍ଡ ଶେଷରେ ୧୧.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ମ୍ୟାଗ୍ନସ କାର୍ଲସେନ୍ ୧୧ ପଏଣ୍ଟ ପାଇ ଦ୍ୱିତୀୟସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଚୀନ୍‌ର ଜୁ ୱେନ୍‌ଜୁନ୍ ୧୧.୫ ପଏଣ୍ଟ ପାଇ ପ୍ରଥମ, ଆନ୍ନା ମୁଜିଚୁକ୍ ୧୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଆଇପିଏଲ୍-୧୮ : ବେଙ୍ଗାଲୁରୁ-ପଞ୍ଜାବ ଗ୍ରାଣ୍ଡ ଫାଇନାଲ

# ଜାମିସନ-ଅର୍ଶଦୀପଙ୍କ ଘାତକ ବୋଲିଂ



**ଅହମ୍ମଦାବାଦ୍, ୩।୬ (ଏଜେନ୍ସି)**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ଆଇପିଏଲ୍-୧୮ର ଗ୍ରାଣ୍ଡ ଫାଇନାଲ ମୁକାବିଲାରେ ପଞ୍ଜାବ କିଙ୍ଗ୍‌ସର କାଏଲ ଜାମିସନ ଓ ଅର୍ଶଦୀପ ସିଂ ଘାତକ ବୋଲିଂ ପ୍ରଦର୍ଶନ କରିଛନ୍ତି। ଏହା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୦ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ କୌଣସି ଖେଳାଳି ବଡ଼ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲେ। ତେବେ ବିରାଟ କୋହଲି ସର୍ବାଧିକ ୪୩, ଅଧିନାୟକ ରଜତ ପାଟିଦାର ୨୬, ଲିଆମ ଲିଭିଂଷ୍ଟୋନ ୨୫, ମୟଙ୍କ ଅଗରୱାଲ ଓ ଜିତେଶ ଶର୍ମା ୨୪ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ପଞ୍ଜାବ ପକ୍ଷରୁ କାଏଲ ଜାମିସନ ଓ ଅର୍ଶଦୀପ ସିଂ ସର୍ବାଧିକ ୩ଟି ଲେଖାଏଁ ୱିକେଟ ପାଇଥିଲେ। ସୂଚନାଯୋଗ୍ୟ ଏହି ଟୁର୍ଣ୍ଣାମେଣ୍ଟର ୧୮ତମ ସଂସ୍କରଣ ଚାଲିଥିଲାବେଳେ ଫାଇନାଲର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦଳ ୪ଥର ଫାଇନାଲ ଖେଳିଥିଲେ ମଧ୍ୟ କେହି ଥରେ ହେଲେ ଚାମ୍ପିଅନ ହୋଇ ନାହାନ୍ତି। ଏଥର ଆଇପିଏଲ୍ ଏକ ନୂଆ ଚାମ୍ପିଅନ ଦଳ ପାଇବା ନିଶ୍ଚିତ ହୋଇଛି।

### ଟସ୍ ଜିତିଲେ ଶ୍ରେୟସ ଆୟର

ମୁମ୍ବାଇ ବିପକ୍ଷରେ କ୍ୱାଲିଫାୟର-୨ ମୁକାବିଲାକୁ ଏକାକୀ ଜିତାଇଥିବା ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଏଠାରେ ଟସ୍ ଜିତିବା ପରେ ବେଙ୍ଗାଲୁରୁକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ବେଙ୍ଗାଲୁରୁର ଦୁଇ ଓପନର ବିରାଟ କୋହଲି ଓ ଫିଲିପ ସଲ୍ଟ ଆରମ୍ଭରୁ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ପଞ୍ଜାବ ବୋଲିଂକୁ ଉଚିତ ମୁକାବିଲା କରିପାରି ନ ଥିଲେ ବେଙ୍ଗାଲୁରୁ ବ୍ୟାଟର। ଗୋଟିଏ ପଟେ ବିରାଟ କୋହଲି ଦୁର୍ଗ ଜଗିଥିଲାବେଳେ ଅନ୍ୟ ପଟେ ଜଣଙ୍କ ପରେ ଜଣେ ଦ୍ରୁତ ରନ୍ କରି ଆଉଟ ହୋଇଥିଲେ। ପ୍ରଥମେ ସଲ୍ଟ ୯ ବଲ୍‌ରେ ୧୬, ଦ୍ୱିତୀୟରେ ମୟଙ୍କ ଅଗରୱାଲ ୧୮ ବଲ୍‌ରେ ୨୪, ତୃତୀୟରେ ଅଧିନାୟକ ରଜତ ପାଟିଦାର ୧୬ ବଲ୍‌ରେ ୨୬ ରନ୍ କରି ଆଉଟ ହୋଇଥିଲେ। ଟପ୍ ଅର୍ଡରରେ ୩ଜଣ ବ୍ୟାଟରଙ୍କ ଆଉଟ ପରେ ବିରାଟଙ୍କ ବ୍ୟାଟ୍‌ରୁ ଏକ ଲମ୍ବା ଇନିଂସ ଆଶା କରାଯାଉଥିଲା। ସେ ମଧ୍ୟ ଦମ୍‌ର ସହ ବ୍ୟାଟିଂ କରୁଥିଲେ। ଲିଆମ ଲିଭିଂଷ୍ଟୋନ୍‌ଙ୍କ ସହ ଦ୍ରୁତ ରନ୍ ସଂଗ୍ରହ କରୁଥିଲାବେଳେ ଆଜମତୁଲ୍ଲା ଓମରଜାଇଙ୍କ ଏକ ମନ୍ଥର ବଲ୍‌କୁ ଖେଳି ନ ପାରି କ୍ୟାଚ୍ ଆଉଟ ହୋଇଥିଲେ। ଧୈର୍ଯ୍ୟର ସହ ଖେଳୁଥିବା କୋହଲି ୩୫ ବଲ୍‌ରେ ମାତ୍ର ୩ଟି ଚୌକା ମାରି ୪୩ ରନ୍‌ରେ ଓମରଜାଇଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ।

କୋହଲିଙ୍କ ଆଉଟ ସହ ବେଙ୍ଗାଲୁରୁର ଉତ୍ସାହ ଉଡିଯାଇଥିଲା। ଲିଭିଂଷ୍ଟୋନ୍ ୧୫ ବଲ୍‌ରୁ ୨୪, ଜିତେଶ ଶର୍ମା ୧୦ ବଲ୍‌ରୁ ୨୪ ରନ୍ କରିଥିଲେ। ଦଳ ପକ୍ଷରୁ କେହି ବଡ଼ ସ୍କୋର କରି ପାରି ନ ଥିଲେ। ଯାହା ଫଳରେ ଚତୁର୍ଥ ଫାଇନାଲ ଖେଳୁଥିବା ବେଙ୍ଗାଲୁରୁ ଏକ ବିଶାଳ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ପଞ୍ଜାବ ପକ୍ଷରୁ ଏହି ମ୍ୟାଚ୍‌ରେ ସମସ୍ତ ବୋଲର ଶୃଙ୍ଖଳାର ସହ ବୋଲିଂ କରିଥିଲେ। ସେମାନଙ୍କ ମଧ୍ୟରୁ କାଏଲ ଜାମିସନ ୪୮ ରନ୍‌ରେ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଆମତୁଲ୍ଲା ଓମରଜାଇ, ବିଜୟ କୁମାର ବ୍ୟାସକ ଓ ଯୁଜବେନ୍ଦ୍ର ଚହଲ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ପୁରସ୍କାର ରାଶି

ଏଥର ଆଇପିଏଲ୍‌ରେ ଗୋଟିଏ ନୂଆ ଦଳକୁ ଟ୍ରଫି ଜିତିବାର ସୌଭାଗ୍ୟ ମିଳିଛି। ଚାମ୍ପିଅନ ଦଳକୁ ଏଥର ଟ୍ରଫି ସହ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ରନର୍ସଅପ୍ ବିବେଚିତ ଦଳ ୧୨.୫ କୋଟି ଟଙ୍କାରେ ସନ୍ତୁଷ୍ଟ ରହିଛି। ଏଲିମିନେଟର୍‌ରେ ହାରି ବିଦାୟ ନେଇଥିବା ଗୁଜରାଟ ୬.୫ କୋଟି ଟଙ୍କା ପାଇଛି। ସେହିଭଳି କ୍ୱାଲିଫାୟର-୨ରେ ହାରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୭ କୋଟି ଟଙ୍କା ସାଙ୍ଗରେ ନେଇଛି।



# ସୁଦର୍ଶନଙ୍କୁ ଅରେଞ୍ଜ, କ୍ରିଷ୍ଣାଙ୍କୁ ପର୍ପଲ କ୍ୟାପ୍

ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଶେଷ ହୋଇଯାଇଛି। ଏଥର ଗୁଜରାଟ ଟାଇଟନ୍ସ ଖେଳାଳି ଉଭୟ ଅରେଞ୍ଜ କ୍ୟାପ୍ ଓ ପର୍ପଲ କ୍ୟାପ୍ ହାତେଇ ନେଇଛନ୍ତି। ଗୁଜରାଟର ବାମହାତୀ ଓପନର୍ ସାଇ ସୁଦର୍ଶନ ଦମ୍‌ଦାର ପ୍ରଦର୍ଶନ କରି ଆଇପିଏଲ୍ ୨୦୨୫ର ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର୍ ହେବା ସହ ଅରେଞ୍ଜ କ୍ୟାପ୍ ଅଧିକାରୀ ହୋଇଛନ୍ତି। ସେ ୧୫ ମ୍ୟାଚ୍ ଖେଳି ୫୪.୨୧ ହାରରେ ସର୍ବାଧିକ ୭୫୯ ରନ ସଂଗ୍ରହ କରିଛନ୍ତି। ଏଥର ଆଇପିଏଲ୍‌ରେ ତାଙ୍କ ବ୍ୟାଟର୍‌ରୁ ଗୋଟିଏ ଶତକ ଓ ୬ଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ସେ ୮୮ ଚୌକା ଓ ୨୧ ଛକା ମାରିଥିଲେ। ଏଭଳି ଦମ୍‌ଦାର ପ୍ରଦର୍ଶନ ସତ୍ତ୍ୱେ ତାଙ୍କ ଦଳ କ୍ୱାଲିଫାୟର-୨ରେ ପରାସ୍ତ ହୋଇ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥଲା।

ଅପରପକ୍ଷରେ ସେହି ଗୁଜରାଟର ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଏଥର ଆଇପିଏଲ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ଭାବେ ପର୍ପଲ କ୍ୟାପ୍ ଜିତିଛନ୍ତି। ପ୍ରସିଦ୍ଧ ୧୫ ମ୍ୟାଚରେ ୨୫ ୱିକେଟ୍ ନେଇଛନ୍ତି। ପ୍ରତି ୧୯ ରନ ବ୍ୟୟରେ ସେ ଗୋଟିଏ ୱିକେଟ୍ ପାଇଛନ୍ତି। ୪୧ ରନରେ ୪ ୱିକେଟ୍ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ସେହିଭଳି ଓଭର ପିଛା ସେ ୮.୨୭ ରନ ବ୍ୟୟ କରିଛନ୍ତି। ପୁରସ୍କାର ବାବଦକୁ ସୁଦର୍ଶନ ଓ ପ୍ରସିଦ୍ଧ ୧୦ ଲକ୍ଷ ଟଙ୍କା ଲେଖାଏ ପାଇଛନ୍ତି।

**ସର୍ବାଧିକ ରନ (ଅରେଞ୍ଜ କ୍ୟାପ୍)**

| ବ୍ୟାଟର୍ | ଇନିଂସ | ରନ୍ | ହାରାହାରି | ୧୦୦/୫୦ |
|---|---|---|---|---|
| ସାଇ ସୁଦର୍ଶନ | ୧୫ | ୭୫୯ | ୫୪.୨୧ | ୧/୬ |
| ସୂର୍ଯ୍ୟକୁମାର ଯାଦବ | ୧୬ | ୭୧୭ | ୬୫.୧୮ | ୦/୫ |
| ଶୁବମନ ଗିଲ୍ | ୧୫ | ୬୫୦ | ୫୦.୦୦ | ୦/୬ |
| ମିଚେଲ ମାର୍ଶ | ୧୩ | ୬୨୭ | ୪୮.୨୩ | ୧/୬ |
| ବିରାଟ କୋହଲି | ୧୫ | ୬୧୪ | ୫୫.୮୧ | ୦/୮ |
| ଶ୍ରେୟସ ଆୟର | ୧୭ | ୬୦୩ | ୫୪.୮୧ | ୦/୬ |

**ସର୍ବାଧିକ ୱିକେଟ (ପର୍ପଲ କ୍ୟାପ୍)**

| ବୋଲର୍ | ମ୍ୟାଚ୍ | ୱିକେଟ | ହାରାହାରି | ଶ୍ରେଷ୍ଠ |
|---|---|---|---|---|
| ପ୍ରସିଦ୍ଧ କ୍ରିଷ୍ଣା | ୧୫ | ୨୫ | ୧୯.୫୨ | ୪/୪୧ |
| ନୁର୍ ଅହମ୍ମଦ | ୧୪ | ୨୪ | ୧୭.୦୦ | ୪/୧୮ |
| ଟ୍ରେଣ୍ଟ ବୋଲ୍ଟ | ୧୬ | ୨୨ | ୨୩.୫୦ | ୪/୨୬ |
| ଜୋଶ୍ ହାଜଲେଉଡ୍ | ୧୨ | ୨୧ | ୧୫.୮୦ | ୪/୩୩ |
| ସାଇ କିଶୋର | ୧୫ | ୧୯ | ୨୦.୬୮ | ୩/୩୦ |
| ଯଶପ୍ରୀତ୍ ବୁମ୍‌ରା | ୧୨ | ୧୮ | ୧୭.୫୫ | ୪/୨୨ |
| ଅର୍ଶଦୀପ୍ ସିଂହ | ୧୭ | ୧୮ | ୨୭.୮୮ | ୩/୧୬ |

# ଉଦ୍‌ଯାପନୀ ଉତ୍ସବରେ 'ଅପରେସନ ସିନ୍ଦୂର'

ଅହମ୍ମଦାବାଦ,୩।୬(ଏଜେନ୍ସି): ଫାଇନାଲ ମୁକାବିଲା ପୂର୍ବରୁ ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପାଖାପାଖି ଏକ ଲକ୍ଷ ୩୦ ହଜାର ଦର୍ଶକଙ୍କ ଉପସ୍ଥିତରେ ଆୟୋଜିତ ଏହି ରଙ୍ଗାରଙ୍ଗ ଉତ୍ସବର ଥିମ୍ ଅର୍ଥାତ ମୁଖ୍ୟ ଆକର୍ଷଣ 'ଅପରେସନ ସିନ୍ଦୂର' ଥିଲା। ଏଥିରେ ମନୋମୁଗ୍ଧକର ଏୟାର ଶୋ ଦେଖିବାକୁ ମିଳିଥିଲା। ଏହି ଅବସରରେ ଭାରତୀୟ ବାୟୁସେନା ବିମାନ ମାଧ୍ୟମରେ ତ୍ରିରଙ୍ଗା ଫରମେସନ କରି ଦର୍ଶକଙ୍କୁ ବିମୋହିତ କରିଥିଲା। ଷ୍ଟାଡିୟମରେ ଏକ ବଡ଼ ସ୍କ୍ରିନରେ ଭାରତୀୟ ବାୟୁସେନାର ପରାକ୍ରମକୁ ପ୍ରଦର୍ଶିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଲିଉଡ ଗାୟକ ଶଙ୍କର ମହାଦେବନ ନିଜ ପୁଅ ସିଦ୍ଧାର୍ଥ ଓ ଶିବମଙ୍କ ସାଥି ହୋଇ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେ 'ମେ ରହୁ ନା ରହୁ, ଭାରତ ରହନା ଚାହିଏ', 'ଏ ବତନ ବତନ ମେରେ ଆବଦ ରହେ ତୁ', 'ସବ୍‌ସେ ଆଗେ ହିନ୍ଦୁସ୍ଥାନୀ', 'ସୁନ ଗୋର ସେ ଦୁନିଆବାଲୋ' ଓ 'ବନ୍ଦେ ମାତରମ୍'ଭଳି ଦେଶଭକ୍ତି ସମ୍ପର୍ଣ୍ଣ ଗୀତ ଗାଇ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ। ଏହାପୂର୍ବରୁ କଳାକାରମାନେ ବି ପ୍ରାକଙ୍କ 'ତେରେ ମିଟି'ରେ ଜବରଦସ୍ତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଷ୍ଟାଡିୟମରେ ଏକାଧିକ ବଲିଉଡ ତାରକା ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଆଇପିଏଲ୍ ଉଦ୍‌ଯାପନୀ ଝଲକ୍














PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS